ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୭/୨୦୨୩ (୧୪ ପୃଷ୍ଠା) | Bhubaneswar, Wednesday, December 27/2023 | Page 14 | ₹ 7.00 | RAYAGADA
୫୦ଶ ଭାଗ ୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 34 | ମୂଲ୍ୟ ₹୭/-



୨୦୦୪ ସୁନାମିକୁ ୧୯ ବର୍ଷ: ମୃତକଙ୍କ ଉଦ୍ଦେଶ୍ୟରେ ମତ୍ସ୍ୟଜୀବୀ ପରିବାରର ମହିଳା ପୁରୁଷମାନେ ଚେନ୍ନାଇର ମାରିନା ବିଚ୍‌ରେ ମଙ୍ଗଳବାର ପୂଜାର୍ଚ୍ଚନା କରୁଛନ୍ତି।

# ମଣିଷ ମୃତ୍ୟୁରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର, ୨୬।୧୨**
**(ଅସମାପିକା ସାହୁ)**

ରାଜ୍ୟରେ ହାତୀ-ମଣିଷ ଲଢ଼େଇ ବଢ଼ିବାରେ ଲାଗିଛି। ଏହାକୁ ରୋକିବାରେ ବନ ବିଭାଗ ଫେଲ୍ ମାରିଛି। ଏହି ପ୍ରସଙ୍ଗ ସାରା ଦେଶ ପାଇଁ ଏକ ଚିନ୍ତାଜନକ ବିଷୟ ହୋଇଥିବାବେଳେ ହାତୀଙ୍କ ଦ୍ୱାରା ମଣିଷ ଜୀବନ ହାନିରେ ଓଡ଼ିଶା ଦେଶରେ ଏକ ନମ୍ବରରେ ରହିଛି। ଗତ ୩ବର୍ଷ ହେଲା ସାରା ଦେଶରେ ହାତୀଙ୍କ ଦ୍ୱାରା ମଣିଷ ମୃତ୍ୟୁ ଘଟଣା ବଢ଼ିବାରେ ଲାଗିଛି। ଓଡ଼ିଶାରେ ଏହି ସଂଖ୍ୟା ଅଧିକ ରହୁଛି। ଏହାକୁ ଦେଖିଲେ ରାଜ୍ୟ ସରକାର ହାତୀ ସୁରକ୍ଷା ପାଇଁ ଯେତିକି ଚିନ୍ତା କରୁଛନ୍ତି, ମନୁଷ୍ୟ ମୃତ୍ୟୁକୁ ସେତିକି ଗୁରୁତ୍ୱ ଦେଉ ନ ଥିବା ମନେହେଉଛି। କେନ୍ଦ୍ର ସରକାରଙ୍କ ତଥ୍ୟାନୁସାରେ, ହାତୀ ଆକ୍ରମଣରେ ୨୦୨୦-୨୧ରେ ଦେଶରେ ୪୬୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୧-୨୨ରେ ୫୩୫ ଏବଂ ୨୦୨୨-୨୩ରେ ୬୦୫ ଜଣଙ୍କ ମୃତ୍ୟୁ ହୋଇଛି। ଉଦ୍‌ବେଗଜନକ କଥା ହେଉଛି ଓଡ଼ିଶା ଏହି ତାଲିକାରେ ଏକ ନମ୍ବର ସ୍ଥାନରେ ରହିବାର ଦୁର୍ନାମ ମୁଣ୍ଡେଇଛି। ପ୍ରତିବର୍ଷ ଦେଶରେ ହାତୀ ଦ୍ୱାରା ମରିଥିବା ଲୋକଙ୍କ ସଂଖ୍ୟାର ୨୦ପ୍ରତିଶତରୁ ଊର୍ଦ୍ଧ୍ୱ କେବଳ ଓଡ଼ିଶାର ରହୁଛି। ଗତବର୍ଷ ଏହି ହାର ପାଖାପାଖି ୨୫ପ୍ରତିଶତ ରହିଥିଲା।

ସୂଚନାନୁସାରେ, ୨୦୨୦-୨୧ରେ ଓଡ଼ିଶାରେ ହାତୀ ଦ୍ୱାରା ୯୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏକ ନମ୍ବର ସ୍ଥାନରେ ରହିଥିଲା। ସେହିଭଳି ୨୦୨୧-୨୨ରେ ଏହି ସଂଖ୍ୟା ୧୧୨କୁ ବୃଦ୍ଧି ପାଇଥିଲା। ତେବେ ସେହିବର୍ଷ ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିଲା ଓଡ଼ିଶା। ୧୩୩ ସହ ଝାଡ଼ଖଣ୍ଡ ପ୍ରଥମ ସ୍ଥାନରେ ରହିଥିଲା। ୨୦୨୨-୨୩ରେ ପୁଣି ଦେଶ ସହିତ ଓଡ଼ିଶାରେ ବି ଏହି ସଂଖ୍ୟା ବଢ଼ିଛି। ଓଡ଼ିଶା ୧୪୮ ଜଣଙ୍କ ମୃତ୍ୟୁ ସହିତ ଏକ ନମ୍ବର ସ୍ଥାନରେ ଅଛି। ବିଶେଷ କରି ୨୦୨୩ ଏପ୍ରିଲ ଓ ଜୁନ୍ ମଧ୍ୟରେ ରାଜ୍ୟରେ ହାତୀ ଆକ୍ରମଣରେ ୫୭ଜଣଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ପୂର୍ବତନ ପିସିସିଏଫ୍ ବି. କେ ପଟ୍ଟନାୟକ କହିଛନ୍ତି, ହାତୀ-ମଣିଷ ମୁହାଁମୁହିଁରେ ଉଭୟ ହାତୀ ଓ ମଣିଷର କ୍ଷତି ହୋଇଥାଏ। ଗତ କିଛିବର୍ଷ ହେବ ମଣିଷଙ୍କ ମୃତ୍ୟୁ ସଂଖ୍ୟା ବଢ଼ୁଥିବା ଦେଖାଯାଉଛି। ଏହାର ମୁଖ୍ୟ କାରଣ ହେଉଛି ସାଧାରଣ ଲୋକ। ଜଙ୍ଗଲରେ ହାତୀଙ୍କ ବାସସ୍ଥଳୀ ଅଭାବରୁ ହାତୀମାନେ ବାହାରକୁ ଆସୁଛନ୍ତି। ତାକୁ ଘଉଡ଼ାଇଲା ବେଳେ ଜନସାଧାରଣଙ୍କ ଗହଳି ହେଉଛି। ଯାହାଫଳରେ ହାତୀ ଉଗ୍ରରୂପ ନେଇ ଆକ୍ରମଣ କରିବାକୁ ଚେଷ୍ଟା କରୁଛି। ତେଣୁ ଏହି ଘଟଣାରେ ଉଭୟ ବନ ବିଭାଗ ଓ ଜନସାଧାରଣ ସଚେତନ ହେବା ଜରୁରୀ। ଆବଶ୍ୟକ ହାତୀ ଚଳାପଥ ଏବଂ ଉପଯୁକ୍ତ ଖାଦ୍ୟ ମିଳିଲେ ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ନ ଯାଇ ଗୋଟିଏ ଜଙ୍ଗଲରୁ ଆଉ ଗୋଟିଏ ଜଙ୍ଗଲକୁ ଯାଆନ୍ତେ ବୋଲି ପଟ୍ଟନାୟକ କହିଛନ୍ତି। ଏନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ମଣିଷ ଯେପର୍ଯ୍ୟନ୍ତ ନିଜର ଫସଲକୁ ହାତୀ କବଳରୁ ରକ୍ଷା କରିବା ପାଇଁ ଚେଷ୍ଟା କରୁଥିବ, ସେପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା କମିବା କଷ୍ଟକର। ଫସଲ ପାଇଁ ଦିଆଯାଉଥିବା କ୍ଷତିପୂରଣ ଅର୍ଥ ରାଶିକୁ ଠିକ୍ ଭାବରେ ବଢ଼େଇବା ଦରକାର। ଏ ନେଇ ପିସିସିଏଫ୍(ବନ୍ୟପ୍ରାଣୀ)ଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ଉତ୍ତର ମିଳିପାରିନାହିଁ।

## ବଢୁଛି ହାତୀ-ମଣିଷ ଲଢ଼େଇ



# ଦୈନିକ ୫୮୨ ଟେକ୍ କର୍ମଚାରୀ ଛଟେଇ

**ନୂଆଦିଲ୍ଲୀ,୨୬।୧୨**
**(ଆଇଏଏନ୍‌ଏସ୍)**

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଅନେକ ନିଯୁକ୍ତ ଲୋକଙ୍କ ନିଯୁକ୍ତି ପ୍ରତି ବିପଦ ସୃଷ୍ଟି କରିଥିବାବେଳେ ସାରା ବିଶ୍ୱର ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ନିଜ କର୍ମଚାରୀମାନଙ୍କୁ ଛଟେଇ କରିବାରେ ଲାଗିଛନ୍ତି। ଏପରି କି ଛୁଟି ଦିନଗୁଡ଼ିକରେ ବି ଚାକିରିରୁ ବିଦା କରିବାକୁ ପଛାଉ ନାହାନ୍ତି। ସାରା ବିଶ୍ୱରେ ଷ୍ଟାର୍ଟଅପ୍ ଓ ଟେକ୍ କମ୍ପାନୀଗୁଡ଼ିକ ଗତ ୨ ବର୍ଷ ମଧ୍ୟରେ (୨୦୨୩ ଡିସେମ୍ବର ୨୬ ସୁଦ୍ଧା) ୪,୨୫,୦୦୦ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ଏହି ଅବଧି ମଧ୍ୟରେ ଭାରତରେ ୩୬,୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନିଯୁକ୍ତି ହରାଇଛନ୍ତି।

ବଡ଼ ଟେକ୍ ଫାର୍ମ ଓ ଷ୍ଟାର୍ଟଅପ୍‌ଗୁଡ଼ିକ ବୈଶ୍ୱିକ ଆର୍ଥିକ ସ୍ଥିତିକୁ ଦେଖାଇ ନିଜ କର୍ମଚାରୀଙ୍କୁ ବିଦା କରିବାର ଧାରା ବଜାୟ ରଖିଛନ୍ତି। ଟେକ୍ନୋଲୋଜି ସେକ୍ଟରର ନିଯୁକ୍ତି ଛଟେଇ ଉପରେ ଅନୁଧ୍ୟାନ କରୁଥିବା ଲେଅଫ୍.ଡଟ୍.ଏଫ୍‌ୱାଇଆଇ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ସଦ୍ୟତମ ତଥ୍ୟାନୁସାରେ ୧,୧୭୮ ଟେକ୍ କମ୍ପାନୀ ଚଳିତବର୍ଷ ୨,୬୦,୭୭୧ କର୍ମଚାରୀଙ୍କୁ ବିଦା କଲେଣି। ୨୦୨୨ରେ ୧,୦୬୧ ଟେକ୍ କମ୍ପାନୀ ୧,୬୪,୭୬୯ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦେଇଥିଲେ। ଅର୍ଥାତ୍ ଗତ ୨ ବର୍ଷରେ ଦିନକୁ ପ୍ରାୟ ୫୮୨ କର୍ମଚାରୀ ନିଜ ଚାକିରି ହରାଇଛନ୍ତି। ଘଣ୍ଟାକୁ ୨୪ ଜଣ ଚାକିରିରୁ ବିଦା ☞ପୃଷ୍ଠା-୪

## ଆଜିଠୁ ଭୁବନେଶ୍ୱରରୁ ଝାରସୁଗୁଡ଼ା ବିମାନ ଉଡ଼ାଇବ ଆଲିଆନ୍ସ ଏୟାର

**ଭୁବନେଶ୍ୱର, ୨୬।୧୨**
**(ଅସମାପିକା ସାହୁ)**

ରାଜ୍ୟରେ ବ୍ୟାପକ ହେଉଛି ବିମାନ ସେବା। ଯାତାୟାତ ସୁବିଧା ସହ ରାଜ୍ୟ ଅର୍ଥନୀତିର ବିକାଶ ପାଇଁ ରାଜ୍ୟ ସରକାର ବିମାନ ସେବାରେ ନୂଆ ପଦକ୍ଷେପ ନେବା ସହ ଅଧିକରୁ ଅଧିକ ଅଞ୍ଚଳକୁ ଏଥିରେ ଯୋଡୁଛନ୍ତି। ସରକାରଙ୍କ ଆର୍ଥିକ ସହାୟତାରେ ବୁଧବାରଠାରୁ ଭୁବନେଶ୍ୱରରୁ ଝାରସୁଗୁଡ଼ାକୁ ସିଧାସଳଖ ବିମାନସେବା ଆରମ୍ଭ କରିବ ଆଲିଆନ୍ସ ଏୟାର। ଏହି ବିମାନ ସପ୍ତାହକୁ ସୋମବାର, ବୁଧବାର, ଶୁକ୍ରବାର ଏବଂ ରବିବାର ୪ଦିନ ଚଳାଚଳ କରିବ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଅପରାହ୍ନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଏଆଇ: ନିୟନ୍ତ୍ରଣ ଲୋଡ଼ା

# ଖେଳରତ୍ନ, ଅର୍ଜୁନ ପୁରସ୍କାର ଫେରାଇଲେ ଭିନେଶ

**ନୂଆଦିଲ୍ଲୀ, ୨୬।୧୨(ପି.ଟି.)**

ବିବାଦ ଘେରରେ ରହିଥିବା ଏମ୍‌ପି ତଥା ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ଅନୁଗତ ସଞ୍ଜୟ ସିଂ ମହାସଂଘର ସଭାପତି ଭାବେ ନିର୍ବାଚିତ ହେବାପରେ ବିବାଦ କ୍ରମେ ଘନେଇବାରେ ଲାଗିଛି। ଏହାକୁ ବିରୋଧ କରି ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଭିନେଶ ଫୋଗଟ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ଚିଠି ଲେଖି ସରକାରଙ୍କୁ ତାଙ୍କ ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ଫେରାଇ ଦେଇଛନ୍ତି। ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ଓ ବଧିର ଅଲିମ୍ପିକ୍ସ ଚାମ୍ପିୟନ ବୀରେନ୍ଦର ସିଂ ଯାଦବ ସେମାନଙ୍କ ପଦ୍ମଶ୍ରୀ ପୁରସ୍କାର ଫେରସ୍ତ କରିବା ପରେ ଏବେ ଭିନେଶ ନିଷ୍ପତ୍ତି ନେଇଛନ୍ତି। ସେ ତାଙ୍କ 'ଏକ୍ସ' (ପୂର୍ବରୁ ଟୁଇଟର) ଆକାଉଣ୍ଟରେ ପୋଷ୍ଟ କରିଥିବା ଏହି ଚିଠି ଜରିଆରେ ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ଫେରାଇ ଦେଇଥିବା ଘୋଷଣା କରିଛନ୍ତି। ☞ପୃଷ୍ଠା-୪



ଭିନେଶ ଫୋଗଟ

# ଶାଶୁଙ୍କୁ ହତ୍ୟା: ୨୮ବର୍ଷ ପରେ ଗିରଫ

**ବ୍ରହ୍ମପୁର,୨୬।୧୨**
**(ସୁବାସ ଚନ୍ଦ୍ର ପାଢ଼ୀ)**

ତାମିଲନାଡୁର ଚେନ୍ନାଇରେ ଶାଶୁଙ୍କୁ ହତ୍ୟା କରି ୨୮ ବର୍ଷ ହେଲା ଫେରାର୍ ଥିବା ବ୍ୟକ୍ତି ବ୍ରହ୍ମପୁରରୁ ଗିରଫ ହୋଇଛନ୍ତି। ସେ ହେଲେ ହରିହର ପାଢୋଶୀ। ବ୍ରହ୍ମପୁରର ହରିହର ଆସିକାରେ ଦ୍ୱିତୀୟ ବିବାହ କରିଥିଲେ। ସେ ନିୟମିତ ନିଜର ଠିକଣା ବଦଳାଉଥିଲେ। ମଙ୍ଗଳବାର ଟ୍ରେନ୍ ଯୋଗେ ଅନ୍ୟତ୍ର ଚାଲିଯିବାକୁ ଉଦ୍ୟମ କରୁଥିଲେ। ଗୋଷାଣିନୂଆଗାଁ ପୋଲିସ ସହାୟତାରେ ଚେନ୍ନାଇ ପୋଲିସ ତାଙ୍କୁ ଗିରଫ କରିଛି। ହରିହରଙ୍କୁ ସିଜେଏମ୍‌ଙ୍କ କୋର୍ଟରେ ହାଜର ପରେ ଚେନ୍ନାଇ ପୋଲିସ ୫ ଦିନିଆ ଟ୍ରାନଜିଟ୍ ରିମାଣ୍ଡରେ ନେଇଛି।

ଘଟଣାରୁ ପ୍ରକାଶ, ହରିହର ୧୯୯୪ରେ ଚେନ୍ନାଇର ଏକ ପ୍ରିଣ୍ଟିଂ ପ୍ରେସରେ କାମ କରୁଥିଲେ। ଏହି ସମୟରେ ସେଠାକାର ଟେଲି ମାର୍କେଟିଂ କମ୍ପାନୀରେ କାମ କରୁଥିବା ଇନ୍ଦିରା ନାମ୍ନୀ ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ସେହିବର୍ଷ ଜୁଲାଇ ୧୪ ତାରିଖରେ ଦୁହେଁ ବିବାହ କରିଥିଲେ। କିଛିମାସ ପରେ ପାରିବାରିକ କଳହରୁ ପରସ୍ପରଠାରୁ ☞ପୃଷ୍ଠା-୪

# ମେନୁରେ ମଟନ୍ ବୋନ୍ ମ୍ୟାରୋ ନ ଥିବାରୁ ବାହାଘର ଭାଙ୍ଗିଲା

**ହାଇଦ୍ରାବାଦ,୨୬।୧୨**

ଭୋଜି ମେନୁରେ ମଟନ ବୋନ୍ ମ୍ୟାରୋ ନ ଥିବାରୁ ବର ପରିବାର କ୍ଷୁବ୍ଧ ହୋଇ ବାହାଘର ଭାଙ୍ଗିଦେଇଛନ୍ତି। ତେଲଙ୍ଗାନାର ନିଜାମାବାଦରେ ଏଭଳି ଅଭାବନୀୟ ଘଟଣା ଘଟିଛି। କନ୍ୟା ଘର ନିଜାମାବାଦ ହୋଇଥିବାବେଳେ ବର ଜଗତିଆଲ୍ ଅଞ୍ଚଳର। ଗତ ନଭେମ୍ବରରେ କନ୍ୟାଘରେ ସେମାନଙ୍କର ନିର୍ବନ୍ଧ ହୋଇଥିଲା। ଏଥିରେ ବର ପରିବାର ସଦସ୍ୟ, ସମ୍ପର୍କୀୟ ଓ ଅତିଥିମାନେ ଯୋଗଦେଇଥିଲେ। ତେବେ ନିର୍ବନ୍ଧ ଭୋଜିରେ କନ୍ୟା ପରିବାର ଅତିଥିମାନଙ୍କ ପାଇଁ ମଟନ୍ ବୋନ୍ ମ୍ୟାରୋ ବ୍ୟବସ୍ଥା କରି ନ ଥିଲେ। ମଟନ୍ ବୋନ୍ ମ୍ୟାରୋ ପରଷା ନ ଯିବାରୁ ନିର୍ବନ୍ଧ ପରେ ଗଣ୍ଡଗୋଳ ହୋଇଥିଲା। ପରିସ୍ଥିତି ଏଭଳି ହୋଇଥିଲା ଯେ ପୋଲିସ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଗଣ୍ଡଗୋଳ ନ କରିବାକୁ ସ୍ଥାନୀୟ ଥାନାର ଅଧିକାରୀ ବରପକ୍ଷ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ବୋନ୍ ମ୍ୟାରୋ ପରଷା ନ ଯିବା ସେମାନଙ୍କ ପ୍ରତି ଅପମାନ କହି ବରପକ୍ଷ ନରମିବାକୁ ରାଜି ହୋଇ ନ ଥିଲେ। ବୋନ୍ ମ୍ୟାରୋ ମେନୁରେ ନାହିଁ ବୋଲି କନ୍ୟାପକ୍ଷ ଜାଣିଶୁଣି ସେମାନଙ୍କୁ ଜଣାଇ ନ ଥିଲେ ବୋଲି ବରପକ୍ଷ ଯୁକ୍ତି ବାଢ଼ିଥିଲେ। ଶେଷରେ ବରପକ୍ଷ ବାହାଘର ଭାଙ୍ଗି ଚାଲିଯାଇଥିଲେ। ଏହା ଗତ ମାର୍ଚ୍ଚରେ ମୁକ୍ତିଲାଭ କରିଥିବା ତେଲୁଗୁ ଚଳଚ୍ଚିତ୍ର 'ବଲଗାମ୍'ର କାହାଣୀ ଭଳି ବୋଲି କେତେକେ କହିଛନ୍ତି। ଉକ୍ତ ଚଳଚ୍ଚିତ୍ରରେ ମଟନ୍ ବୋନ୍ ମ୍ୟାରୋ ପାଇଁ ଦୁଇ ପରିବାର ମଧ୍ୟରେ ବିବାଦରୁ ବାହାଘର ଭାଙ୍ଗିଯାଇଥିଲା।





## ସଂକ୍ଷେପରେ

### ପାକିସ୍ତାନରେ ନିର୍ବାଚନ ଲଢ଼ିବେ ପ୍ରଥମ ହିନ୍ଦୁ ମହିଳା


ଡା.ସବୀରା ପର୍‌କାଶ

**ପେଶାୱର,୨୬।୧୨(ପି.ଟି.):** ପାକିସ୍ତାନ ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶର ପ୍ରାଦେଶିକ ନିର୍ବାଚନରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟର ଜଣେ ମହିଳା ପ୍ରଥମ ଥର ପାଇଁ ପ୍ରାର୍ଥୀ ହୋଇଛନ୍ତି। ଡାକ୍ତର ଥିବା ସବୀରା ପର୍‌କାଶ ଶୁକ୍ରବାର ଖାଇବରପଖ୍‌ତୁନ୍‌ଖ୍ୱାର ବୁନେର ଜିଲା ଅନ୍ତର୍ଗତ ପିକେ-୨୫ ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହା ବ୍ୟତୀତ କେପିକେ ବିଧାନସଭାର ମହିଳାଙ୍କ ପାଇଁ ସଂରକ୍ଷଣ ଥିବା ଅନ୍ୟ ଏକ ଆସନ ପାଇଁ ମଧ୍ୟ ସେ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି। ଦଳର ସିନେଟର ରୁବିନା ଖାଲିଦଙ୍କ ଅନୁରୋଧକ୍ରମେ ସବୀରା ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି।

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜାତିସଂଘ ଦ୍ୱାରା ଘୋଷିତ ଆତଙ୍କବାଦୀ ହାଫିଜ ସୟିଦଙ୍କ ଦ୍ୱାରା ପ୍ରତିଷ୍ଠିତ ପାକିସ୍ତାନ ମର୍କାଜି ମୁସ୍‌ଲିମ୍ ଲିଗ୍ (ପିଏମ୍‌ଏମ୍‌ଏଲ୍) ଆଗାମୀ ସାଧାରଣ ନିର୍ବାଚନ ଲଢ଼ିବାକୁ ଯାଉଛି। ଏହି ଦଳର ନିର୍ବାଚନୀ ଚିହ୍ନ ଚେୟାର ରହିଛି। ଫେବୃୟାରୀ ୮ରେ ପାକିସ୍ତାନରେ ହେବାକୁ ଥିବା ନିର୍ବାଚନରେ ପ୍ରତି ଆସନରେ ଦଳ ପ୍ରାର୍ଥୀ ଦେବ। ହାଫିଜଙ୍କ ପୁଅ ତଲହା ସୟିଦ ଲାହୋର ଆସନରୁ ନିର୍ବାଚନ ଲଢ଼ିବେ ବୋଲି ଜଣାପଡ଼ିଛି।

### ଅପରାଧୀ-ପୋଲିସ ଏନ୍‌କାଉଣ୍ଟର:କନ୍‌ଷ୍ଟେବଲ ମୃତ

**କନୌଜ,୨୬।୧୨:** ଉତ୍ତରପ୍ରଦେଶର କନୌଜ ଜିଲାରେ ଏକ ଏନ୍‌କାଉଣ୍ଟରରେ ଜଣେ କନ୍‌ଷ୍ଟେବଲ ନିହତ ହୋଇଛନ୍ତି। ଜଣେ ପୁରୁଣା ଅପରାଧୀଙ୍କୁ ଗିରଫ କରିବା ପାଇଁ ପୋଲିସ ଟିମ୍ ଯାଇଥିବାବେଳେ ତାଙ୍କ ପରିବାର ସଦସ୍ୟମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ବିଶୁନ୍‌ଗଡ଼ ଥାନା ଅଞ୍ଚଳରେ ଘଟିଥିବା ଏହି ଗୁଳିବିନିମୟ ବେଳେ କନ୍‌ଷ୍ଟେବଲ ସଚିନ ରାଠି (୨୮) ଗୁରୁତର ଆହତ ହୋଇ କାନପୁର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ପୋଲିସର ପାଲଟା ଗୁଳିମାଡ଼ରେ ଅପରାଧୀ ଅଶୋକ କୁମାର ଓରଫ ମୁନ୍ନା ଯାଦବ ଏବଂ ତାଙ୍କ ପୁଅ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଶୋକ କୁମାରଙ୍କ ନାଁରେ ୨୦ ଅପରାଧ ସହ ଏକ ଜାମିନବିହୀନ ଗିରଫ ପରୱାନା ଥିଲା। ସେ ଘରେ ଥିବା ଖବର ପାଇ ସୋମବାର ପୋଲିସ ଟିମ୍ ତାଙ୍କୁ ଗିରଫ କରିବା ଲାଗି ପହଞ୍ଚିଥିଲା।

# ଦିଲ୍ଲୀରେ ଘନ କୁହୁଡ଼ି: ଅନ୍ୟ ଏୟାରପୋର୍ଟ ଗଲା ୧୨ ବିମାନ



ମଙ୍ଗଳବାର ସକାଳେ ନୂଆଦିଲ୍ଲୀର ଘନ କୁହୁଡି ମଧ୍ୟରେ ୨୪ ନଂ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ କରୁଛି।

**ନୂଆଦିଲ୍ଲୀ,୨୬।୧୨(ପି.ଟି.)**

ଦିଲ୍ଲୀ-ଏନ୍‌ସିଆର୍ ମଙ୍ଗଳବାର ସକାଳେ ଘନ କୁହୁଡ଼ିର ଆସ୍ତରଣରେ ଘୋଡ଼ାଇହୋଇ ରହିବା ସହ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ୍‌କୁ ହ୍ରାସ ପାଇଛି। ଘନ କୁହୁଡ଼ି ଯୋଗୁ ସ୍ୱଳ୍ପ ଦୂରତା ପର୍ଯ୍ୟନ୍ତ ଦୃଶ୍ୟ ହେଉଥିବାରୁ ୧୨ଟି ବିମାନକୁ ଅନ୍ୟତ୍ର ଅବତରଣ ପାଇଁ ପଠାଯାଇଥିବାବେଳେ ବହୁସଂଖ୍ୟାରେ ବିମାନ ଉଡ଼ାଣ ବିଳମ୍ବିତ ହୋଇଛି। ସକାଳ ୬ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଦିଲ୍ଲୀ ଆସୁଥିବା ୧୧ଟି ବିମାନକୁ ଜୟପୁର ପଠାଯାଇଥିବାବେଳେ ଲକ୍ଷ୍ନୌରେ ଗୋଟିଏ ବିମାନ ଅବତରଣ କରିଛି। ସକାଳେ ୩୦ରୁ ଊର୍ଦ୍ଧ୍ୱ ବିମାନର ଉଡ଼ାଣ ବିଳମ୍ବ ହୋଇଥିବା ଏୟାରପୋର୍ଟ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି। ଦିଲ୍ଲୀର ସଫଦରଜଙ୍ଗ, ଆନନ୍ଦବିହାର ଏବଂ ଇଣ୍ଡିଆ ଗେଟ୍ ଆଦି ଅଞ୍ଚଳରେ ଖୁବ୍ କମ୍ ମିଟର ପର୍ଯ୍ୟନ୍ତ ଦୃଶ୍ୟ ହେଉଥିଲା। ସେହିପରି କୁହୁଡ଼ି ଯୋଗୁ ୧୪ଟି ଟ୍ରେନ୍ ଦିଲ୍ଲୀରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। କୁହୁଡ଼ି ସତ୍ତ୍ୱେ ଦିଲ୍ଲୀର ବାୟୁ ମାନ ସୂଚକାଙ୍କ ୩୭୪ ରହିଛି, ଯାହାକି ଅତ୍ୟନ୍ତ ନିକୃଷ୍ଟ ମାନର।

# କଶ୍ମୀର ପାଲଟିବ ଗାଜା

### ପାକିସ୍ତାନ ସହ ଆଲୋଚନା ପାଇଁ ଫାରୁକ୍‌ଙ୍କ ପ୍ରସ୍ତାବ

### ଅଫିସରଙ୍କ ବଦଳି ନାଗରିକ ମୃତ୍ୟୁର ସମାଧାନ ନୁହେଁ

**ନୂଆଦିଲ୍ଲୀ,୨୬।୧୨**

ଭାରତ ଓ ପାକିସ୍ତାନ ଯଦି ଆଲୋଚନା ମାଧ୍ୟମରେ କଶ୍ମୀର ପ୍ରସଙ୍ଗର ସମାଧାନ ନ କରନ୍ତି, ତେବେ ଏହା ଗାଜା ଓ ପାଲେଷ୍ଟାଇନ୍ ଭଳି ଦଶା ଭୋଗିବେ ବୋଲି ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ମଙ୍ଗଳବାର କହିଛନ୍ତି। ଭାରତ ପଡୋଶୀ ଦେଶ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିଲେ ଉଭୟ ଦେଶର ବିକାଶ ହେବ ବୋଲି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। ଆମେ ଆମ ବନ୍ଧୁ ବଦଳାଇପାରିବା ହେଲେ ପଡୋଶୀ ନୁହେଁ ବୋଲି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ କହିଥିଲେ। ଯୁଦ୍ଧ ଏକ ବିକଳ୍ପ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିବାରୁ ଏବେ ଆଲୋଚନା ମାଧ୍ୟମରେ କଶ୍ମୀର ପ୍ରସଙ୍ଗର ସମାଧାନ ପାଇଁ ଉଦ୍ୟମ ହେଉ ବୋଲି ଫାରୁକ୍ କହିଛନ୍ତି। ନୱାଜ ଶରିଫ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେବା ଏକପ୍ରକାର ନିଶ୍ଚିତ ହୋଇଥିବାବେଳେ ଭାରତ ସହ ଆଲୋଚନା ପାଇଁ ସେମାନେ ପ୍ରସ୍ତୁତ ବୋଲି କହିସାରିଲେଣି। ତେବେ ଆଲୋଚନା ପାଇଁ ଆମେ ପ୍ରସ୍ତୁତ ନ ହେବା ପଛରେ କାରଣ କ'ଣ ବୋଲି ଫାରୁକ୍ ପ୍ରଶ୍ନ କରିଛନ୍ତି।


ଫାରୁକ୍ ଅବଦୁଲ୍ଲା

ପୁଞ୍ଚରେ ସେନା ଜେରା ପାଇଁ ଉଠାଇନେଇଥିବା ୩ ଜଣ ନାଗରିକଙ୍କ ମୃତ୍ୟୁ ଘଟଣାରେ ଫାରୁକ୍ କହିଛନ୍ତି, ସେନା ଅଫିସରଙ୍କୁ ବଦଳି କରିଦେବା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ ନାହିଁ। ନିରୀହ ଲୋକମାନଙ୍କୁ କ'ଣ ପାଇଁ ନିର୍ଯାତନା ଦେଇ ମାରିଦିଆଗଲା, ତାହାର ତଦନ୍ତ ପାଇଁ ସେ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାର ପୁଞ୍ଚରେ ୨ଟି ସେନା ଗାଡ଼ି ଉପରେ ଆତଙ୍କବାଦୀ ଆକ୍ରମଣ କରିବାରୁ ୪ ଜଣ ଯବାନ ଶହୀଦ ହୋଇଥିଲେ। ଏହି ଘଟଣାରେ ସେନା ୮ ଜଣ ସ୍ଥାନୀୟ ଲୋକଙ୍କୁ ନେଇ ପଚରାଉଚରା କରିଥିଲା। ୩ ଜଣଙ୍କୁ ନିର୍ମମ ଭାବେ ମାଡ଼ ମରାଯିବା ସହ ସେମାନଙ୍କ କ୍ଷତରେ ଲଙ୍କାଗୁଣ୍ଡ ଘଷାଯାଇଥିଲା। ନିର୍ଯାତନା ସହି ନ ପାରି ସେମାନଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୫ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ଇଟାଭାଟି ଭୁଶୁଡ଼ି ୬ ଶ୍ରମିକ ମୃତ

**ହରିଦ୍ୱାର,୨୬।୧୨**

ଉତ୍ତରାଖଣ୍ଡର ହରିଦ୍ୱାର ଜିଲାରେ ମଙ୍ଗଳବାର ଏକ ଇଟାଭାଟି ଭୁଶୁଡ଼ି ୬ ଶ୍ରମିକ ପ୍ରାଣ ହରାଇଥିବାବେଳେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ଜିଲାର ଲାହବୋଲି ଗ୍ରାମରେ ଏହି ଦୁର୍ଘଟଣା ଘଟିଛି। ପୋଲିସ ଘଟଣାର ତଦନ୍ତ କରୁଛି ଏବଂ ଯିଏ ଏହି ଦୁର୍ଘଟଣା ପାଇଁ ଦାୟୀ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ହରିଦ୍ୱାର ଏସ୍‌ଏସ୍‌ପି ପ୍ରମେନ୍ଦ୍ର ଡୋଭାଲ କହିଛନ୍ତି। ଇଟାଭାଟିର କାନ୍ଥ ଭୁଶୁଡ଼ିବା ବେଳେ ଶ୍ରମିକମାନେ କାମ କରୁଥିଲେ।

### ୮ ବର୍ଷ କୋମାରେ ଥିବା ସେନା ଅଫିସରଙ୍କ ମୃତ୍ୟୁ


କରନବୀର ସିଂ ନଟ୍ଟ

**ଶ୍ରୀନଗର,୨୬।୧୨**

ଦୀର୍ଘ ୮ ବର୍ଷ କାଳ କୋମାରେ ରହିବା ପରେ ସେନାର ଲ୍ୟୁଟ୍‌ନାଣ୍ଟ କଲୋନେଲ କରନବୀର ସିଂ ନଟ୍ଟଙ୍କର ଗତ ରବିବାର ପରଲୋକ ହୋଇଯାଇଛି। ସେନା ପଦକ ବିଜୟୀ ନଟ୍ଟ ୨୦୧୫ ନଭେମ୍ବର ୨୨ରେ ଜମ୍ମୁ-କଶ୍ମୀରର କୁପ୍‌ୱାରାରେ ତଲାସି ଅଭିଯାନରେ ସାମିଲ ଥିବାବେଳେ ଆତଙ୍କବାଦୀଙ୍କ ଆକ୍ରମଣରେ ଗୁରୁତର ହୋଇଥିଲେ। ତାଙ୍କ ମୁହଁରେ ଗୁଳି ବାଜିବାରୁ ସେ ସେବେଠାରୁ କୋମାରେ ରହି ମୃତ୍ୟୁ ସହ ସଂଗ୍ରାମ କରୁଥିଲେ।

## ନିଲମ୍ବନକୁ ଅସ୍ତ୍ର କରିଥିଲା ଶାସକ ଦଳ

### ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଜଣାଇଲେ ଖାର୍ଗେ

**ନୂଆଦିଲ୍ଲୀ,୨୬।୧୨(ପି.ଟି.)**

ଗଣତନ୍ତ୍ରକୁ ଦୁର୍ବଳ କରିବା, ପାର୍ଲାମେଣ୍ଟ ବ୍ୟବସ୍ଥାକୁ ନଷ୍ଟ କରିବା ଏବଂ ସମ୍ବିଧାନର ତଣ୍ଟି ଚିପିଦେବା ପାଇଁ ଏମ୍‌ପିମାନଙ୍କ ନିଲମ୍ବନକୁ ଶାସକ ଦଳ ଅସ୍ତ୍ର ଭାବେ ବ୍ୟବହାର କରିଥିଲା ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କୁ ପତ୍ର ଲେଖି ଜଣାଇଛନ୍ତି। ପାର୍ଲାମେଣ୍ଟ ପ୍ରତି ସରକାରଙ୍କ ଅତ୍ୟାଚାରୀ ଓ ଅଂହକାରୀ ମନୋଭାବକୁ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ପତ୍ର ଯଥାର୍ଥ ଦର୍ଶାଇବା ଦୁର୍ଭାଗ୍ୟଜନକ ବୋଲି ଖାର୍ଗେ କହିଛନ୍ତି। ଜଣେ ରାଜ୍ୟ ସଭା ଅଧ୍ୟକ୍ଷ ଭାବେ ନିରପେକ୍ଷତାର ସହ ତାଙ୍କ ଉଦ୍‌ବେଗକୁ ଅନୁଧ୍ୟାନ କରିବା ପାଇଁ ଖାର୍ଗେ ନିବେଦନ କରିଛନ୍ତି। ଏମ୍‌ପିମାନେ ଭୋଟରଙ୍କ ପ୍ରତିନିଧି। ୧୪୬ ଏମ୍‌ପିଙ୍କୁ ନିଲମ୍ବନ କରିବା ଦ୍ୱାରା ସେମାନଙ୍କ ଭୋଟରମାନଙ୍କ ସ୍ୱରକୁ ସରକାର ଚାପି ଦେଇଥିବା କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।



## ଫ୍ରାନ୍ସରେ ଅଟକ ଭାରତୀୟଙ୍କ ମଧ୍ୟରୁ ୨୭୬ ଫେରିଲେ

**ମୁମ୍ବାଇ,୨୬।୧୨**

ମାନବ ଚାଲାଣ ସନ୍ଦେହରେ ଫ୍ରାନ୍ସରେ ୪ ଦିନ ହେଲା ଅଟକ ଥିବା ୩୦୩ ଭାରତୀୟ ବିମାନଯାତ୍ରୀଙ୍କ ମଧ୍ୟରୁ ୨୭୬ ଜଣ ମଙ୍ଗଳବାର ଭୋର ସମୟରେ ମୁମ୍ବାଇରେ ପହଞ୍ଚିଛନ୍ତି। ସୋମବାର ଅପରାହ୍ନ ୨ଟା ୩୦ ମିନିଟରେ ଏୟାରବସ୍ ଏ୩୪୦ ୨୭୬ ଯାତ୍ରୀଙ୍କୁ ନେଇ ପ୍ୟାରିସ୍ ନିକଟ ଭଟ୍ରି ଏୟାରପୋର୍ଟରୁ ଉଡ଼ାଣ ଭରିଥିଲା। ୫ ନାବାଳକଙ୍କ ସମେତ ଅନ୍ୟ ୨୭ ଯାତ୍ରୀ ଫ୍ରାନ୍ସରେ ଶରଣ ପାଇଁ ଆବେଦନ କରିଥିବାରୁ ସେମାନେ ସେଠାରେ ରହିଛନ୍ତି। ସୂଚନାଯୋଗ୍ୟ, ଦୁବାଇରୁ ୩୦୩ ଜଣ ଭାରତୀୟଙ୍କୁ ନେଇ ନିକାରାଗୁଆ ଯାଉଥିବା ଏକ ବିମାନ ତେଲ ପକାଇବା ପାଇଁ ଫ୍ରାନ୍ସରେ ଅବତରଣ କରିଥିବାବେଳେ ସେଥିରେ ମାନବ ଚାଲାଣ ହେଉଥିବା ସନ୍ଦେହ କରି ଫ୍ରାନ୍ସ କର୍ତ୍ତୃପକ୍ଷ ବିମାନ ସମେତ ସମସ୍ତ ଯାତ୍ରୀଙ୍କୁ ଅଟକ ରଖିଥିଲେ। ତେବେ ଚାଲାଣ ସମ୍ପର୍କିତ କୌଣସି ପ୍ରମାଣ ନ ମିଳିବାରୁ ସେମାନଙ୍କୁ ଛାଡ଼ିଦେବା ଲାଗି ଅଦାଲତ ନିଷ୍ପତ୍ତି ନେଇଥିଲେ।


ଫ୍ରାନ୍ସରୁ ଫେରିଥିବା ଭାରତୀୟ ଯାତ୍ରୀ ମୁମ୍ବାଇ ବିମାନବନ୍ଦରରେ।

## ଫୁର୍‌ସତ୍

# ଡିସେମ୍ବର ୨୫ରେ ୟୁକ୍ରେନ୍ ପାଳିଲା ଖ୍ରୀଷ୍ଟମାସ୍

**କ୍ୱିଭ୍**

ୟୁକ୍ରେନ୍ ପ୍ରଥମଥର ପାଇଁ ଚଳିତବର୍ଷ ଡିସେମ୍ବର ୨୫କୁ ଖ୍ରୀଷ୍ଟମାସ୍ ଭାବେ ପାଳନ କରିଛି। ରୁଷିଆରେ ଅର୍ଥୋଡକ୍ସ ବିଶ୍ୱାସୀ ପ୍ରତିବର୍ଷ ଏହି ଦିନକୁ ଜାନୁୟାରୀ ୭ରେ ପାଳୁଥିଲେ। ତେବେ ୟୁକ୍ରେନ୍ ସରକାର ଗତ ଜୁଲାଇରେ ଏକ ଆଇନ ପାସ୍ କରି ଏହି ତାରିଖକୁ ବଦଳାଇଛନ୍ତି। ପୂର୍ବରୁ ୟୁକ୍ରେନ୍ ରୁଷିଆର ସମସ୍ତ ଉତ୍ସବ ଦିନକୁ ପାଳୁଥିଲା। ୟୁକ୍ରେନ୍ ସଂଯୁକ୍ତ ରାଷ୍ଟ୍ରର ଦିବସ ଅନୁସାରେ ସମସ୍ତ ଉତ୍ସବ ପାଳନ କରିବ ବୋଲି ରାଷ୍ଟ୍ରପତି ଭ୍ଲାଡିମିର ଜେଲେନ୍‌ସ୍କି ରବିବାର ସନ୍ଧ୍ୟାରେ ନ୍ୟୁଜ୍ ଏଜେନ୍ସି ଏଏଫ୍‌ପି ଜରିଆର ଖ୍ରୀଷ୍ଟମାସ୍ ବାର୍ତ୍ତା ଦେଇଥିଲେ। ଗ୍ରେଗୋରିଆନ କ୍ୟାଲେଣ୍ଡର ଅନୁସାରେ ୟୁକ୍ରେନ ଖ୍ରୀଷ୍ଟମାସ୍ ପାଳନ କରିବ ବୋଲି ନିଷ୍ପତ୍ତି ହୋଇଛି। ରୁଷିଆନ୍ ଅର୍ଥୋଡକ୍ସ ଚର୍ଚ୍ଚ ୟୁକ୍ରେନ୍ ପରମ୍ପରାଠାରୁ ପ୍ରବର୍ତ୍ତିତ। ତେବେ ରୁଷିଆନ୍ ଅର୍ଥୋଡକ୍ସ ଚର୍ଚ୍ଚ ପୁରୁଣା ଜୁଲିଆନ କ୍ୟାଲେଣ୍ଡର ବ୍ୟବହାରସ୍ୱରୂପ ଉତ୍ସବ ପାଳୁଛି। ୟୁକ୍ରେନ୍‌ର ଏହି ନିଷ୍ପତ୍ତିକୁ ସମର୍ଥନ କରିବା ଉଚିତ୍। କାରଣ ପରିବର୍ତ୍ତନ ସବୁବେଳେ କଷ୍ଟ ହୋଇଥାଏ, ଯାହାକୁ ସମର୍ଥନ ମିଳୁ ବୋଲି ୟୁକ୍ରେନ୍‌ର ତରୁଣ ଡ୍ୟାନିସ୍ କହିଛନ୍ତି। ତେବେ ୟୁକ୍ରେନ୍‌ର କିଛି ଲୋକ ଏବେ ମଧ୍ୟ ରୁଷିଆର ଅର୍ଥୋଡକ୍ସ ଚର୍ଚ୍ଚ ଏବଂ ଖ୍ରୀଷ୍ଟମାସ୍ ଦିନକୁ ପାଳନ କରୁଛନ୍ତି।



## ଜେଲରେ ଗାର୍ଡ ଭାବେ ଜଗନ୍ତି ହଂସ

**ବ୍ରାସିଲିଆ:** ଜେଲ ଜଗିବା ପାଇଁ ଗାର୍ଡଙ୍କ ବଦଳରେ ସିସିଟିଭି କ୍ୟାମେରା ଲଗାଯାଉଛି। ବ୍ରାଜିଲର ଏକ ଜେଲ ନିଜର ଖାସ୍ ପ୍ରକାରର ଗାର୍ଡଙ୍କ ପାଇଁ ଚର୍ଚ୍ଚାରେ ରହିଛି। ସେଠାରେ ଗାର୍ଡଙ୍କ ସ୍ଥାନରେ ହଂସଙ୍କୁ ରଖାଯାଇଛି; ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଜେଲ ପ୍ରଶାସକଙ୍କ କହିବା କଥା କି, ଏହି ହଂସ ଗାର୍ଡଙ୍କ ଅପେକ୍ଷା ଅଧିକ ପ୍ରଭାବଶାଳୀ। ଏମାନଙ୍କ ଶୁଣିବାର କ୍ଷମତା ଅଧିକ। ଆଉ ଯେତେବେଳେ ସେମାନେ ଆହତ ହୁଅନ୍ତି ସେମାନେ ବହୁତ ଉଚ୍ଚ ଧ୍ୱନି କରି ସମସ୍ତଙ୍କୁ ସାବଧାନ କରିଥାନ୍ତି। ଜେଲର ନିର୍ଦ୍ଦେଶକ ମାର୍କୋସ୍ ରୋବର୍ଟୋ ଡି'ସୁଜା କହିଛନ୍ତି, ସେମାନଙ୍କ ପାଖରେ ଇଲେକ୍ଟ୍ରୋନିକ ସର୍ଭିଲାନ୍ସ, ବ୍ୟକ୍ତିଗତ ସର୍ଭିଲାନ୍ସ ରହିଛି। ତେବେ ସେମାନେ ଏବେ ହଂସଙ୍କୁ ସର୍ଭିଲାନ୍ସ ରଖିଛନ୍ତି। ବ୍ରାଜିଲର ଜେଲ ପ୍ରାୟ ୧୨ ବର୍ଷ ହେବ କଏଦୀଙ୍କୁ ଜେଲରୁ ଖସିଯିବାରୁ ଅଟକାଇବାକୁ ହଂସ ଉପରେ ନିର୍ଭରଶୀଳ। ରୋମାଞ୍ଚକର କଥା ଏହା କି ହଂସ ୨ ବର୍ଷ ଧରି ଚାଇନାର ସୀମା ଦ୍ୱାରା ଆସୁଥିବା ଅବୈଧ ପ୍ରବାସୀଙ୍କ ପ୍ରବେଶକୁ ରୋକିବାରେ ସକ୍ଷମ ହୋଇଛି।



# ଡେଜିଙ୍କ ଫିଟ୍‌ନେସ ଗୁରୁ ସଲ୍‌ମାନ

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ଡେଜି ଶାହା ଫିଟ୍‌ନେସ ମାମଲାରେ ଅନେକ ସେଲିବ୍ରିଟିଙ୍କଠାରୁ ବେଶ୍ ଅଲଗା। ଭାଇଜାନ୍ ସଲ୍‌ମାନ ଖାନ୍‌ଙ୍କ ସହ ଜେଡି ସ୍କ୍ରିନ ଶେୟାର କରିବା ପରେ ସେ ଏବେ ଡିଜିଟାଲ ଦୁନିଆରେ ପାଦ ଥାପିଛନ୍ତି। ସେ ନିକଟରେ ଏକ ସାକ୍ଷାତ୍‌କାରରେ ତାଙ୍କ ଫିଟ୍‌ନେସ ଉପରେ ଆଲୋଚନା କରିଛନ୍ତି। ଡେଜି ଆରମ୍ଭରୁ ଜଣେ ନୃତ୍ୟଶିଳ୍ପୀ ଥିଲେ। ପରେ କୋରିଓଗ୍ରାଫର ଶବିନା ଖାନ୍ ତାଙ୍କ ପ୍ରତିଭାକୁ ପରଖି ତାଙ୍କୁ ନୃତ୍ୟ ତାଲିମ୍ ଦେଲେ। ଏହାପରେ ଡେଜି ତାଙ୍କର ଆସିଷ୍ଟାଣ୍ଟ ଭାବରେ ଅନେକ ସ୍ଥାନରେ ନୃତ୍ୟ ପ୍ରତିଭାର ପ୍ରଦର୍ଶନ ଦେଲେ। ଆଗରୁ ସେ ତାଙ୍କ ନୃତ୍ୟକୁ ଏକ ଆୟର ମାଧ୍ୟମ ବୋଲି ଭାବୁଥିଲେ। ହେଲେ ଏବେ ସେ ନୃତ୍ୟକୁ ତାଙ୍କର ଫିଟନେସ୍‌ର ମନ୍ତ୍ର ବୋଲି ଭାବୁଛନ୍ତି। ତେବେ ସଲ୍‌ମାନଙ୍କ ବ୍ୟକ୍ତିଗତ ଟ୍ରେନର ଗତ ୪ ବର୍ଷ ହେଲା ଫିଟ୍‌ନେସ ମାମଲାରେ ଡେଜିଙ୍କ ମାର୍ଗଦର୍ଶନ କରୁଛନ୍ତି। ଏଥିସହ ସଲ୍‌ମାନ ମଧ୍ୟ ଡେଜିଙ୍କ ଫିଟ୍‌ନେସ ରୁଟିନ୍ ଉପରେ ଧ୍ୟାନ ଦିଅନ୍ତି। ନିଜକୁ ଫିଟ୍ ରଖିବାକୁ ଯୋଗ, ପ୍ରାଣାୟାମ୍ ସହ ଜିମ୍ ମଧ୍ୟ ଯାଇଥାନ୍ତି। ତେବେ ଏ ସବୁ ପାଇଁ ସେ ସଲ୍‌ମାନଙ୍କୁ ନିଜର ପ୍ରେରଣା ବୋଲି କୁହନ୍ତି।



# ସରପଞ୍ଚଙ୍କୁ ଏସ୍‌ଡିଓଙ୍କ ମୁଥ

**ଭିଡିଓ ଭାଇରାଲ**

- ସରପଞ୍ଚଙ୍କ ନାଁରେ ଆକ୍ରମଣ ଅଭିଯୋଗ ଆଣିଲେ ଏସ୍‌ଡିଓ
- ଉଭୟ ଗିରଫ



ସରପଞ୍ଚ ସୁଶୀଳ ଗୁରୁଙ୍କୁ ପୂର୍ତ୍ତ ବିଭାଗ ଏସ୍‌ଡିଓ ସିଦ୍ଧାର୍ଥ ଦାସ ତଳେ ଚାପି ମୁଥ ମାରିବା ବେଳର ଫଟୋ।

**ଖପ୍ରାଖୋଲ/ବଲାଙ୍ଗୀର,୨୬।୧୨ (ଅଭୟ ତ୍ରିପାଠୀ/ବୀରେନ୍ଦ୍ର କୁମାର ଝାଙ୍କର)**

ପ୍ରସିଦ୍ଧ ତୀର୍ଥ ଓ ପର୍ଯ୍ୟଟନ କ୍ଷେତ୍ର ହରିଶଙ୍କର ପୀଠରେ ୫-ଟି ଅଧୀନରେ ଚାଲିଥିବା ଉନ୍ନୟନ ପ୍ରକଳ୍ପରେ ନିମ୍ନମାନର କାମ ହେଉଥିବା ଅଭିଯୋଗକୁ ନେଇ ପୂର୍ତ୍ତ ବିଭାଗ ଏସ୍‌ଡିଓ ସିଦ୍ଧାର୍ଥ ଦାସ ଓ ଖପ୍ରାଖୋଲ ବ୍ଲକ୍ ସରପଞ୍ଚ ସଂଘ ସଭାପତି ତଥା ଚଙ୍ଗରିଆ ସରପଞ୍ଚ ସୁଶୀଳ ଗୁରୁଙ୍କ ମଧ୍ୟରେ ହାତାହାତି ହୋଇଛି। ଏହି ଘଟଣାକୁ ନେଇ ଉଭୟ ଏସ୍‌ଡିଓ ଦାସ ଓ ସରପଞ୍ଚ ଗୁରୁ ଖପ୍ରାଖୋଲ ଥାନାରେ ପରସ୍ପର ବିରୋଧରେ ଅଭିଯୋଗ କରିଛନ୍ତି। ପୃଥକ୍ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରାଯାଇଥିବା ଖପ୍ରାଖୋଲ ଥାନା ଆଇଆଇସି ରମାକାନ୍ତ ସାହୁ କହିଛନ୍ତି।

ଅନ୍ୟପକ୍ଷେ ସରପଞ୍ଚ ସଂଘ ସଭାପତି ଗୁରୁଙ୍କୁ ପୂର୍ତ୍ତ ଏସ୍‌ଡିଓ ଦାସ ତଳେ ଚାପି ଦେଇ ମୁଥ ମାରିବା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏଭଳି ଖବର ପାଇ ପାଟଣାଗଡ଼ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ଖପ୍ରାଖୋଲ ଥାନାରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ପାଟଣାଗଡ଼ ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂଦେଓ, ବିଜେଡି ନେତା ଶିବା ପରିଚ୍ଛା ଖପ୍ରାଖୋଲ ଥାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମାଡ ମାରିବା ଫଟୋ ଭାଇରାଲ ହେବା ପରେ ଜଣେ ଜନପ୍ରତିନିଧିଙ୍କୁ ସରକାରୀ କର୍ମଚାରୀଙ୍କ ଏଭଳି ବ୍ୟବହାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ସହିତ ୫-ଟି ଅଧୀନରେ ଚାଲିଥିବା ହରିଶଙ୍କର ପୀଠ ଉନ୍ନୟନ କାମ ବାସ୍ତବରେ କେମିତି ଚାଲିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ଚଙ୍ଗରିଆ ସରପଞ୍ଚ ଗୁରୁ ହରିଶଙ୍କର ପୀଠକୁ ଯାଇ ଉନ୍ନୟନ କାମ ତଦାରଖ କରିଥିଲେ। ସେଠାରେ କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ଏସ୍‌ଡିଓ ଦାସଙ୍କ ଉପସ୍ଥିତିରେ ଉନ୍ନୟନ କାମ କରାଯାଉଥିଲା। ସରପଞ୍ଚ ଗୁରୁ ଉନ୍ନୟନ କାମ ନିମ୍ନମାନର ବୋଲି ଅଭିଯୋଗ କରିଥିଲେ। ଗୋଟିଏ ବସ୍ତା ସିମେଣ୍ଟରେ ୧୦ରୁ ୧୨ବସ୍ତା ବାଲି ବ୍ୟବହାର କରୁଥିବା ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗ ପରେ ସରପଞ୍ଚ ଓ ଏସ୍‌ଡିଓଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଉଭୟେ ଠେଲାପେଲା ହୋଇଥିଲେ। ଏ ନେଇ ଉଭୟେ ପରସ୍ପର ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ସରପଞ୍ଚ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଏବଂ ଠେଙ୍ଗାରେ ଆକ୍ରମଣ କରିଥିବା ଏସ୍‌ଡିଓ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୨୭୪/୨୩ରେ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ସରପଞ୍ଚ ଅଭିଯୋଗ କରିଛନ୍ତି ଯେ, ଏସ୍‌ଡିଓ ତାଙ୍କୁ ଠେଲାପେଲା କରି ମାଡ଼ ମାରିଛନ୍ତି। ଏନେଇ ଥାନାରେ ୨୭୫/୨୩ ନମ୍ବରରେ ମାମଲା ରୁଜୁ କରାଯାଇଥିବା ଖପ୍ରାଖୋଲ ଥାନା ଆଇଆଇସି ସାହୁ ସୂଚନା ଦେଇଛନ୍ତି। ସରପଞ୍ଚଙ୍କୁ ଆକ୍ରମଣ ଘଟଣାକୁ ନେଇ କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏସ୍‌ଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟକାଳ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ବ୍ଲକ୍ ସରପଞ୍ଚ ସଂଘ ମଧ୍ୟ ଘଟଣାର ତୀବ୍ର ନିନ୍ଦା କରି ଏସ୍‌ଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଜନପ୍ରତିନିଧି ସରପଞ୍ଚ ଗୁରୁଙ୍କୁ ଜଣେ ସରକାରୀ ଅଧିକାରୀ ମାଡ ମାରିବା ସମ୍ବିଧାନ ବିରୋଧୀ କାର୍ଯ୍ୟ। ଖାଲି ଗିରଫ ନୁହେଁ, ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଉ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଦାବି କରିଛନ୍ତି। ଏହା ସହିତ ହରିଶଙ୍କର ପୀଠର ୫-ଟି କାମର ସେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ରେଳଷ୍ଟେଶନରେ ପିଏମ୍ ସେଲ୍ଫି ବୁଥ୍ କରଦାତାଙ୍କ ଅର୍ଥର ଅପବ୍ୟୟ: ଖାର୍ଗେ

**ନୂଆଦିଲ୍ଲୀ,୨୬।୧୨(କୁଲଦୀପ୍ ସିଂ)**

ଦେଶର ରେଳଷ୍ଟେଶନଗୁଡ଼ିକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଡ଼ କଟ୍‌ଆଉଟ୍ ଥାଇ ସେଲ୍ଫି ବୁଥ୍ ପ୍ରତିଷ୍ଠା କରଦାତାମାନଙ୍କ ଟିକସ ଅର୍ଥର ନିର୍ଲଜ ଅପବ୍ୟୟ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ମୋଦି ସରକାରଙ୍କ ଆତ୍ମପ୍ରଚାରର କୌଣସି ସୀମା ସରହଦ ନ ଥିବା ଖାର୍ଗେ ଏକ୍ସ'ରେ ପୋଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କଟ୍ ଆଉଟ୍ ସହ ୮୨୨ଟି ସେଲ୍ଫି ପଏଣ୍ଟ ସ୍ଥାପନ ପାଇଁ ସେନାକୁ ନିର୍ଦ୍ଦେଶ ଦିଆଯାଇଛି। ଦେଶର ଦୁଃସାହସୀ ଯବାନମାନଙ୍କ ରକ୍ତ ଓ ବଳିଦାନକୁ ରାଜନୀତିକରଣ କରାଯାଉଥିବା ଖାର୍ଗେ ପୂର୍ବରୁ ଅଭିଯୋଗ କରିଥିଲେ। ମୋଦି ସରକାର ରାଜ୍ୟଗୁଡ଼ିକୁ ବନ୍ୟା ଓ ମରୁଡ଼ି ସହାୟତା ଦେଉନାହାନ୍ତି। ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକୁ ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠି ମିଳୁନାହିଁ। ଶସ୍ତା ନିର୍ବାଚନୀ ଷ୍ଟଣ୍ଟରେ ବିପୁଳ ସରକାରୀ ଅର୍ଥର ଦୁରୁପଯୋଗ କରାଯାଉଛି। ଏଥିସହିତ ଖାର୍ଗେ ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ)ରେ ମିଳିଥିବା ଉତ୍ତରର ଏକ କପିକୁ ଶେୟାର କରିଛନ୍ତି, ଯେଉଁଥିରେ ସ୍ଥାୟୀ ଓ ଅସ୍ଥାୟୀ ସେଲ୍ଫିପଏଣ୍ଟ ସ୍ଥାପନ ହୋଇଥିବା ଷ୍ଟେଶନଗୁଡ଼ିକର ତାଲିକା ରହିଛି। ଆର୍‌ଟିଆଇ ତଥ୍ୟ ଅନୁଯାୟୀ ପ୍ରତି 'ଏ' ବର୍ଗର ଷ୍ଟେଶନରେ ଅସ୍ଥାୟୀ ସେଲ୍ଫିପଏଣ୍ଟ ପାଇଁ ୧.୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ 'ସି' ବର୍ଗର ଷ୍ଟେଶନଗୁଡ଼ିକରେ ସ୍ଥାପନ ହୋଇଥିବା ପ୍ରତି ସ୍ଥାୟୀ ସେଲ୍ଫି ବୁଥ୍ ପାଇଁ ୬.୨୫ ଲକ୍ଷ ଟଙ୍କା ବ୍ୟୟ ହୋଇଛି।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରାଯାଉଛି।

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ**

# ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

**ଭୁବନେଶ୍ୱର,୨୬।୧୨ (ଅନିଲ ଦାସ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟଗଣ, ବରିଷ୍ଠ ସେବାୟତଗଣ, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନର ଅଧିକାରୀମାନଙ୍କୁ ନେଇ ଏକ ୫୦ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ପାରମ୍ପରିକ ରୀତିରେ ନିମନ୍ତ୍ରଣ କରିଛନ୍ତି। ସେବାୟତ ଓ ଅନ୍ୟମାନେ ଭୁବନେଶ୍ୱରରେ ପହଞ୍ଚି ପ୍ରଥମେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ନିମନ୍ତ୍ରଣ କରଥିଲେ। ଏହାପରେ ସେମାନେ ନବୀନ ନିବାସକୁ ଆସିଥିଲେ। ଏହି ସମୟରେ ସେଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନିମନ୍ତ୍ରଣ ପାଇଁ ସେବାୟତଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୁଆ ଓ ଚାଉଳ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରିକ୍ରମା ପ୍ରକଳ୍ପ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କାର୍ଯ୍ୟ। ଏହି ପବିତ୍ର କାର୍ଯ୍ୟ ପାଇଁ ଯାହା ଆବଶ୍ୟକ ସମସ୍ତ ସହଯୋଗ ରାଜ୍ୟ ସରକାର ଯୋଗାଇଦେବେ ବୋଲି ସେ କହିଛନ୍ତି। ସେବାୟତମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ତଥା ପୁରୀ ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ

- ନିମନ୍ତ୍ରଣ ରକ୍ଷାକରି ସେବାୟତଙ୍କୁ ଗୁଆ ଚାଉଳ ଦେଲେ ମୁଖ୍ୟମନ୍ତ୍ରୀ
- ମହାପ୍ରଭୁଙ୍କ କାମ, ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇଦେବେ: ମୁଖ୍ୟମନ୍ତ୍ରୀ
- ପ୍ରକଳ୍ପ ପାଇଁ ସେବାୟତଙ୍କ ତ୍ୟାଗ ଅତୁଳନୀୟ: ପାଣ୍ଡିଆନ୍

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ତାଙ୍କ ଉପରେ ରହିଛି। ଏଥି ସହ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘଜୀବନ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଦିନରାତି ପରିଶ୍ରମ କରି ବହୁତ ଭଲ କାମ କରୁଛନ୍ତି। ସାରା ଓଡ଼ିଶାର ରୂପରେଖରେ ପରିବର୍ତ୍ତନ ଆଣିଛନ୍ତି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

ସେବାୟତଙ୍କ ସହିତ ଆଲୋଚନା କରି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କହିଛନ୍ତି, ପୁରୀବାସୀଙ୍କ ତ୍ୟାଗ ଯୋଗୁ ପରିକ୍ରମା ପ୍ରକଳ୍ପ ସମ୍ଭବ ହୋଇପାରିଛି। ସେବାୟତମାନଙ୍କ ଅତୁଳନୀୟ ତ୍ୟାଗ ସବୁଦିନ ପାଇଁ ସମସ୍ତେ ଶ୍ରଦ୍ଧାର ସହ ମନେରଖିବେ। ପରିକ୍ରମା ପ୍ରକଳ୍ପ କାମ ସମୟରେ ଅନେକ ଥର ବହୁତ ଅସୁବିଧା କିପରି ମହାପ୍ରଭୁଙ୍କ ଆଶୀର୍ବାଦରେ ଦୂର ହୋଇଛି ଏବଂ କାମ ସବୁ ଭଲ ଭାବରେ ଆଗେଇ ଚାଲିଥିଲା ସେ ବିଷୟରେ ପାଣ୍ଡିଆନ ନିଜ ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିଥିଲେ।

ପୁରୀ ସହରର ବିକାଶ ପାଇଁ ତଥା ସେବାୟତଙ୍କ କଲ୍ୟାଣ ପାଇଁ ଯାହାକିଛି ଆବଶ୍ୟକ ମୁଖ୍ୟମନ୍ତ୍ରୀ ସବୁକିଛି କରିବେ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କୁ ଉପଢୌକନ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀମନ୍ଦିରର ସୁରକ୍ଷା ସହିତ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ସେମାନଙ୍କ ପାଇଁ ଏକ ଦିବ୍ୟ ଅନୁଭବ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆରମ୍ଭ କରାଯାଇଛି। ୨୦୨୧ ନଭେମ୍ବର ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ, ସାଧୁ ସନ୍ଥ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ତଥା ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଲୋକାର୍ପଣ କାର୍ଯ୍ୟରେ ମଧ୍ୟ ସେହିପରି ସାଧୁସନ୍ଥ, ସବୁ ରାଜନୈତିକ ଦଳ ଓ ସମାଜର ସବୁ ବର୍ଗର ଲୋକଙ୍କୁ ସାମିଲ କରାଯିବ। ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ନିୟମିତ ସମୀକ୍ଷା କରୁଛନ୍ତି।

# ଭିଜିଲାନ୍ସ ଜାଲରେ ଇଡ୍‌କୋ ସିଜିଏମ୍

**ବହୁ କୋଟିର ସମ୍ପତ୍ତି ଠାବ**

- ଭୁବନେଶ୍ୱର, କଟକ, ଯାଜପୁରର ୭ ସ୍ଥାନରେ ଯାଞ୍ଚ
- ଘରୁ ମିଳିଲା ପୁଳାପୁଳା ସୁନା, ରୁପା ଅଳଙ୍କାର
- ୨ କୋଠା, ୨ ଫ୍ଲାଟ୍, ୧୦ ପ୍ଲଟ୍ ରହିଥିବା ସୂଚନା

**ଭୁବନେଶ୍ୱର,୨୬।୧୨ (ସତ୍ୟଜିତ୍ ରାଉତ)**

ରାଜ୍ୟ ସରକାରଙ୍କ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ କର୍ପୋରେଶନ୍(ଇଡ୍‌କୋ)ର ଚିଫ୍ ଜେନେରାଲ୍ ମ୍ୟାନେଜର୍ (ପି ଏଣ୍ଡ୍ ଏ) ସରୋଜ କାନ୍ତ ମହାନ୍ତି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ସରୋଜଙ୍କ ଘର ସମେତ ଭୁବନେଶ୍ୱର, କଟକ ଓ ଯାଜପୁର ଜିଲାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ଯାଞ୍ଚ ଚାଲିଛି। ଏହି ସ୍ଥାନଗୁଡିକ ମଧ୍ୟରେ ସରୋଜଙ୍କ ଭୁବନେଶ୍ୱର ଇଡ୍‌କୋ ଟାୱାର୍‌ସ୍ଥିତ ଅଫିସ ଚାମ୍ବର, ନୟାପଲ୍ଲୀ ଆଇଆର୍‌ସି ଭିଲେଜ୍‌ସ୍ଥିତ ସମ୍ପର୍କୀୟଙ୍କ ଘର, ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦାସ୍ଥିତ ପୈତୃକ ଘର ଆଦି ରହିଛି। ତେବେ ଯାଞ୍ଚରୁ ବିପୁଳ ସମ୍ପତ୍ତି ଭିଜିଲାନ୍ସ ପାଇଥିବା ସୂଚନା ମିଳିଛି। ତାଙ୍କ ଘରୁ ପୁଳାପୁଳା ସୁନା, ରୁପା ଅଳଙ୍କାର ମିଳିଥିବାବେଳେ ୨ କୋଠା, ୨ ଫ୍ଲାଟ୍, ୧୦ ପ୍ଲଟ୍, ବ୍ୟାଙ୍କ ଓ ବୀମା ଜମା ଆଦି ବହୁ



ସରୋଜ କାନ୍ତ ମହାନ୍ତି

କୋଟିର ସମ୍ପତ୍ତି ଠୁଳ କରିଥିବା ଜଣାପଡିଛି। ରିପୋର୍ଟ ଲେଖାହେବା ବେଳକୁ ସରୋଜଙ୍କ କଟକ ନୟାବଜାର ମହାନଦୀ ବିହାରସ୍ଥିତ ୬୨୦୦ ବର୍ଗଫୁଟରେ ଏକ ୩ ମହଲା କୋଠା, ଧର୍ମଶାଳା ବ୍ରହ୍ମବରଦାରେ ଏକ ଦୁଇ ମହଲା କୋଠା, ଭୁବନେଶ୍ୱର ଶୈଳଶ୍ରୀବିହାରସ୍ଥିତ ଅମ୍ରିତା ଆଲୟମ୍ ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ୍, କଟକ ବାରଙ୍ଗ ପାଟପୁରସ୍ଥିତ ମେଟ୍ରୋ ଗ୍ରୀନ୍ ଉଡ୍‌ସ ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ ଠାବ ହୋଇଛି। ସେହିପରି କଟକ, ଭୁବନେଶ୍ୱର ମୁଖ୍ୟ ଅଞ୍ଚଳରେ ୭ ପ୍ଲଟ୍ ସମେତ ମୋଟ ୧୦ଟି ପ୍ଲଟ୍ ଥିବା



ଶୈଳଶ୍ରୀବିହାରସ୍ଥିତ ଅମ୍ରିତା ଆଲୟମ୍ ଆପାର୍ଟମେଣ୍ଟ

ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ପ୍ଲଟ୍, କୋଠା ଓ ଫ୍ଲାଟ୍‌ଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଟିମ୍ ଯାଞ୍ଚ ଜାରି ରଖିଛି। ସେହିପରି ସରୋଜଙ୍କ ଘରୁ ସୁନା ଅଳଙ୍କାର ୭୦୩.୩୮ ଗ୍ରାମ, ୮୬୯ ଗ୍ରାମର ରୁପା ଅଳଙ୍କାର, ବ୍ୟାଙ୍କ, ଜୀବନବୀମା ଓ ପୋଷ୍ଟାଲ ଜମା ୭୦.୫୫ ଲକ୍ଷ ଏବଂ ୨୦.୮୮ ଲକ୍ଷର ଗୋଟିଏ ଚାରି ଚକିଆ ଯାନ ଓ ଦୁଇଟି ଦୁଇ ଚକିଆ ଯାନ ଏବଂ ନଗଦ ଟଙ୍କା ଠାବ ହୋଇଛି।

ସରୋଜଙ୍କୁ ଏ ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମିଳିଥିବା ସମ୍ପତ୍ତିରୁ କେତେ ଆୟବହିର୍ଭୂତ ବା ସରୋଜ ସରକାରୀ କ୍ଷମତାର ଦୁରୁପଯୋଗ କରି ବେଆଇନ ଭାବେ ଠୁଳ କରିଛନ୍ତି, ତାହା ହିସାବ ପରେ ଜଣାପଡିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୭ଟି ଟିମ୍‌ରେ ୧୦ଜଣ ଡିଏସ୍‌ପି, ୬ ଇନ୍ସପେକ୍ଟରଙ୍କ ସମେତ ବହୁ କର୍ମଚାରୀ ସାମିଲ ଅଛନ୍ତି।

# ରାଜ୍ୟ ସରକାର ଭଡ଼ାରେ ଆଣିବେ ୨ ଏୟାରକ୍ରାଫ୍ଟ

**ଭୁବନେଶ୍ୱର, ୨୬।୧୨ (ଅସମାପିକା ସାହୁ)**

ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ ବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍(ମହିଳା ଓ ପୁରୁଷ) ୨୦୨୩-୨୪ ଆସନ୍ତା ଫେବୃୟାରୀ ୩ରୁ ଆରମ୍ଭ ହେବ। ଓଡ଼ିଶାରେ ମଧ୍ୟ ଏହାର କେତେକ ଲିଗ୍ ଖେଳାଯିବ। ଏଥିପାଇଁ ସରକାର ଦୁଇଟି ଏୟାରକ୍ରାଫ୍ଟ ଭଡ଼ାରେ ଆଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଖେଳାଳି ଟିମ୍ ଏବଂ ଅଧିକାରୀଙ୍କ ଯିବା ଆସିବା ପାଇଁ ଏହି ଦୁଇଟି ଏୟାରକ୍ରାଫ୍ଟ ଫେବୃୟାରୀ ୧୦ରୁ ୧୭ତାରିଖ ମଧ୍ୟରେ ଭୁବନେଶ୍ୱରରୁ ରାଉରକେଲା ଏବଂ ଭୁବନେଶ୍ୱରରୁ ଝାରସୁଗୁଡ଼ା ଯାତ୍ରା କରିବ। ଏହି ଏୟାରକ୍ରାଫ୍ଟ ଭଡ଼ାରେ ଆଣିବା ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ କୋଟେଶନ ମାଗିଛନ୍ତି। ଯୋଗ୍ୟ ତଥା ଇଚ୍ଛୁକ ଏୟାରକ୍ରାଫ୍ଟ ଅପରେଟରମାନେ https://tendersodisha.gov.in/nicgep/app ଏବଂ https://ct.odisha.gov.in/tenders ୱେବ୍‌ସାଇଟ୍‌ରୁ କୋଟେଶନ ଫର୍ମ ଡାଉନଲୋଡ୍ କରି ଆବେଦନ କରିବା ପାଇଁ କୁହାଯାଇଛି। ଜାନୁୟାରୀ ୧୬ ଅପରାହ୍ନ ୩ଟା ମଧ୍ୟରେ ସମସ୍ତ ପ୍ରସ୍ତାବଗୁଡ଼ିକ ପହଞ୍ଚିବା ଦରକାର।

# ନୂଆବର୍ଷରେ ମାଲକାନଗିରି ବିମାନବନ୍ଦର ଲୋକାର୍ପଣ





ମାଲକାନଗିରି ବିମାନବନ୍ଦର କାର୍ଯ୍ୟ ଚାଲିଛି।

**ମାଲକାନଗିରି, ୨୬।୧୨(ଦୁର୍ଯ୍ୟୋଧନ ପାତ୍ର)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡ଼ିକର ମାଲକାନଗିରି ଜିଲାରେ ହିଁ ଶୁଭାରମ୍ଭ କରିଥାନ୍ତି। ୨୦୨୪ ଜାନୁୟାରୀ ପ୍ରଥମ ସପ୍ତାହରେ ମାଲକାନଗିରି ସଦର ମହକୁମାରେ ନବନିର୍ମିତ ବିମାନବନ୍ଦର ଲୋକାର୍ପିତ ହେବ ବୋଲି କ୍ରୀଡ଼ା ସଚିବ ତଥା ମାଲକାନଗିରିର ପୂର୍ବତନ ଜିଲାପାଳ ଆର୍. ଭିନିଲ୍ କ୍ରିଷ୍ଣା ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ବ୍ୟୟ ହୋଇଥିବା ବେଳେ ଏହାକୁ ୫୦ କୋଟିକୁ ବୃଦ୍ଧିକରି ଯୁଦ୍ଧକାଳୀନ ଭିତ୍ତିରେ ଜିଲା ପ୍ରଶାସନ, ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଏବଂ ଏୟାରପୋର୍ଟ କର୍ତ୍ତୃପକ୍ଷ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏୟାରପୋର୍ଟ ପରିସରରେ ଅତିଥି ଭବନ, କ୍ୟାଣ୍ଟିନ୍, ବିଶ୍ରାମାଗାର, ଅଗ୍ନିଶମ କେନ୍ଦ୍ର, ୧୬୦୦ ମିଟର ରନୱେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ରାଜ୍ୟ ସରକାର ବିମାନବନ୍ଦରକୁ ଯେତିକି ପ୍ରାଧାନ୍ୟ ଦେଇଛନ୍ତି, ରେଳପଥ ନିର୍ମାଣରେ ଅଗ୍ରାଧିକାର ଦେବା ପାଇଁ ସାଧାରଣରେ ଦାବି ହେଉଛି।



**ଆଜିର ମନ୍ତବ୍ୟ**

"ଭୂ ରାଜନୀତି ଓ ରାଜନୈତିକ ସହଭାଗିତା ଭାରତ-ରୁଷିଆର ସମ୍ପର୍କକୁ ଏକ ସକାରାତ୍ମକ ଦିଗରେ ଆଗେଇ ନେବ।
– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥାଉ ନ ଥାଉ ପେଟକୁ**
**ଥୋଇଛି ଯାହା ଥେଣ୍ଟକୁ**
**ଥୋଡ଼େ ନେଇଯା ବାଟକୁ**
**ଥିଲେ ଲାଗିବ ଘାଟକୁ।**

ସଞ୍ଚିତ ଧନ ପର ଲୋକ ଭୋଗ କରିଥାନ୍ତି। ମାତ୍ର ଯାହା ଦାନ କରାଯାଇଛି ତାହା ପରଲୋକରେ ସଦ୍‌ଗତି ଲାଭ ପାଇଁ ବୋଲି ଜଣାଯାଇଥାଏ। ତେଣୁ ଜୀବନ ଯାତ୍ରାରେ ଅର୍ଜିତ ଧନକୁ ଦାନ ଧର୍ମ ପରି ସୁବିନିଯୋଗ କରିବା ନେଇ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

**ଥଟାରି ଘର ପାରା**
**କୁଲା ଢାଉଁ ଢାଉଁ ଡରା।**

ଯିଏ ବହୁ ଘାତ ପ୍ରତିଘାତ ଅତିକ୍ରମ କରି ଆସିଛି ସେ ସାମାନ୍ୟ ଡରାଣରେ ଭୟଭୀତ ବା ବିଚଳିତ ହୋଇ ନ ଥାଏ। ବଡ଼ ବିପଦ ସହିଥିବା ଲୋକ ପାଖରେ ସାମାନ୍ୟ ବିପଦର ମୂଲ୍ୟ ନ ଥାଏ। ଯିଏ ଜଟିଳ ପରିସ୍ଥିତି ଦେଇ ଗତିକରି ଜାଣେ ସେ ସାମାନ୍ୟ ଅସୁବିଧାକୁ ଭ୍ରୂକ୍ଷେପ କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଟ୍ରକ୍ ଧକ୍କାରେ ଦନ୍ତା ମୃତ



**କେନ୍ଦୁଝର,୨୬।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ଅଧୀନ ୪୯ନଂ. ଜାତୀୟ ରାଜପଥ କଣ୍ଟାବାହାଲ ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଧକ୍କାରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ହାତୀଟି ରାସ୍ତା କଡ଼ ବିଲ ମଧ୍ୟକୁ ଛିଟିକି ପଡ଼ିଥିବା ଦେଖିବାକୁ ମିଳିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ବନ ବିଭାଗ ଜବତ କରିଥିବା ବେଳେ ଏହାର ଚାଳକଙ୍କୁ ଗିରଫ କରାଯାଇଥିବା କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି କହିଛନ୍ତି। ହାତୀ ଜାତୀୟ ରାଜପଥ ପାର ହେଉଥିବା ବେଳେ ପାଲଲହଡ଼ା ଅଭିମୁଖେ ଯାଉଥିବା ଆଇରନ ବୋଝେଇ ଟ୍ରକ୍ (ଓଡ଼ି ୦୯ୟୁ ୨୪୭୧) ଧକ୍କା ଦେଇଥିଲା।

## ଦିଲ୍ଲୀର ଇସ୍ରାଏଲୀ ଦୂତାବାସ ନିକଟରେ ବିସ୍ଫୋରଣ

**ନୂଆଦିଲ୍ଲୀ,୨୬।୧୨**

ନୂଆଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳରେ ଥିବା ଇସ୍ରାଏଲୀ ଦୂତାବାସ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବିସ୍ଫୋରଣ ହୋଇଛି। ଦିଲ୍ଲୀ ପୋଲିସ ଓ ସୁରକ୍ଷା ଟିମ୍ ସ୍ଥିତି ଅନୁଧ୍ୟାନ ଜାରି ରଖିଥିବା ଦୂତାବାସ ମୁଖପାତ୍ର କହିଛନ୍ତି। ଜଣେ ଅଜଣା ବ୍ୟକ୍ତି ବିସ୍ଫୋରଣ ସମ୍ପର୍କରେ ଦିଲ୍ଲୀ ଅଗ୍ନିଶମ ବିଭାଗକୁ ଫୋନ୍ କରି ଜଣାଇଥିଲେ। ଦୂତାବାସ ପଛ ପାର୍ଶ୍ୱରେ ଥିବା ଏକ ଫାଙ୍କା ପ୍ଲଟ୍‌ରେ ବିସ୍ଫୋରଣ ହୋଇଥିବା ସେ କହିଥିଲେ। ତେବେ ପୋଲିସ୍‌ର ସ୍ୱତନ୍ତ୍ର ସେଲ୍ ଟିମ୍ ଏବଂ ବମ୍ ସ୍କ୍ୱାଡ୍ ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ ମଧ୍ୟ ସେଠାରୁ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନାହିଁ। ଖୁବ୍ ଜୋର୍‌ରେ ଶବ୍ଦ ହେବା ସହ ଏକ ଗଛ ଉପରେ ଧୂମକୁଣ୍ଡଳୀ ଦେଖିବାକୁ ମିଳିଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ଅଯୋଧ୍ୟା ଯିବେନି ସୀତାରାମ

**ରାମମନ୍ଦିର ପ୍ରାଣପ୍ରତିଷ୍ଠା**

**ନିମନ୍ତ୍ରଣକୁ ନେଇ ବିବାଦ ଓ ବିତର୍କ**

**ଅଯୋଧ୍ୟା/ନୂଆଦିଲ୍ଲୀ,୨୬।୧୨**

ଆସନ୍ତା ଜାନୁୟାରୀ ୨୨ରେ ଅଯୋଧ୍ୟାରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାକୁ ଥିବାରୁ ଏହା ସ୍ୱତଃ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ତେବେ ଏଥିରେ ସାମିଲ ହେବା ପାଇଁ ବିରୋଧୀ ଦଳଗୁଡ଼ିକର ନେତାମାନଙ୍କୁ ନିମନ୍ତ୍ରଣ ପଠାଯାଇଥିବାରୁ ନାନା ମତ ପ୍ରକାଶ ପାଇଛି। ଲୋକ ସଭା ନିର୍ବାଚନକୁ ୪ ମାସରୁ କମ୍ ସମୟ ବାକି ଥିବାବେଳେ ଏହା ଉପରେ ଭାଜପା ନେତାମାନଙ୍କ ମନ୍ତବ୍ୟ ବିବାଦୀୟ ସ୍ଥିତି ଉପୁଜାଇଛି।

ଜାନୁୟାରୀ ୨୨ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଧର୍ମଗୁରୁ, ଅଭିନେତା, ସେଲିବ୍ରିଟିଙ୍କ ସମେତ କଂଗ୍ରେସ ଓ ବାମପନ୍ଥୀ ନେତାମାନଙ୍କ ନିକଟକୁ ନିମନ୍ତ୍ରଣ ପତ୍ର ପଠାଯାଇଛି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ନିମନ୍ତ୍ରଣ ପାଇବା ପରେ ଅଯୋଧ୍ୟାକୁ ଯିବେ ନାହିଁ ବୋଲି କହିଛନ୍ତି। ଏହା ଉପରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ରାଷ୍ଟ୍ରୀୟ ମୁଖପାତ୍ର ବିନୋଦ ବଂଶଲ ମାଇକ୍ରୋବ୍ଲଗିଂ ସାଇଟ୍ 'ଏକ୍ସ'ରେ ଲେଖିଛନ୍ତି, ସୀତାରାମ ନାମଧାରୀ ଜଣେ ବ୍ୟକ୍ତି ଅଯୋଧ୍ୟା ଧାମକୁ ଆସିବେ ନାହିଁ ବୋଲି ଶୁଣିବାକୁ ମିଳୁଛି। ରାଜନୀତିରେ ବିରୋଧ କଲେ ବୁଝିହୁଏ। କିନ୍ତୁ ନିଜ ନାମକୁ ଏତେ ଘୃଣା କରୁଥିବା ବ୍ୟକ୍ତି କେବଳ ଜଣେ କମ୍ୟୁନିଷ୍ଟ ହୋଇଥିବେ। ୟେଚୁରୀଙ୍କ ଦଳୀୟ ପ୍ରତିବଦ୍ଧତା ଭିନ୍ନ ହୋଇଥାଇପାରେ। ତେବେ ରାମଙ୍କୁ ଓ ନିଜ ନାମକୁ ସିପିଆଇଏମ୍ ସାଧାରଣ ସମ୍ପାଦକଙ୍କ ବିରୋଧର କାରଣ ବୁଝି ହେଉନାହିଁ ବୋଲି ବିନୋଦ ପୋଷ୍ଟ କରିଥିବା ଏକ ଭିଡିଓ ମେସେଜ୍‌ରେ ଆକ୍ଷେପ କରିଛନ୍ତି। ସିପିଆଇଏମ୍ ନେତ୍ରୀ ବ୍ରିନ୍ଦା କରାଟ କହିଛନ୍ତି, ଧର୍ମୀୟ କାର୍ଯ୍ୟକ୍ରମର ରାଜନୀତୀକରଣ ଚାଲିଛି। ସେମାନେ ଧର୍ମ ସହ ରାଜନୀତିକୁ ଯୋଡ଼ି ଏହା ଆୟୋଜନ କରୁଛନ୍ତି। ଏକ ରାଜନୈତିକ କାର୍ଯ୍ୟସୂଚୀକୁ ଆଗକୁ ବଢ଼ାଇବା ପାଇଁ ଧର୍ମକୁ ଅସ୍ତ୍ର ରୂପେ ବ୍ୟବହାର କରାଯିବା ଅନୁଚିତ। ତାଙ୍କ ଦଳ ଏହି କାର୍ଯ୍ୟକ୍ରମରେ ଯୋଗଦେବ ନାହିଁ। ଏନେଇ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତ୍ରୀ ମୀନାକ୍ଷୀ ଲେଖି କହିଛନ୍ତି, ନିମନ୍ତ୍ରଣ ସମସ୍ତଙ୍କ ନିକଟକୁ ପଠାଯାଇଛି। କିନ୍ତୁ ପ୍ରଭୁ ରାମଙ୍କଠାରୁ ନିମନ୍ତ୍ରଣ ପାଇଥିବା ଲୋକେ ହିଁ ଆସିବେ।

ପୂର୍ବତନ କଂଗ୍ରେସ ନେତା କପିଲ ସିବଲ କହିଛନ୍ତି, ମୋ ହୃଦୟରେ ରାମ ଅଛନ୍ତି। ତେଣୁ ନିର୍ବାଚନ ପୂର୍ବରୁ ଭାଜପା ଶକ୍ତି ପ୍ରଦର୍ଶନ କରୁଥିବା କୌଣସି ଉତ୍ସବରେ ଯୋଗଦେବା ଅନାବଶ୍ୟକ। ଭାଜପା ରାମଙ୍କ କଥା କହୁଛି। କିନ୍ତୁ ଏହି ଦଳର ନେତାମାନଙ୍କଠାରେ ରାମଙ୍କ ଚରିତ୍ର ଦେଖିବାକୁ ମିଳୁନାହିଁ। ଇତିମଧ୍ୟରେ ସିପିଆଇ ମଧ୍ୟ ରାମମନ୍ଦିର କାର୍ଯ୍ୟକ୍ରମରେ ଯୋଗଦେବାକୁ ମନା କରିଦେଇଛି। ଫଳରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ କହିଛନ୍ତି, ସେମାନେ ଆମକୁ ଉପହାସ କରୁଥିଲେ। ସାହସ ଥିଲେ ଅଯୋଧ୍ୟା ଆସନ୍ତୁ। ଆମେ ସେମାନଙ୍କୁ ମନ୍ଦିର ଦେଖାଇଦେବୁ। ଏନେଇ କଂଗ୍ରେସ ନେତା କେ.ସି. ବେଣୁଗୋପାଳ କହିଛନ୍ତି, ଆମକୁ ନିମନ୍ତ୍ରଣ କରିଥିବାରୁ ଧନ୍ୟବାଦ। ଆଲୋଚନା ପରେ ଦଳର ଆଭିମୁଖ୍ୟ ଉପରେ ଆମେ ସ୍ପଷ୍ଟ କରିବୁ। ଅନ୍ୟପକ୍ଷେ ଏହି ପ୍ରସଙ୍ଗରେ ଉଠିଥିବା ବିବାଦ ନିକଟ ଭବିଷ୍ୟତରେ ରାଜନୀତିରେ ଉଷ୍ମତା ବଢ଼ାଇପାରେ ବୋଲି କୁହାଯାଉଛି।

# ଜେଏନ୍-୧: ଦେଶରେ ଦିନକରେ ୬୨୮ ଚିହ୍ନଟ, ଓଡ଼ିଶାରେ ଆଉ ଜଣେ

**ଭୁବନେଶ୍ୱର, ୨୬।୧୨ (ଅସମାପିକା ସାହୁ)**

ପୁଣି ଡରାଇଲାଣି କରୋନା। କରୋନାର ନୂଆ ସବ୍‌ଭାରିଆଣ୍ଟ ଜେଏନ୍-୧ ପାଇଁ ଦେଶର ବିଭିନ୍ନ ରାଜ୍ୟରେ ସଂକ୍ରମଣ ବଢୁଥିବାବେଳେ ହଠାତ୍ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୬ଶହ ଟପିଛି। ଏଥିରେ ଗୋଟିଏ ପରେ ଗୋଟିଏ ଜୀବନ ଯାଉଥିବା ସୂଚନା ମିଳିଛି। ସୋମବାର ଦେଶରେ ୬୨୮ ଆକ୍ରାନ୍ତ ଚିହ୍ନଟ ହେବା ପରେ ସଂକ୍ରମିତଙ୍କ ସଂଖ୍ୟା ୪ ହଜାର ଟପିଛି। ଗତ ୨୪ ଘଣ୍ଟା ମଧ୍ୟରେ କେରଳରେ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି। ଆଗକୁ ନୂଆବର୍ଷ ଆସୁଥିବାରୁ ସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଓଡ଼ିଶାରେ ସୋମବାର ଆଉଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ଚିନ୍ତା ଘାରିଛି। ଲୋକଙ୍କ ମନରେ ଆଶଙ୍କା ବଢ଼ିଛି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ସକ୍ରିୟ କରୋନା ରୋଗୀଙ୍କ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ସପ୍ତାହକ ମଧ୍ୟରେ ୩ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସମସ୍ତଙ୍କର ଲକ୍ଷଣ କମ୍ ରହିଛି। ଅପର ରେସ୍‌ପିଓରେଟାରୀ ସିଣ୍ଡ୍ରୋମ, ଯାହା ଥଣ୍ଡା କାଶ ରହିଛି। କେହି ହସ୍ପିଟାଲରେ ନାହାନ୍ତି। ଘରେ ରହି ଚିକିତ୍ସିତ ହେଉଛନ୍ତି। ପ୍ରଥମ ଦୁଇ ରୋଗୀ କଟକର ହୋଇଥିବାବେଳେ ସେମାନଙ୍କର କୌଣସି ଟ୍ରାଭେଲ ହିଷ୍ଟ୍ରୀ ନାହିଁ। ତୃତୀୟ ରୋଗୀଙ୍କର ପ୍ରୋଟୋକଲ ଅନୁସାରେ କେସ୍ ଷ୍ଟଡି କରାଯାଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ତେବେ ସର୍ଭେଲାନ୍ସକୁ ଆହୁରି ବଢ଼ାଯିବ। ଯାହାର ଲକ୍ଷଣ ଦେଖାଯାଉଛି, ସେମାନେ ତୁରନ୍ତ ଟେଷ୍ଟିଂ କରନ୍ତୁ ବୋଲି ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ, କରୋନାର ସବ୍‌ଭାରିଆଣ୍ଟ ଜେଏନ୍.୧ ପାଇଁ ଦ୍ରୁତ ସଂକ୍ରମଣ ହେଉଥିଲେ ବି ଏଥିରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା କମ୍ ରହିଛି। ତେଣୁ ଲୋକେ ମାସ୍କ ପିନ୍ଧିବା ଉଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଆଜିଠୁ ଭୁବନେଶ୍ୱରରୁ...

୪ ଟା ୧୫ରୁ ଯାତ୍ରା ଆରମ୍ଭ କରି ଝାରସୁଗୁଡ଼ାରେ ଅପରାହ୍ନ ୫ଟା ୩୦ରେ ପହଞ୍ଚିବ। ସେହିପରି ଝାରସୁଗୁଡ଼ାରୁ ପୁଣି ଅପରାହ୍ନ ୫ଟା ୫୫ରୁ ଉଡ଼ାଣ ଆରମ୍ଭ କରି ବିମାନଟି ଭୁବନେଶ୍ୱରରେ ସନ୍ଧ୍ୟା ୭ଟା ୫ରେ ଅବତରଣ କରିବ ବୋଲି ଆଲାଏନ୍ସ ଏୟାରରୁ 'ଏକ୍ସ' ପୋଷ୍ଟରୁ ସୂଚନା ମିଳିଛି।

## ଦୈନିକ ୫୮୨...

ହୋଇଛନ୍ତି। ଚାକିରି ହରାଇଥିବା କର୍ମଚାରୀଙ୍କ ମଧ୍ୟରୁ ସର୍ବାଧିକ ରିଟେଲ୍‌ଟେକ୍, କଞ୍ଜୁମରଟେକ୍ ଏବଂ ଫିନ୍‌ଟେକ୍ କମ୍ପାନୀର। ଏଭଳି ଛଟେଇ କରୁଥିବା କମ୍ପାନୀ ତାଲିକାରେ ସାମିଲ ହୋଇଛି ପେଟିଏମ୍। ଏହି ଫିନ୍‌ଟେକ୍ କମ୍ପାନୀ ଖର୍ଚ୍ଚ ହ୍ରାସ କରିବା ପାଇଁ ସୋମବାର ୧,୦୦୦ରୁ ଅଧିକ କର୍ମଚାରୀଙ୍କୁ ବାହାର କରିଦେଇଛି। ସେହିପରି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଶେୟାରଚାଟ୍ ୨୦୦ କର୍ମଚାରୀ (କାର୍ଯ୍ୟଶକ୍ତିର ୧୫%)ଙ୍କୁ ଚାକିରି ଛାଡ଼ିବାକୁ କହିଛି। ଗେମ୍ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ ଲୋକୋରେ ମୋଟ ୧୧୦ କର୍ମଚାରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୩୬% ଅର୍ଥାତ୍ ୪୦ ଜଣଙ୍କୁ ବିଦା କରିଛି। ଗୁଗଲ ସମର୍ଥିତ ଏଡ୍‌ଟେକ୍ ପ୍ଲାଟ୍‌ଫର୍ମ ଅଡ୍ଡା୨୪୭ ମଧ୍ୟ ୨୫୦-୩୦୦ କର୍ମଚାରୀଙ୍କୁ ବାହାର ରାସ୍ତା ଦେଖାଇଛି। ବାୟଜୁ ନିଜ ବ୍ୟବସାୟିକ ପୁନର୍ଗଠନ ପାଇଁ ୪,୦୦୦ରୁ ୫,୦୦୦ କର୍ମଚାରୀଙ୍କୁ ଛଟେଇ କରିଛି। କ୍ୱିକ୍ ଡେଲିଭରି ପ୍ରୋଭାଇଡର ଡୁଞ୍ଜୋ ମଧ୍ୟ ଅର୍ଥାଭାବ କାରଣରୁ ଗତ ସେପ୍ଟେମ୍ବରରେ ୧୫୦-୨୦୦ ଜଣଙ୍କୁ ବାହାର କରିଦେଇଛି।

## ଶାଶୁଙ୍କୁ ହତ୍ୟା...



ଗିରଫ ଅଭିଯୁକ୍ତ ହରିହର ପାଟଯୋଶୀ

ଅଲଗା ହୋଇଯାଇଥିଲେ। ଇନ୍ଦିରା ବିବାହ ବିଚ୍ଛେଦ ପାଇଁ ସେଠାକାର କୋର୍ଟରେ ଆବେଦନ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ହରିହର ଇନ୍ଦିରାଙ୍କ ଘରକୁ ଯାଇ ଛୁରିରେ ତାଙ୍କୁ ଓ ଶାଶୁ ରମା ଏବଂ ଶାଳକ କାର୍ତ୍ତିକଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଗୁରୁତର ଆହତ ଶାଶୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ନେଇ ସ୍ଥାନୀୟ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ହରିହରଙ୍କୁ ଧରିବା ପାଇଁ ସେଠାକାର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ୨୦୦୧ରେ ହରିହର ଆସିକାରେ ଜଣେ ବନ୍ଧୁଙ୍କ ଘରେ ଆତ୍ମଗୋପନ କରିଥିବା ବେଳେ ଅନ୍ୟ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ବର୍ତ୍ତମାନ ତାଙ୍କର ଏକ କନ୍ୟା ସନ୍ତାନ ଅଛି। ଦ୍ୱିତୀୟ ସ୍ତ୍ରୀ ବ୍ରହ୍ମପୁର ଅନ୍ଧପସରା ଛକରେ ଶାଢ଼ି ଦୋକାନ କରିଛନ୍ତି। ଏ ସମ୍ପର୍କରେ ଖବରପାଇ ସପ୍ତାହକ ତଳେ ଚେନ୍ନାଇର ଏକ ପୋଲିସ ଟିମ୍ ବ୍ରହ୍ମପୁର ଆସିଥିଲା। ଏସ୍‌ପି ଡା. ସର୍ବଣା ବିବେକ.ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଗୋଷାଣିନୂଆଗାଁ ଥାନା ପୋଲିସ ସେମାନଙ୍କୁ ସହଯୋଗ କରିଥିଲା। ଅଭିଯୁକ୍ତ ହରିହରଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ସେ ଏହା ଜାଣି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ରେଳ ଷ୍ଟେଶନରୁ ତାଙ୍କୁ କାବୁ କରାଯାଇଥିଲା ବୋଲି ଏସ୍‌ପି କହିଛନ୍ତି।

## ଖେଳରତ୍ନ, ଅର୍ଜୁନ...

ଗତ ଗୁରୁବାର ହୋଇଥିବା ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନରେ ବ୍ରିଜ୍ ଭୂଷଣଙ୍କ ଅନୁଗତ ଗୋଷ୍ଠୀ ୧୫ଟି ପଦବୀରୁ ୧୩ଟିରେ ବିଜୟଲାଭ କରିଛନ୍ତି। ସଞ୍ଜୟ ସିଂ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ବ୍ରିଜ୍ ଭୂଷଣଙ୍କ ଅନୁଗତଙ୍କୁ ଡବ୍ଲ୍ୟୁଏଫ୍‌ଆଇ ପ୍ରଶାସନରେ ସ୍ଥାନ ନ ଦେବା ଲାଗି କୁସ୍ତିଯୋଦ୍ଧାମାନେ ଦାବି କରିଥିଲେ। ନିର୍ବାଚନ ପରେ ରିଓ ଅଲିମ୍ପିକ ବ୍ରୋଞ୍ଜ ବିଜେତା ସାକ୍ଷୀ ମଲିକ ଖେଳରୁ ତାଙ୍କର ଅବସର ଘୋଷଣା କରିଥିଲେ। ତେବେ ପରବର୍ତ୍ତୀ ସମୟରେ ନବନିର୍ବାଚିତ ପରିଚାଳନା କମିଟି ନିଷ୍ପତ୍ତି ନେବାବେଳେ ସମ୍ବିଧାନର ଅନୁସରଣ କରି ନାହିଁ ବୋଲି ଦର୍ଶାଇ କ୍ରୀଡ଼ା ମନ୍ତ୍ରଣାଳୟ ଡବ୍ଲ୍ୟୁଏଫ୍‌ଆଇକୁ ସସ୍‌ପେଣ୍ଡ କରିଥିଲା। ବର୍ତ୍ତମାନ ପାଇଁ ଏହି କ୍ରୀଡ଼ା ମହାସଂଘର ପରିଚାଳନା ପାଇଁ ଏକ ଆଡ୍‌ହକ ପ୍ୟାନେଲ ଗଠନ କରିବାକୁ ଭାରତୀୟ ଅଲିମ୍ପିକ ଆସୋସିଏଶନକୁ କହିଛି। ଡବ୍ଲ୍ୟୁଏଫ୍‌ଆଇର ନୂଆ ପ୍ୟାନେଲ ଉଚିତ ପ୍ରକ୍ରିୟା ପାଳନ ନ କରି ତରବରିଆଭାବେ ୧୫ବର୍ଷରୁ କମ୍ ଏବଂ ୨୦ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତା ପାଇଁ ଦିନ ଧାର୍ଯ୍ୟ କରିଥିଲା। ପ୍ରସ୍ତୁତି ଲାଗି କୁସ୍ତିଯୋଦ୍ଧାଙ୍କ ପାଇଁ ଯଥେଷ୍ଟ ସମୟର ଅଭାବ ରହିଥିଲା। ଏହି କାରଣରୁ ଡବ୍ଲ୍ୟୁଏଫ୍‌ଆଇକୁ ସସ୍‌ପେଣ୍ଡ କରାଯାଇଥିବା ସରକାରଙ୍କ ତରଫରୁ ଦର୍ଶାଯାଇଥିଲା।

# ଜାନୁୟାରୀ ୫ରେ ନୀଳଗିରିରୁ ଗଡ଼ିବ ମେମୋ



ରେଳ ଅଧିକାରୀଙ୍କ ସହ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଆଲୋଚନା କରୁଛନ୍ତି।

**ବାଲେଶ୍ୱର, ୨୬।୧୨(ମାନସ ବିଶ୍ୱାଳ)**

ଆସନ୍ତା ଜାନୁୟାର ୫ରେ ନୀଳଗିରିରୁ ଗଡ଼ିବ ମେମୋ ଟ୍ରେନ। ଏନେଇ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡଙ୍ଗୀ ସ୍ପଷ୍ଟ କରିଛନ୍ତି। ଖଡ଼ଗପୁର ଡିଭିଜନର ଡିଆର୍‌ଏମ୍ କେ.ଆର୍. ଚୌଧୁରୀ ମଙ୍ଗଳବାର ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ ରେଲୱେ ଷ୍ଟେଶନ ପରିଦର୍ଶନ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ଡିଆର୍‌ଏମ ଚୌଧୁରୀ ବାଲେଶ୍ୱର ରେଲଷ୍ଟେଶନରେ ପହଞ୍ଚି ଷ୍ଟେଶନର ଆଧୁନିକୀକରଣ କାର୍ଯ୍ୟ ଯାଞ୍ଚ କରିବା ସହ ବେତନଟୀ ଷ୍ଟେଶନର ପୁନରୁଦ୍ଧାର, ବାଲେଶ୍ୱରରୁ ନୀଳଗିରି ରେଲଧାରଣା, ଷ୍ଟେଶନ ଓ ରେଲଫାଟକ କାର୍ଯ୍ୟର ତଦାରଖ କରିଛନ୍ତି। ଏଥିସହିତ ନୀଳଗିରିରୁ ରେଳ ଚଳାଚଳ ନେଇ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିଛନ୍ତି। ଏମ୍‌ପି ଷଡ଼ଙ୍ଗୀ ଟେଲିଫୋନ୍ ଯୋଗେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ନୀଳଗିରି ଷ୍ଟେଶନର ଉଦ୍‌ଘାଟନ ଓ ମେମୋ ଟ୍ରେନ୍ ଚଳାଚଳକୁ ନେଇ ବିଭାଗୀୟ ସ୍ତରରେ କୌଣସି ନିର୍ଦ୍ଦେଶନାମା ଜାରି ହୋଇ ନ ଥିବାବେଳେ ଆସନ୍ତା ଜାନୁୟାରୀ ୫ରେ ରେଳମନ୍ତ୍ରୀ ଉପସ୍ଥିତ ରହି ନୀଳଗରି ଷ୍ଟେଶନ ଉଦ୍‌ଘାଟନ କରିବା ସହ ମେମୋ ଟ୍ରେନ୍ ଚଳାଚଳକୁ ଶୁଭାରମ୍ଭ କରିବାର ସିଦ୍ଧାନ୍ତ ହୋଇଥିବା ଏମ୍‌ପିଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଭାଗ୍ୟସ୍ଥାନକୁ ଦେଖୁଥିବାରୁ ସୁଖ, ସୁବିଧା ସାଙ୍ଗକୁ ଅର୍ଥ ଓ ସମ୍ମାନ ମିଳିବ। ସ୍ୱଗୃହାଭିମୁଖୀ ଚତୁର୍ଥାଧିପତି କାରଣରୁ ସଭାସମିତିରେ ପଦସ୍ଥଙ୍କ ସାନ୍ନିଧ ଲାଭକରି ଉପକୃତ ହେବେ। ଦୀର୍ଘଦିନ ହେଲା ଚେଷ୍ଟା କରୁଥିବା କାମରେ ଆଜି ସଫଳତା ପାଇବେ। ରାଶ୍ୟାଧିପତି ଅଷ୍ଟମସ୍ଥ ହେତୁ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦିଅନ୍ତୁ ।

**ବୃଷ** ଧନସ୍ଥାନରେ ଚନ୍ଦ୍ର ଅର୍ଥାଗମର ଦ୍ୱାର ଉନ୍ମୁକ୍ତ କରିବ ଏବଂ ଦୂରଯାତ୍ରା ସକାଶେ ଅନୁକୂଳତା ପ୍ରାପ୍ତ ହେବେ। କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ କାମକୁ ତ୍ୱରାନ୍ୱିତ କରିବ। ମନସ୍ଥ କରିଥିଲେ ମଧ ବନ୍ଧୁଙ୍କ ସମ୍ମୁଖରେ ସତକଥା ପ୍ରକାଶ କରିପାରିବେ ନାହିଁ। ପାରିବାରିକ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ।

**ମିଥୁନ** ଆଜି କଲ୍ୟାଣ ଚନ୍ଦ୍ର ହେତୁ ଯେଉଁ କାମରେ ହାତଦେବେ ସଫଳତା ହାସଲ କରିବେ। ଦିନଭିତରେ ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ପଡ଼ିପାରେ। ସାୟାହ୍ନେ ମାନସିକ ଅସ୍ଥିରତା କାରଣରୁ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। କର୍ତ୍ତବ୍ୟନିଷ୍ଠା ଫଳରେ ପରିବାରର ଲୋକଙ୍କଠାରୁ ଆଦର ପାଇବେ।

**କର୍କଟ** ରାଶ୍ୟାଧିପ ଦ୍ୱାଦଶଭାବରେ ଥିବାରୁ ଆକସ୍ମିକଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଆଶାନୁରୂପ ଅର୍ଥ, ସମ୍ମାନ, ସହଯୋଗ ନ ପାଇ କ୍ଷୋଭପ୍ରକାଶ କରିପାରନ୍ତି। ପାରିବାରିକ ପକ୍ଷପାତିତାକୁ ନେଇ ମନ କଷ୍ଟ ହୋଇପାରେ। ଆଲୋଚନା ସମୟରେ ବନ୍ଧୁଙ୍କ ସହ ଯୁକ୍ତିତର୍କ କରି କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**ସିଂହ** କେତୁ ଓ ରବିଙ୍କ ମଧ୍ୟସ୍ଥ ଶୁକ୍ର ହେତୁ ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ମିଳିବ। ଅବଶ୍ୟ ସଂଗଠନ, ରାଜନୀତି, ସଭାସମିତି, ପ୍ରଶାସନ, କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ। ଅନିୟମିତ ଆହାର ଗ୍ରହଣ ଫଳରେ ଶରୀର କଷ୍ଟ ଅନୁଭବ କରିପାରନ୍ତି।

**କନ୍ୟା** କେତୁଙ୍କ କୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଅବଶ୍ୟ ଚନ୍ଦ୍ରଙ୍କ ଶୁଭସଂସ୍ଥିତି ହେତୁ ମନୋବଳ ଯଥାପୂର୍ବ ଅକ୍ଷୁଣ୍ଣ ରହିବ। ଅତି ନିଜର ଲୋକମାନେ ହଠାତ୍ ସ୍ୱାର୍ଥବାଦୀ ହୋଇ ପଡ଼ିବା କାରଣରୁ କ୍ରୋଧିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ତୁଳା** କର୍ମାଧିପ ଭାଗ୍ୟସ୍ଥ ଯୋଗୁ ଆଜି କୌଣସି ନୂଆ କାମ ଆରମ୍ଭ କରି କୃତକାର୍ଯ୍ୟ ହେବେ। ଆପଣଙ୍କୁ ଅନ୍ୟମାନଙ୍କ କଥା ଓ କାର୍ଯ୍ୟକଳାପ ଭଲ ଲାଗି ନ ପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ଖୁସି ହୋଇପାରନ୍ତି।

**ବିଛା** ରାଶିରେ ଶୁକ୍ର ହେତୁ ହସ, ଖୁସି ଓ ଆନନ୍ଦରେ ଦିନଟି ଅତିବାହିତ ହେବ। ଚନ୍ଦ୍ରଙ୍କ ସ୍ଥିତିରୁ ମନ ଅନୁଯାୟୀ କାମଗୁଡ଼ିକ ହୋଇଯିବ ଏବଂ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ବ୍ୟବସାୟ ଓ ଶିଳ୍ପ ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**ଧନୁ** ଆଜି ଶୁକ୍ରମଙ୍ଗଳ ଯୋଗରୁ ଏକ ଚମକପ୍ରଦ ସ୍ଥିତିରେ ପହଞ୍ଚିବେ, ଯାହା କି ଆପଣଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେବ। ଏହାସଙ୍ଗକୁ ପାରିବାରିକ କ୍ଷେତ୍ରରେ ଟେନ୍‌ସନ୍ କିଛି ମାତ୍ରାରେ କମିଯିବ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବା କଷ୍ଟକର ହୋଇପଡ଼ିବ। ସଭାସମିତି କିମ୍ବା ବନ୍ଧୁମାନଙ୍କଠାରୁ ବସ୍ତ୍ରଭୂଷଣ ଲାଭ କରିପାରନ୍ତି।

**ମକର** ସପ୍ତମାଧିପତି ଷଷ୍ଠସ୍ଥ ଯୋଗୁ ପରିବାରରେ ପରସ୍ପର ମତାନ୍ତରଜନିତ ଅଶାନ୍ତି ପରିସ୍ଥିତି ସୃଷ୍ଟି ହୋଇପାରେ। ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି, ବିବାଦୀୟ ଘଟଣାରେ ବିଜୟୀ ଏବଂ ବାଣିଜ୍ୟ,ବ୍ୟବସାୟରେ ଲାଭବାନ ହେବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କୁମ୍ଭ** ଷଷ୍ଠାଧିପତି ସନ୍ତାନଭାବରେ ଥିବାରୁ ସନ୍ତାନଙ୍କ ବିଶୃଙ୍ଖଳା ଯୋଗୁ ଅଶାନ୍ତ ରହିପାରନ୍ତି। ଲେଖାପଢ଼ା, ପ୍ରଶାସନ, ପରିବହନ, ନିର୍ମାଣ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ନିଜର ସ୍ୱାର୍ଥ ସାଧନ ଲାଗି ସହକର୍ମୀ ଫାଇଦା ଉଠାଇବାକୁ ଚେଷ୍ଟା କରିପାରନ୍ତି।

**ମୀନ** କର୍ମସ୍ଥାନରେ ବୁଧାଦିତ୍ୟ ଯୋଗ ହେତୁ କୌଣସି ନୂତନ କାମ ଆରମ୍ଭ କରିପାରନ୍ତି। ସାମାଜିକସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ବନ୍ଧୁମାନଙ୍କ ସାହାଯ୍ୟ ଦ୍ୱାରା ହିଁ ସମ୍ଭବ ହୋଇପାରେ। ଖଳ ଲୋକଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ଆଶଙ୍କାକୁ ଏଡ଼ିହେବନାହିଁ। ଆବଶ୍ୟକୀୟ ଅର୍ଥ ସକାଶେ ଧାର ସୂତ୍ରରେ ପାଇବାକୁ ଚେଷ୍ଟା କରିବେ।

ଆଜି ପୌଷ କୃଷ୍ଣ ପ୍ରତିପଦା ବୁଧବାର, ଡିସେମ୍ବର ୨୭ ତାରିଖ, ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୩ମି. ଗତେ ଘ.୦୮.୩୨ମି. ମଧ୍ୟେ, ଘ.୧୦.୪୨ମି. ଗତେ ଘ.୧୧.୪୭ମି. ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ଘ.୧୧.୪୭ମି. ଗତେ ଘ.୦୧.୦୮ମି. ମଧ୍ୟେ ରାହୁ କାଳ।

# ବିଜେଡି ଓଡ଼ିଶାବାସୀଙ୍କ ସେବାରେ ସମର୍ପିତ: ମୁଖ୍ୟମନ୍ତ୍ରୀ

## ୨୭ତମ ବିଜେଡି ପ୍ରତିଷ୍ଠା ଦିବସ ପାଳିତ

■ସମୃଦ୍ଧ, ସଶକ୍ତ, ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ ପାଇଁ ସଙ୍କଳ୍ପ ନେଲେ ଅସଂଖ୍ୟ କର୍ମୀ

ଭୁବନେଶ୍ୱର,୨୬।୧୨(ଅନିଲ ଦାସ)

ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ରାଜ୍ୟର ୧୪୭ ନିର୍ବାଚନମଣ୍ଡଳୀରେ ପାଳିତ ହୋଇଛି। ଦଳର ଲକ୍ଷ ଲକ୍ଷ କର୍ମୀ ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ ସାମାଜିକ ଓ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ସେମାନେ ଓଡ଼ିଶାବାସୀଙ୍କ ସେବା ଏବଂ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ସଙ୍କଳ୍ପ ନେବା ସହ ଏକ ସଶକ୍ତ, ସମୃଦ୍ଧ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ ପାଇଁ ବ୍ରତୀ ହେବେ ବୋଲି ଶପଥପାଠ କରିଛନ୍ତି।

ପ୍ରତିଷ୍ଠା ଦିବସ ଅବସରରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିମାନବନ୍ଦର ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରାଜ୍ୟବାସୀଙ୍କୁ ବିଶ୍ୱାସ ଓ ଭରସା ଦେଇ କହିଛନ୍ତି ଯେ ପ୍ରବାଦପୁରୁଷ ବିଜୁବାବୁଙ୍କ ଆଦର୍ଶକୁ ପାଥେୟ କରି ଲୋକଙ୍କ ହିତରେ କାର୍ଯ୍ୟ କରିବା ପାଇଁ ୧୯୯୭ ଡିସେମ୍ବର ୨୬ ତାରିଖରେ ବିଜୁ ଜନତା ଦଳ ପ୍ରତିଷ୍ଠା ହୋଇଥିଲା । ୨୬ ବର୍ଷ ଧରି ସେହି ଦଳ ନିରବଚ୍ଛିନ୍ନ ଭାବେ ଓଡ଼ିଶାବାସୀଙ୍କ ସେବାକରି ଆସୁଛି ଏବଂ ଓଡ଼ିଶାର ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟକରି ଆସୁଛି। ସେବା ଓ ସାମାଜିକ ଅଙ୍ଗୀକାରବଦ୍ଧତା ଯୋଗୁ ଆଜି ଏହା ଦେଶର ଏକ ଶ୍ରେଷ୍ଠ ଆଞ୍ଚଳିକ ଦଳ ଭାବେ ପ୍ରଶଂସନୀୟ ପରିଚିତି ହାସଲ କରିଛି ଏବଂ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ଏକ ଛୋଟ ଚାରାରୁ ମହାଦ୍ରୁମରେ ପରିଣତ ହୋଇଥିବା ବିଜେଡି ଆଗାମୀ ଦିନରେ ମଧ୍ୟ ଓଡ଼ିଶାର ବିକାଶ ଓ ଓଡ଼ିଶାବାସୀଙ୍କ ସେବାରେ ସମର୍ପିତ ହୋଇ ନିଷ୍ଠାପର ଭାବେ କାମ କରିଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାପରେ ଦଳୀୟ ନେତୃମଣ୍ଡଳୀଙ୍କ ସହ।

ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ରହି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ଏହି ଅବସରରେ ସକାଳ ୭ଟାବେଳେ ଶଙ୍ଖ ଭବନରେ ବିଜୁ ଜନତା ଦଳର ପତାକା ଉତ୍ତୋଳନ କରାଯିବା ସହ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା, ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସକାଳ ୮ଟାରେ ବିଜୁ ଜନତା ଦଳର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ଏକ ବିଶାଳ ସାଇକେଲ ରାଲି କଟକର ଆନନ୍ଦ ଭବନରୁ ବାହାରି ସାଢ଼େ ୯ଟା ବେଳେ ବିମାନବନ୍ଦରସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଏହି ସାଇକେଲ ଶୋଭାଯାତ୍ରାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ଯୁବ ବିଜେଡି ଉପଦେଷ୍ଟା ପ୍ରଣବ ବଳବନ୍ତରାୟ, ରାଜ୍ୟ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ, ବିଜୁ ଛାତ୍ର ଜନତା ଦଳ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ ଦିବ୍ୟଶଙ୍କର ମିଶ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ। ସମସ୍ତେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବା ପରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶଙ୍ଖଭବନରେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜନ ହୋଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
LADY OFFICE EXECUTIVE
PHULNAKHARA, CUTTACK
FREE ACCOMMODATION
FREE BOARDING
10000 TO 15000
7809525452

WALK-IN-INTERVIEW
SRICHANDAN COLLEGE OF NURSING
Prabhat Lane, Duttatota, Puri
Time: 10am- 2pm/08.01.24
Requirement : Principal Vice Principal & Tutors (ANM/GNM Course
Eligibility : B.Sc Nursing/GNM With Teaching Experience
*Please carry original certificates with a copy of resume
Contact : 6370434309, 9861269241

WANTED
ଧରିତ୍ରୀ DHARITRI Oriya daily
is looking for
DTP OPERATOR (ADVERTISEMENT)
- Candidate should have at least 2 years experience in DTP and Creative Design.
- Proficiency in InDesign, Adobe Photoshop & CorelDraw is a must.
- Must possess good typing speed in both Odia & English.
- Experience in print media will be preferred.

Apply immediately to :
recruitment@dharitri.com
Attractive salary commensurate with experience

# ୬ଷ୍ଠ ଥର ହାତେଇବାକୁ ଶାସକ ଦଳର ରଣନୀତି

ଫୁଲବାଣୀ,୨୬।୧୨
(ରାକେଶ କୁମାର ରାଉତ)

ଶାସକ ବିଜୁ ଜନତା ଦଳ(ବିଜେଡି) ୨୦୦୦ ମସିହାରୁ କନ୍ଧମାଳ ଜିଲା ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀକୁ ହାତରେ ରଖିଆସିଛି । ଏଥର ୬ଷ୍ଠ ପାଳିରେ ମଧ୍ୟ ବିଜେଡି ଏହି ସିଟ୍‌କୁ ହାସଲ କରିବାକୁ ରଣନୀତି ପ୍ରସ୍ତୁତ କରିଚାଲିଛି। କିନ୍ତୁ ଦଳ ପୁଣି ନୂଆ ନା ପୁରୁଣା ମୁହଁଙ୍କୁ ସୁଯୋଗ ଦେବ, ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ସେପଟେ ବିରୋଧୀ ଭାଜପା ଏବଂ କଂଗ୍ରେସର ରାଜନୈତିକ ତତ୍ପରତା ସେଭଳି ଦୃଷ୍ଟିଗୋଚର ହେଉନାହିଁ। କହିବାକୁ ଗଲେ ଭାଜପାରେ କିଛି ନୂଆ ମୁହଁ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ଚେଷ୍ଟା କରୁଥିବା ବେଳେ କଂଗ୍ରେସ ସ୍ଥିତି ଅସ୍ପଷ୍ଟ ରହିଛି।

ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ । ଏହା ଫୁଲବାଣୀ ପୌରପାଳିକା ସମେତ ଫୁଲବାଣୀ, ଫିରିଙ୍ଗିଆ, ଖଜୁରିପଡ଼ା ଓ ଚକାପାଦ ବ୍ଲକକୁ ନେଇ ଗଠିତ। ପୂର୍ବରୁ କଂଗ୍ରେସର ଗଡ଼ ଭାବେ ପରିଚିତ ଏହି କ୍ଷେତ୍ରକୁ ୨୦୦୦ ମସିହାରୁ ବିଜେଡି ନିଜ ଅକ୍ତିଆରରେ ରଖି ତା'ର ପ୍ରଭାବ ବିସ୍ତାର କରିଚାଲିଛି। ଗତ ତିନୋଟି ନିର୍ବାଚନରେ କଂଗ୍ରେସକୁ ପଛରେ ପକାଇ ଭାଜପା କ୍ରମାଗତ ଶକ୍ତି ବୃଦ୍ଧି କରିବା ସହ ଦ୍ୱିତୀୟ ସ୍ଥାନରେ ରହିଛି। ପଦ୍ମନାଭ ବେହେରା ଏଠାରୁ ଦୁଇ ଥର ବିଧାୟକ ହୋଇ ମନ୍ତ୍ରୀ ହେବାର ସୁଯୋଗ ପାଇଥିଲେ।

**ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀ**



ସେ ୧୯୯୦ରେ ଜନତା ଦଳ ଓ ୨୦୦୪ରେ ବିଜେଡିରୁ ପ୍ରାର୍ଥୀ ହୋଇ ବିଜୟଲାଭ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ବୀରମହାରାଜପୁର ଯିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ଏହି ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀମାନେ ବାରମ୍ବାର ବିଜୟୀ ହୋଇଆସୁଛନ୍ତି। ପଦ୍ମନାଭଙ୍କ ପରେ ୨୦୦୯ରେ ଦେବେନ୍ଦ୍ର କହଁର, ୨୦୧୪ରେ ଦୁଗୁନି କହଁର ଓ ୨୦୧୯ରେ ଅଙ୍ଗଦ କହଁର ଦଳୀୟ ପ୍ରାର୍ଥୀ ହୋଇ ବିଜୟ ଲାଭ କରିଥିଲେ। ଏଭଳି ସ୍ଥିତିରେ ବର୍ତ୍ତମାନର ବିଧାୟକ ଅଙ୍ଗଦଙ୍କୁ ଦଳ ପୁନର୍ବାର ସୁଯୋଗ ଦେବା ଭଳି ଦେଖାଯାଉନାହିଁ ବୋଲି ଆଲୋଚନା ହେଉଛି । ଦୁଗୁନି ସମ୍ଭବତଃ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଛନ୍ତି। କାରଣ ତାଙ୍କୁ କୌଣସି ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନାହିଁ। ବାକି ରହିଲେ ଫୁଲବାଣୀ ଅଞ୍ଚଳର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର । ବିଗତ ଦୁଇଟି ସାଧାରଣ ନିର୍ବାଚନରେ ସେ ଆଶାୟୀ ଥିଲେ ମଧ୍ୟ ଦଳୀୟ ଟିକେଟ ହାତେଇପାରି ନ ଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ସେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବାକୁ ପ୍ରୟାସ ଜାରି ରଖିଥିବା ତାଙ୍କ ସମର୍ଥକମାନେ କହୁଛନ୍ତି । ଫୁଲବାଣୀ ବ୍ଲକରୁ କେବଳ ଦେବେନ୍ଦ୍ରଙ୍କୁ ବାଦ୍ ଦେଲେ ବିଜେଡି ସବୁ ନିର୍ବାଚନରେ ଫିରିଙ୍ଗିଆ ବ୍ଲକରୁ ହିଁ ପ୍ରାର୍ଥୀ ଚୟନ କରିଛି। ତେଣୁ ଆଗାମୀ ନିର୍ବାଚନରେ ଏହି ଧାରା ବଦଳିବ କି ଅପରିବର୍ତ୍ତିତ ରହିବ, ତାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଜାରି ରହିଛି। ଫିରିଙ୍ଗିଆ ବଡ଼ ବ୍ଲକ ହୋଇଥିବା ବେଳେ ପଦ୍ମନାଭ ବେହେରାଙ୍କ ଏହା ନିଜସ୍ୱ ଅଞ୍ଚଳ । ଏବେ ବି ଜିଲା ରାଜନୀତିରେ ତାଙ୍କ ପ୍ରଭାବ ରହିଛି। ଆଗାମୀ ପ୍ରାର୍ଥୀ ମଧ୍ୟ ଏଠାରୁ ହେବା କିଛି ଅସମ୍ଭବ ନୁହେଁ ବୋଲି ଚର୍ଚ୍ଚା ହେଉଛି। ବିଜୟ ସମ୍ଭାବନା ଦୃଷ୍ଟିରୁ ଅନ୍ୟ ଦଳ ଅପେକ୍ଷା ବିଜେଡି ଆଗୁଆ ରହିଛି ।

ଗତ ପଞ୍ଚାୟତ ନିର୍ବାଚନରେ ୬ଟି ଜିଲା ପରିଷଦ ଆସନ ମଧ୍ୟରୁ ବିଜେଡି ୪ଟିରେ ବିଜୟୀ ହୋଇଥିବା ବେଳେ ଭାଜପାକୁ ଦୁଇଟି ଆସନ ମିଳିଥିଲା। କଂଗ୍ରେସ ଖାତା ଖୋଲି ପାରି ନ ଥିଲା । ୧୯୮୫ରେ ଶେଷଥର ପାଇଁ ଅଭିମନ୍ୟୁ ବେହେରା କଂଗ୍ରେସ ପ୍ରାର୍ଥୀ ହିସାବରେ ଫୁଲବାଣୀ ବିଧାୟକ ହୋଇଥିଲେ। ତା' ପରଠାରୁ ଦଳକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଗତ ସମସ୍ତ ନିର୍ବାଚନରେ କଂଗ୍ରେସ ନୂଆ ନୂଆ ପ୍ରାର୍ଥୀଙ୍କୁ ନେଇ ପରୀକ୍ଷା କରିଛି। କିନ୍ତୁ ସଫଳ ହୋଇନାହିଁ। ୨୦୨୪ ପାଇଁ ମଧ୍ୟ ଦଳରେ କୌଣସି ଉଦୀୟମାନ ପ୍ରାର୍ଥୀ ଦେଖାଯାଉ ନ ଥିବା ଚର୍ଚ୍ଚା ହେଉଛି। କଂଗ୍ରେସ ତୁଳନାରେ ଭାଜପାର ଭୋଟ ହାର ଅପେକ୍ଷାକୃତ ଭଲ ଥିଲେ ମଧ୍ୟ କିଏ ପ୍ରାର୍ଥୀ ହେବେ, ତାହା ଏବେ ସମସ୍ତଙ୍କ ଅଗୋଚରରେ ରହିଛି।




# ୨୪ ବର୍ଷରେ ଆଦିବାସୀଙ୍କ ଉନ୍ନତି ଲାଗି କିଛି କରିନାହାନ୍ତି ସରକାର



କଂଗ୍ରେସ ଭବନଠାରେ ପିସିସି ସଭାପତି ଶରତ ପଟ୍ଟନାୟକ ସରକାର ବିରୋଧରେ ବର୍ଷୁଛନ୍ତି।

ଭୁବନେଶ୍ୱର, ୨୬।୧୨(ସୁନିତ୍ ମିଶ୍ର)

ରାଜ୍ୟରେ ଏକ ଆଦିବାସୀ ବିରୋଧୀ ସରକାର ଚାଲିଛି। ଦୀର୍ଘ ୨୪ ବର୍ଷ ଶାସନରେ ଆଦିବାସୀ ସମ୍ପ୍ରଦାୟର ଉନ୍ନତି ପାଇଁ ଏ ସରକାର କେବେ କାର୍ଯ୍ୟ କରିନାହିଁ। ତତ୍କାଳୀନ ବିଜେଡି-ଭାଜପା ମେଣ୍ଟ ସରକାର ୨୦୦୬ ଜାନୁୟାରୀ ୨ରେ ଟାଟା କମ୍ପାନୀକୁ ଜମି ଯୋଗାଇଦେବା ଉଦ୍ଦେଶ୍ୟରେ କଳିଙ୍ଗନଗରଠାରେ ୧୩ ଜଣ ନିରୀହ ଆଦିବାସୀଙ୍କୁ ଗୁଳିକରି ହତ୍ୟାକଲେ। କଳିଙ୍ଗନଗର ନରସଂହାର ଏ ଅର୍ଦ୍ଧଶତାବ୍ଦୀ ଇତିହାସରେ ସବୁଠୁ ବର୍ବରୋଚିତ, ଲୋମହର୍ଷଣକାରୀ ଓ ସରକାର ପ୍ରାୟୋଜିତ ହତ୍ୟାକାଣ୍ଡ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ନିଜ ଭିଟାମାଟି ପାଇଁ ସଂଗ୍ରାମ କରୁଥିବା ନିରୀହ ଆଦିବାସୀଙ୍କ ରକ୍ତରେ ବିଜେଡି-ଭାଜପା ମେଣ୍ଟ ସରକାର ସେତେବେଳେ ହୋଲି ଖେଳିଥିଲା। ଏହି ଜଘନ୍ୟ ହତ୍ୟାକାଣ୍ଡ ବିରୋଧରେ ଭାଜପା ମୁହଁ ଖୋଲି ନ ଥିଲା। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କଳିଙ୍ଗ ନଗର ଆସି ଏହାକୁ 'ଗ୍ରେଟ୍ ଟ୍ରାଜେଡି' ବୋଲି କହିଥିଲେ। ସେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। କଂଗ୍ରେସ ପକ୍ଷରୁ ପ୍ରତ୍ୟେକ ପରିବାରକୁ ଲକ୍ଷେ ଟଙ୍କା ଏବଂ ତତ୍କାଳୀନ ଉପା ସରକାର ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖା ଦିଆଯାଇଥିଲା। ସାରା ରାଜ୍ୟର ବିଭିନ୍ନ ଜିଲାରେ ଆଦିବାସୀ ସମ୍ପ୍ରଦାୟ ପ୍ରତି ରାଜ୍ୟ ସରକାରଙ୍କ କ୍ରୂର ଆଚରଣ ଅତ୍ୟନ୍ତ ନିନ୍ଦନୀୟ। କଳିଙ୍ଗନଗର ଭଳି ରାୟଗଡ଼ା ଜିଲାର ମାଇକଞ୍ଚ, ନବରଙ୍ଗପୁର ଜିଲାର ରାଇଘର ଓ କନ୍ଧମାଳ ଜିଲାର ଗୁମୁଡୁମାହାଠାରେ ଏବଂ ଓଡ଼ିଶାର ବିଭିନ୍ନ ଜିଲାରେ ରାଜ୍ୟ ସରକାର ଆଦିବାସୀଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ବେଦାନ୍ତ କମ୍ପାନୀକୁ ଅନୁକମ୍ପା ପ୍ରଦର୍ଶନ କରିବାକୁ ଯାଇ ନିୟମଗିରିର ଡଙ୍ଗରିଆ କନ୍ଧ, ଝରଣିଆ କନ୍ଧ, କୁଟିଆ କନ୍ଧଙ୍କୁ ବାସଚ୍ୟୁତ କରିବା ପାଇଁ ରାଜ୍ୟ ସରକାର ଯେଉଁ ଷଡ଼ଯନ୍ତ୍ର କରିଥିଲେ ତାହାକୁ ରାହୁଲ ଗାନ୍ଧୀ ପଣ୍ଡ କରିଦେଲେ। ନିଜକୁ ଆଦିବାସୀଙ୍କ ସରକାର ବୋଲି ଘୋଷଣା କରୁଥିବା ବିଜେଡି ସରକାରରେ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲା ନୀତି ଆୟୋଗଙ୍କ ରିପୋର୍ଟ ଅନୁସାରେ ସବୁଠାରୁ ଗରିବ ଜିଲା କାହିଁକି ବୋଲି ଶରତ ପ୍ରଶ୍ନ କରିଛନ୍ତି।

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା

# ଏଆଇ: ନିୟନ୍ତ୍ରଣ ଲୋଡ଼ା

ଅତ୍ୟାଧୁନିକ ଯୁଗରେ ବିଜ୍ଞାନର ବଡ଼ ସଫଳତା ହେଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା(ଏଆଇ)। ଏହି କ୍ରମରେ ନିକଟରେ ଗବେଷକମାନେ ଏକ ନୂଆ ଏଆଇ ବିକାଶ କରିଛନ୍ତି, ଯାହା ବ୍ୟକ୍ତିର ଜୀବନକାଳ ଉପରେ ଆକଳନ କରିପାରିବ। ଅର୍ଥାତ୍ ବୁଝିବାକୁ ହେବ ଯେ, ପରୋକ୍ଷରେ ଏହା ଜୀବନକୁ ନିୟନ୍ତ୍ରଣ କରିବାର ବାଟ ଦେଖାଇବ। ଚାଟ୍‌ଜିପିଟି ଭଳି ବୃହତ୍ ଭାଷା ମଡେଲ(ଏଲ୍‌ଏଲ୍‌ଏମ୍)କୁ ଚଳାଉଥିବା ଟ୍ରାନ୍ସଫର୍ମର ମଡେଲକୁ ବ୍ୟବହାର କରି ଏହି ଏଆଇ ପ୍ରସ୍ତୁତ କରାଯାଇଛି। ଏହି ମଡେଲର ନାମ ରଖାଯାଇଛି ଲାଇଫ୍‌୨ଭିଇସି। ତେବେ ଦେଖାଯାଉଛି, ନିୟମିତ ଭାବେ ମଣିଷ ଜୀବନକୁ ପ୍ରଭାବିତ କରିବା ଭଳି ଏକାଧିକ ଏଆଇ ସାମ୍ନାକୁ ଆସିବାରେ ଲାଗିଛି। ଏହାର ବ୍ୟବହାର ମଧ୍ୟ ବ୍ୟାପକ ହେବାକୁ ଲାଗିଲାଣି। କିନ୍ତୁ ଏଆଇର ଅନେକ ଭଲ ଦିଗ ଉପରେ ଯୁକ୍ତି କରାଯାଉଥିବାବେଳେ ଏହାର ନକାରାତ୍ମକ ପ୍ରଭାବକୁ ଅଣଦେଖା କରାଯିବା ମନେହେଉଛି। ବିଶ୍ୱରେ ଏଆଇର ପ୍ରଭାବକୁ ନେଇ ବିଶେଷଜ୍ଞମାନେ କହିଛନ୍ତି ଯେ, ଏହି ନୂଆ ବୈଷୟିକ ନୂତନତ୍ୱ ମାନବତା ପ୍ରତି ବିପଦ ଆଣିବାର ସମ୍ଭାବନା ଅଧିକ। ଏପରି କି ଚାଟ୍‌ଜିପିଟି ସୃଷ୍ଟି କରିଥିବା ଓପନ୍ ଏଆଇର ବସ୍ ସାମ୍ ଅଲ୍ଟମ୍ୟାନ ଏଆଇକୁ ଏକ ବିପଦ ଭାବେ ଦେଖାଗଲାଣି। ଏହାର ଗମ୍ଭୀରତାକୁ ଦେଖି ଗତ ମେ ମାସରେ ସ୍ପେସ୍‌ଏକ୍ସର ମୁଖ୍ୟ ଏଲନ୍ ମସ୍କଙ୍କ ସମେତ ଅନ୍ୟ କେତେଜଣ ବିଶେଷଜ୍ଞ ଅତ୍ୟାଧୁନିକ ଏଆଇ ବିକାଶ ଉପରେ ସାମୟିକ କଟକଣା ଲଗାଇବା ସକାଶେ ଦାବି କରିଥିଲେ ; ଯାହା ଫଳରେ ଏହାର ସୁରକ୍ଷିତ ଅଗ୍ରଗତି ଉପରେ ନେତୃବର୍ଗ ବିଚାର କରିପାରିବେ। କିନ୍ତୁ ଏ ସମ୍ପର୍କିତ ଗବେଷଣାର କାର୍ଯ୍ୟକାରିତାକୁ ବନ୍ଦ କରାଯାଇ ପାରୁନାହିଁ। ତେବେ 'ଚ୍ୟାଲେଞ୍ଜର ଗ୍ରେ ଆଣ୍ଡ୍ ଖ୍ରୀଷ୍ଟମାସ'ର ମାସିକ ରିପୋର୍ଟ ଦର୍ଶାଇଛି ଯେ, ସୃଜନାତ୍ମକ କାର୍ଯ୍ୟ, ପ୍ରଶାସନିକ ଓ କିରାଣି କାର୍ଯ୍ୟ କରିବା ଲାଗି ଅତ୍ୟାଧୁନିକ ଏଆଇ ଚାଟ୍‌ଜିପିଟିର ବହୁଳ ବ୍ୟବହାର ଶ୍ରମ ବଜାରକୁ କ୍ରମଶଃ ଅଧିକ ପ୍ରଭାବିତ କରିବାର ଆଶଙ୍କା ରହିଛି । ଚଳିତବର୍ଷ ଜୁନ ସୁଦ୍ଧା ଆମେରିକାରେ ପାଖାପାଖି ୪ ହଜାର ଲୋକ ଛଟେଇ ହେବା ଏଆଇର ନକାରାତ୍ମକ ପ୍ରଭାବକୁ ପ୍ରତିପାଦିତ କରିଛି । ଏହା ବ୍ୟତୀତ ଗୋଲ୍ଡମ୍ୟାନ ସାକ୍ସ ପୂର୍ବାନୁମାନ କରିଛି ଯେ, ଏଆଇର ବ୍ୟାପକ ବ୍ୟବହାର ଯୋଗୁ ସାରା ବିଶ୍ୱରେ ପ୍ରାୟ ୩୦ କୋଟି ପୂର୍ଣ୍ଣକାଳୀନ କର୍ମଚାରୀ ଛଟେଇ ହୋଇପାରନ୍ତି । ଲୋକମାନେ କାମ ହରାଇଲେ ଅସ୍ଥିରତା ବୃଦ୍ଧି ପାଇବାର ସମ୍ଭାବନା ଦେଖାଦେଇପାରେ।

ବିଶ୍ୱରେ ଆମେରିକା, କାନାଡା, ସ୍ୱିଡେନ, ଜାପାନ, ଜର୍ମାନୀ, ଫ୍ରାନ୍ସ, ଇଂଲଣ୍ଡ, ଚାଇନା, ନରୱେ, ରୁଷିଆ, ଭାରତ, ସିଙ୍ଗାପୁର ଓ ଦକ୍ଷିଣ କୋରିଆ ପ୍ରମୁଖ ଦେଶଗୁଡ଼ିକ ଏଆଇ ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଏଥିଯୋଗୁ ବିଶ୍ୱରେ ଏଆଇ ବଜାର ୨୦୨୨ରେ ୧୩୬.୫୫ ବିଲିୟନ ଡଲାରରେ ପହଞ୍ଚିଛି। ଏହା ୨୦୩୦ ସୁଦ୍ଧା ୧୮୧୧.୮ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ଏହି ଆଧୁନିକ ଟେକ୍ନୋଲୋଜିର ବିକାଶ ଦ୍ୱାରା ସ୍ୱାସ୍ଥ୍ୟ, ଅର୍ଥ, ପରିବହନ ଏବଂ ଖୁଚୁରା ବ୍ୟବସାୟ ଭଳି ଶ୍ରମ ଓ ସେବା କ୍ଷେତ୍ର ଏପର୍ଯ୍ୟନ୍ତ ପ୍ରଭାବିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ଏହାପରେ ଅନ୍ୟସବୁ କ୍ଷେତ୍ର ପ୍ରଭାବିତ ହେବାର ସମ୍ଭାବନା ରହିଛି। ଭାରତର ଅର୍ଥନୀତି ମୁଖ୍ୟତଃ ସେବା କ୍ଷେତ୍ର ଉପରେ ଅଧିକ ନିର୍ଭରଶୀଳ ହୋଇଥିବାରୁ ଏଆଇ ବ୍ୟବହାର ଯେତିକି ବୃଦ୍ଧି ପାଇବ କର୍ମଚାରୀଙ୍କ ଚାହିଦା ସେତିକି କମିବ ଅର୍ଥାତ୍ ଅଧିକରୁ ଅଧିକ ଲୋକ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେବେ। ଭାରତରେ ଏଆଇ ବଜାରର ଅଭିବୃଦ୍ଧିକୁ ଲକ୍ଷ୍ୟ କଲେ ଏଭଳି ସ୍ଥିତି ଶୀଘ୍ର ଆସିବ ବୋଲି କୁହାଯାଇପାରେ। କାରଣ ଭାରତର ଏଆଇ ବଜାର ୨୦୨୨ରେ ୬୮୦ ମିଲିୟନ ଡଲାର ଥିବାବେଳେ ୨୦୨୫ ସୁଦ୍ଧା ୧୧,୭୮୧ ମିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି।

ସବୁଠୁ ଚିନ୍ତାଜନକ ହେଉଛି, ଏଆଇର ବ୍ୟବହାର ସେନା କ୍ଷେତ୍ରରେ ବୃଦ୍ଧିପାଇଲେ ପ୍ରତିରକ୍ଷା କାର୍ଯ୍ୟକଳାପ ନିୟନ୍ତ୍ରଣ ଉପରେ ଅଧିକ ପ୍ରଭାବ ପକାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଜି୭ ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ଏଆଇ ପାଇଁ ଏହାକୁ ବିକାଶ କରୁଥିବା ଦେଶ କିମ୍ବା ସଂସ୍ଥାଗୁଡ଼ିକ ଲାଗି 'କୋଡ୍ ଅଫ କଣ୍ଡକ୍ଟ' ଆଣିବାକୁ ଏକମତ ହୋଇଛି। ଏହାକୁ ଲକ୍ଷ୍ୟ କରି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ଏଆଇ ପାଇଁ 'ସେଫ୍ଟି ଆଣ୍ଡ ସିକ୍ୟୁରିଟି' ମାନକ ସ୍ଥିର କରିଛନ୍ତି। ଏଆଇକୁ କିଭଳି ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ଭାବେ ବ୍ୟବହାର କରାଯିବ, ତାହା ନିଶ୍ଚିତ କରିବା ଲାଗି ଇଂଲଣ୍ଡ ବୈଶ୍ୱିକ ଏଆଇ ସୁରକ୍ଷା ସମ୍ମିଳନୀ ଆୟୋଜନ କରିସାରିଛି। କିନ୍ତୁ ଏଆଇର କ୍ରମବିକାଶ ଓ ପ୍ରତିଯୋଗିତାକୁ ଲକ୍ଷ୍ୟ କଲେ ଏହାକୁ ନିୟନ୍ତ୍ରଣ କରାଯିବା କଷ୍ଟକର ହୋଇପଡ଼ିଲାଣି। ଆଣବିକ ଅସ୍ତ୍ର କ୍ଷେତ୍ରରେ ଯଦି ଏଆଇ ବ୍ୟବହାର କରାଯାଏ ତେବେ ଭବିଷ୍ୟତରେ ଏହାର ପ୍ରୟୋଗକୁ କେହି ଆଉ ରୋକିପାରିବେ ନାହିଁ। ଅର୍ଥାତ୍ ଏକ ବଡ଼ ବିନାଶକୁ ଆମନ୍ତ୍ରଣ କରିବା ସାର ହେବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | 5 | | 2 | | 3 |
| | 3 | | | | 2 | | 7 | |
| | | 6 | | | | | | |
| 9 | | | 3 | | | 8 | 2 | 6 |
| | | | 7 | | | | | |
| 6 | | 1 | 8 | | | | | 7 |
| | | | 4 | 6 | | | | |
| 1 | | | | 8 | | 6 | | |
| | | | | | | | 8 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 7 | 3 | 8 | 4 | 6 | 2 | 5 |
| 5 | 4 | 8 | 7 | 6 | 2 | 9 | 3 | 1 |
| 3 | 2 | 6 | 9 | 1 | 5 | 8 | 7 | 4 |
| 9 | 5 | 3 | 8 | 7 | 6 | 1 | 4 | 2 |
| 4 | 7 | 1 | 2 | 9 | 3 | 5 | 8 | 6 |
| 6 | 8 | 2 | 5 | 4 | 1 | 7 | 9 | 3 |
| 8 | 3 | 4 | 6 | 5 | 9 | 2 | 1 | 7 |
| 7 | 1 | 5 | 4 | 2 | 8 | 3 | 6 | 9 |
| 2 | 6 | 9 | 1 | 3 | 7 | 4 | 5 | 8 |

ଗତକାଲିର ଉତ୍ତର

# କରୋନାର ସମ୍ଭାବ୍ୟ ପୁନରାଗମନ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

୨୦୨୩ ନଭେମ୍ବରରେ ଗୋଟିଏ ଉଦ୍‌ବେଗଜନକ ଖବର ଲୋକଲୋଚନକୁ ଆସିଲା। ବିଷୟଟି ଚାଇନାରେ ଦେଖାଦେଇଥିବା ଏକ ଅଜଣା ସଂକ୍ରାମକ ରୋଗ। ଏଥିରେ ମୁଖ୍ୟତଃ ଶିଶୁମାନେ ପୀଡ଼ିତ ହୋଇଥାନ୍ତି। ଏହାର ଲକ୍ଷଣରୁ ଜଣାଯାଏ ଯେ, ଏହା ଶ୍ୱାସକ୍ରିୟାଜନିତ ରୋଗ। ଏହାର ପ୍ରାଦୁର୍ଭାବର ପରିଣାମ ସ୍ୱରୂପ ଚାଇନାର କେତେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ପ୍ରାୟ ବାରଶହ ପିଲା ଭର୍ତ୍ତି ହେଉଛନ୍ତି। ଏ ସମ୍ପର୍କରେ ସାମାନ୍ୟ ତଥ୍ୟ ଜାଣିବା ପାଇଁ ମାଇକୋପ୍ଲାଜମା ସମ୍ପର୍କରେ କିଛି ତଥ୍ୟର ଆବଶ୍ୟକତା ରହିଛି। ମାଇକୋପ୍ଲାଜମା ହେଉଛି ବାକ୍ଟେରିଆର ଗୋଟିଏ ପ୍ରଜାତି (ସିଙ୍ଗୁଲାର ଫର୍ମ)। ତେବେ ବାକ୍ଟେରିଆର ମୁଖ୍ୟତଃ ସମାନ ଗୁଣ ବିଶିଷ୍ଟ। ସେମାନଙ୍କ କୋଷିକାରେ କଠିନ ଆବରଣ (ସେଲ ମେମ୍ବ୍ରେନ) ନ ଥାଏ। ଅବଶ୍ୟ ପ୍ଲାଜମା ଆବରଣ ଥାଏ। ପେନ୍‌ସଲିନ ଓ ଅନ୍ୟ କେତେକ ଆଣ୍ଟିବାଇଓଟିକ୍ ସେମାନଙ୍କୁ ନଷ୍ଟ ବା ପ୍ରତିରୋଧ କରିପାରି ନ ଥାଏ, କାରଣ ଏହି ଆଣ୍ଟିବାଇଓଟିକ୍ କାର୍ଯ୍ୟକ୍ଷମ ହେବା ସକାଶେ କୋଷିକାର ଆବରଣ ଆବଶ୍ୟକ।

ମାଇକୋପ୍ଲାଜମା ଆକାର ଅତି କ୍ଷୁଦ୍ର। ଏହା ପରଜୀବୀ ଓ ବିନା ଅମ୍ଳଜାନରେ ତିଷ୍ଠି ପାରେ, ବିଭିନ୍ନ ଆକାର ଧାରଣ କରିଥାନ୍ତି। ଉକ୍ତ ବାକ୍ଟେରିଆ ଯୋଗୁ ଗଳା, ଫୁସ୍‌ଫୁସ୍ ଓ ଶ୍ୱାସନଳୀର ଆସ୍ତରଣ କ୍ଷତିଗ୍ରସ୍ତ ହୁଏ। ଆକ୍ରାନ୍ତ ବ୍ୟକ୍ତିଙ୍କ ନାସା ଓ ଗଳାରେ ଏହି ବାକ୍ଟେରିଆ ରହିଥାନ୍ତି। ଏଥିରେ ପୀଡ଼ିତ ଜଣେ ବ୍ୟକ୍ତି ଛିଙ୍କିଲେ କିମ୍ବା କାଶିଲେ, ଉଦ୍ଭୂତ କଣିକା ନିକଟସ୍ଥ ସୁସ୍ଥ ବ୍ୟକ୍ତିର ଶରୀରରେ ପ୍ରବେଶ କରେ। ଏହି ପ୍ରକାରେ ମାଇକୋପ୍ଲାଜମାଜନିତ ନିମୋନିଆ (ଏମ୍. ନିମୋନିଆ) ବ୍ୟାପିଥାଏ। ଅବଶ୍ୟ ଅଳ୍ପ ସମୟ ପାଇଁ ପୀଡ଼ିତ ବ୍ୟକ୍ତି ସମୟ କଟାଇଲେ ଏହା ପ୍ରଭାବହୀନ ହେବା ସମ୍ଭାବନା ଅଧିକ। ସାଧାରଣତଃ ସ୍କୁଲ, କଲେଜ ଓ ଅନ୍ୟ ଯେଉଁ ସ୍ଥଳରେ ଭିଡ଼ ଜମିଥାଏ, ଏହା ସଂକ୍ରମଣ ପରିବ୍ୟାପ୍ତ ହୁଏ। ବିଶେଷତଃ ଥଣ୍ଡା, କାଶର ଶିକାର ହୋଇଥିବା ବିଦ୍ୟାଳୟ-ସ୍ତରର ପିଲା ଘରକୁ ଫେରି ଏକତ୍ର ରହିଲେ, ପରିବାର ସଦସ୍ୟମାନେ ବେମାରି ଏଡ଼ାଇ ପାରି ନ ଥାନ୍ତି। ସାଧାରଣତଃ ଏହି ପ୍ରକାର ରୋଗ ଗମ୍ଭୀର ନୁହେଁ। ଏଥିରୁ ଆରୋଗ୍ୟ ପାଇଁ ହସ୍ପିଟାଲରେ ଭର୍ତ୍ତି ହେବା ଅନାବଶ୍ୟକ। ଏପରି କି ଶେଯରେ ପଡ଼ିରହି ବିଶ୍ରାମ ନେବା ଦରକାର ହୋଇ ନ ଥାଏ। ତେଣୁ ଏହି ପ୍ରକାର ନିମୋନିଆ ୱାକିଂ (କିମ୍ବା ଏଟିପିକାଲ) ନିମୋନିଆ ଭାବେ ପରିଚିତ। ଅବଶ୍ୟ ଏହା ଅସ୍ୱସ୍ତିକର ଅବସ୍ଥାରେ ପକାଇ ଥାଏ, ଯଦିଚ ଏହା ସାମୟିକ। ବିଶେଷତଃ କର୍ମକ୍ଷେତ୍ରରେ ଏହା ଅସ୍ୱଚ୍ଛନ୍ଦ ମନେହୁଏ। ଗଳା କର୍କଶ ହେବା, ବାରମ୍ବାର ନାସିକାରୁ ନିର୍ଗତ ଶ୍ଳେଷ୍ମା, କ୍ଲାନ୍ତି, ମୁଣ୍ଡବ୍ୟଥା, ନିଃଶ୍ୱାସ ପ୍ରଶ୍ୱାସବେଳେ ସୁସୁରିପରି ଶବ୍ଦ ଜାତ ହେବାରୁ କାର୍ଯ୍ୟଧାରା ବିଘ୍ନିତ ହୁଏ।

ତେବେ ଚାଇନା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ ଯେ, ସେଠାରେ ଉପରୋକ୍ତ ଏମ.ନିମୋନିଆ ହ୍ରାସ




ପାଇଲାଣି। କିନ୍ତୁ ଅନ୍ୟପ୍ରକାରେ ଶ୍ୱାସକ୍ରିୟା ସହ ସମ୍ପୃକ୍ତ ରୋଗ ବ୍ୟାପୁଛି। ଏହାର କାରଣ ଭାବେ ଫ୍ଲୁ ଆଡେନୋଭାଇରସ୍ ଓ ରେସ୍ପିରେଟୋରି ସିଙ୍ଗିସିଆଲ ଭାଇରସ (ଆର୍‌ଏସ୍‌ଭି) ନାମକ ଏକ ଭୂତାଣୁ ଚିହ୍ନଟ ହୋଇପାରେ ବୋଲି ସନ୍ଦେହ କରାଯାଉଛି। ତେଣୁ ଏହି ବିଷୟରେ ଠିକ୍ ତଥ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ତରଫରୁ ମଗାଯାଇଛି। ଅବଶ୍ୟ ଚାଇନାର ଏହା ଏକ ନୂତନ ଅଜଣା ଭୂତାଣୁ ବୋଲି ସ୍ୱୀକାର କରୁ ନାହିଁ। ଚାଇନା ସ୍ପଷ୍ଟୀକରଣ ଦେଉଛି ଦୀର୍ଘଦିନ ଧରି ଚାଇନାବାସୀ ଅତ୍ୟଧିକ କଠୋର କଟକଣା ମଧ୍ୟରେ ଥିଲେ। ଏହି ଆଚରଣବିଧି ଉଚ୍ଛେଦ ତ୍ୱରିତ ଭାବେ କରିବାରୁ ଲୋକଙ୍କ ପ୍ରତିରୋଧ ଶକ୍ତି ସମ୍ପ୍ରତି କମ୍ ରହିଛି। ଦିନେ ଏତାଦୃଶ ଘଟଣା ଯୁକ୍ତରାଷ୍ଟ୍ର ଓ ପାଶ୍ଚାତ୍ୟ ଦେଶରେ ମଧ୍ୟ ଦେଖାଦେଇଥିଲା। କିନ୍ତୁ ଏହା ସାମୟିକ, ଗମ୍ଭୀର ନୁହେଁ। (ହେଲ୍‌ଥ-ଲାଇନ, ୩୦ ନଭେମ୍ବର ୨୦୨୩।)

ଏହି ପ୍ରସଙ୍ଗରେ ଆର୍‌ଏସ୍‌ଭି, ଫ୍ଲୁ, ନିମୋନିଆ ମଧ୍ୟରେ ତୁଳନା ସମୀଚୀନ ହେବ। ଏହି ପ୍ରଭେଦ ଶିଶୁମାନଙ୍କ ବାପା-ମା' ଓ ଅଭିଭାବକମାନଙ୍କ ସକାଶେ ଅଧିକ ଗୁରୁତ୍ୱ ବହନ କରେ। ଏହି ତିନୋଟି କ୍ଷେତ୍ରରେ ଲକ୍ଷଣ ନେଇ ଅନେକ ସାମଞ୍ଜସ୍ୟ ରହିଛି। ସର୍ଦ୍ଦି, କାଶ, ଏପରି କି କେତେକ କ୍ଷେତ୍ରରେ ଜ୍ୱର ଏକ ସାଧାରଣ ଲକ୍ଷଣ ହୋଇପାରେ।

ତେବେ ଫ୍ଲୁ ଇନ୍‌ଫ୍ଲୁଏଞ୍ଜା-ଭୂତାଣୁରୁ ହୋଇଥାଏ। ଏହାଦ୍ୱାରା ଜଣେ ଶ୍ୱାସକ୍ରିୟାଜନିତ ଅସୁସ୍ଥତାରେ ପୀଡ଼ିତ ହୁଏ। ସାଧାରଣତଃ ଏହା ଶୀତଋତୁରେ ଦେଖାଦିଏ। ଏଥିରୁ ଜଣକର ମୁଣ୍ଡ ଓ ଅନ୍ୟାନ୍ୟ ଅଙ୍ଗରେ ପୀଡ଼ାଜାତ ହୁଏ। ଜ୍ୱର ମଧ୍ୟ ହେବା ସମ୍ଭବ। ସାଧାରଣ ଥଣ୍ଡା ଓ ଫ୍ଲୁ ମଧ୍ୟରେ ପାର୍ଥକ୍ୟ ହେଉଛି ଯେ, ଲକ୍ଷଣକୁ ଭିତ୍ତିକରି ସେମାନଙ୍କ ମଧ୍ୟରେ ଏକା ଲକ୍ଷଣ ପ୍ରକଟ ହେଲେ ସୁଦ୍ଧା ଫ୍ଲୁ ଯୋଗୁ ଲକ୍ଷଣମାନ ଅଧିକ ମାତ୍ରାରେ ପରିଲକ୍ଷିତ ହୋଇଥାଏ। ବିଶେଷତଃ ଆଜ୍‌ମା, କ୍ରୋନିକ ଅବଷ୍ଟ୍ରକ୍ଟ୍ୟୁ ପୁଲମୋନରି ଡିଜିଜ୍ (ସିଓପିଡି), ବହୁମୂତ୍ର, ଏଡ୍‌ସ, କ୍ୟାନ୍‌ସର ପରି ରୋଗ ଦ୍ୱାରା ପ୍ରତିରୋଧକତା ହ୍ରାସ ହୋଇଥିଲେ, ସିକଲସେଲ୍ ଡିଜିଜ୍, ମେଦବୃଦ୍ଧି (ବଡି- ମାସ- ଇଣ୍ଡେକ୍ସ ଚାଳିଶରୁ ଅଧିକ ଥିଲେ), ପୀଡ଼ିତର ବୟସ ପାଞ୍ଚ ବର୍ଷରୁ କମ୍ କିମ୍ବା ପଞ୍ଚଷଠି ବର୍ଷରୁ ଅଧିକ ହେଲେ କିଡ୍‌ନୀ, ହୃଦ୍‌ରୋଗରେ ସମସ୍ୟା ଥିଲେ, ଏହି ବ୍ୟାଧି ପ୍ରତି ବିଶେଷ ସତର୍କ ରହିବା ବିଧେୟ। ଏହି ରୋଗ ପରୀକ୍ଷା ପାଇଁ ଫ୍ଲୁ କିମ୍ବା କୋଭିଡ୍‌୧୯ ଉପାଦେୟ ଉଲ୍ଲେଖନୀୟ ଯେ କିଛି ଶିଶୁଙ୍କ କ୍ଷେତ୍ରରେ ତରଳ ଝାଡ଼ା ଓ ବାନ୍ତି ମଧ୍ୟ ସମ୍ଭବପର।

ତିନିପ୍ରକାର ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ଅଛି- ଏ, ବି, ସି। ଇନ୍‌ଫ୍ଲୁଏଞ୍ଜା ଏ ଏବଂ ବି ଋତୁକାଳୀନ (ଶୀତଋତୁ) ହୋଇଥିବା ବେଳେ ସି-ଶ୍ରେଣୀୟ ବେମାରି ଏତେ ଗୁରୁତର ନୁହେଁ ଓ ଏହା ବର୍ଷ ସାରା ଦେଖାଦିଏ। ସ୍ୱାଇନ ଫ୍ଲୁ (ଏଚ୍-୧ ଏନ୍-୧) ଓ ବାର୍ଡ ଫ୍ଲୁ ଇନ୍‌ଫ୍ଲୁଏଞ୍ଜା ଉପ-ଭାଗରେ ଅନ୍ତର୍ଭୁକ୍ତ।

ଆର୍‌ଏସ୍‌ଭି ଏକ ସଂକ୍ରାମକ ରୋଗ। ଏହା ଶ୍ୱାସଯନ୍ତ୍ରକୁ କ୍ଷତି ପହଞ୍ଚାଏ। ନିମୋନିଆ ଓ ଶ୍ୱାସନିକା ପ୍ରବାହ (ବ୍ରୋଙ୍କାଇଟ୍‌ସ) ପରି ଅଧିକ ଗମ୍ଭୀର ବେମାରି ଆଡ଼କୁ ଏହା ବଢ଼ିପାରେ, ଯଦି ଉପଯୁକ୍ତ ପ୍ରତିକାରରେ ହେଳା କରାଯିବ। ପିଲାଙ୍କ ପାଇଁ ଏହା ଅଧିକ ସମ୍ବେଦନଶୀଳ। ପରିସ୍ରାର ପରିମାଣ ହ୍ରାସ ପାଏ। ନିର୍ଜଳୀକରଣ (ଡିହାଇଡ୍ରେଶନ) ପରିଦୃଷ୍ଟ ହୁଏ। ମାତ୍ରାଧିକ ଶ୍ଳେଷ୍ମାର ଏହା ଏକ କାରକ। ନିମୋନିଆ ହେଲେ, ଶିଶୁଟିଏ ସାଧାରଣ ଥଣ୍ଡା ଅପେକ୍ଷା ଅଧିକ ରୁଗ୍ଣ ହୋଇଯାଏ। ଏହାର ନିଦାନ ପାଇଁ ବେଳେ ବେଳେ ଛାତିର ଏକ୍ସ-ରେ କରାଯାଏ।

ଉତ୍ତର ଚାଇନାରେ ସମ୍ପ୍ରତି ବ୍ୟାପୁଥିବା ଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ (ରେସ୍ପିରେଟରି ଇଲ୍‌ନେସ)। ଏହି ବେମାରି ପୃଷ୍ଠଭୂମିରେ ସାରା ବିଶ୍ୱ ନାନା ଭାବେ ଆଶଙ୍କା ବ୍ୟକ୍ତ କରୁଛି। ଆମେରିକାର ଲୁଇଜିନିଆ ଓ ସାଉଥ୍ କରୋଲିନାରେ ଏହି ରୋଗ କାରଣରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଆଲବାମା, କାଲିଫର୍ନିଆ ଇତ୍ୟାଦି ରାଜ୍ୟରେ ସ୍ଥିତି ଗମ୍ଭୀର ହେବା ପରି ପ୍ରତୀତ ହେଉଛି। ୨୦୨୩ ନଭେମ୍ବରର ଶେଷ ସପ୍ତାହରେ ଶତକଡ଼ା ଛଅଭାଗ ଫ୍ଲୁ ପଜିଟିଭ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହା ହୁଏତ ଫ୍ଲୁ କୋଭିଡ୍, ଆର୍‌ଏସିଭି ପରି ଉତ୍କଟ ଶ୍ୱାସଜନିତ ବ୍ୟାଧି ଆଡ଼କୁ ମୁହାଁଇପାରେ। ତେଣୁ ଆମେରିକା ଚାଇନା ମଧ୍ୟରେ ଯାତାୟାତରେ କଟକଣା ଜାରି କରିବାକୁ ସିନେଟର ବହୁ ଜନପ୍ରତିନିଧି ରାଷ୍ଟ୍ରପତି ବାଇଡେନ୍‌ଙ୍କୁ ଅନୁରୋଧ କରିଛନ୍ତି। ବିଶେଷତଃ ଚାଇନା ଯେପରି କୋଭିଡ୍-୧୯ ଭୂତାଣୁ ଲୁଚାଇଥିଲା ବର୍ତ୍ତମାନ ସେଇ ନୀତି ଅନୁସରଣ କରୁଥାଇ ପାରେ ବୋଲି ସେମାନେ ସୂଚାଇଛନ୍ତି।

ଆମ ଦେଶର କେନ୍ଦ୍ର ସରକାର ମଧ୍ୟ ଶ୍ୱାସକ୍ରିୟାଜନିତ ରୋଗର ସମ୍ଭାବ୍ୟ ପୁନରାବୃତ୍ତି ବିଷୟରେ ସତର୍କ ହେବା ସହ ଯଥେଷ୍ଟ ପ୍ରତିଷେଧକ ବ୍ୟବସ୍ଥା ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କରୋନା କାଳରେ ଯେମିତି ପଦକ୍ଷେପ ନିଆଯାଇଥିଲା, ତାହାର ସମ୍ଭାବିତ ପୁନରାଗମନ ହୋଇଥାଇପାରେ ବୋଲି କେତେକ ମହଲ ଅନୁମାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସତର୍କ ରହିବା ଓ ସ୍ୱଚ୍ଛତା ଅବଲମ୍ବନ କରିବା ଆମର ଧ୍ୟେୟ ହେଉ।

୨୦୧୯ରେ ଚାଇନା କୋଭିଡ୍ ଆବିର୍ଭାବ ବିଷୟ ଦୀର୍ଘକାଳ ଲୁଚାଇ ଥିବାରୁ ଭାରତ ସମେତ ଅନ୍ୟ ରାଷ୍ଟ୍ରମାନେ ତା'ର ସାମ୍ପ୍ରତିକ ସ୍ପଷ୍ଟୀକରଣକୁ ବିଶ୍ୱାସ କରୁନାହାନ୍ତି। ତେବେ କରୋନା- ଆଶଙ୍କା ଅମୂଳକ ହୋଇପାରେ ବୋଲି କେତେକ ବିଶେଷଜ୍ଞଙ୍କ ମତ।

ମୋ: ୯୦୭୮୭୪୩୮୪୩

# ପିଲାଙ୍କ ପିକ୍‌ନିକ୍



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ସମ୍ପ୍ରତି ଶୀତର ପ୍ରକୋପ ଟିକିଏ ବଢ଼ୁଥିବା ବେଳେ ଖ୍ରୀଷ୍ଟମାସ ଛୁଟି ପାଳନ ଅବସରରେ ମା'ବାପାଙ୍କ ସହ ପିଲାଙ୍କ ବୁଲାବୁଲି ଆରମ୍ଭ ହୋଇଯାଇଛି। ପିଲାଙ୍କ ବିଦ୍ୟାଳୟ ଛୁଟି ରହୁଥିବାରୁ ଇଂଲିଶ ନୂଆବର୍ଷକୁ ବିଦାୟ ସହ ଆଗାମୀ ବର୍ଷକୁ ସ୍ୱାଗତ କରିବା ପାଇଁ ପ୍ରାୟତଃ ଅଧିକାଂଶ ପରିବାରରେ ବାର୍ଷିକ ଭ୍ରମଣ ଛୁଟିର ଯୋଜନା ରହିଥାଏ। ପିଲାମାନେ ଲଗାତର ଭାବରେ ଅଧ୍ୟୟନ କରିବା ପରେ ଟିକିଏ ଖୁସି ଓ ଆନନ୍ଦ ପାଇବା ପାଇଁ ମା'ବାପାଙ୍କ ସହ ବା ଘରର ଆତ୍ମୀୟ ସ୍ୱଜନଙ୍କ ସହ ପିକ୍‌ନିକ୍‌କୁ ମନ ବଳାଇଥାନ୍ତି। ତେବେ ପିକ୍‌ନିକ୍‌ର ପୂର୍ବରୁ ଓ ପରବର୍ତ୍ତୀ ଯାତ୍ରାର ଯୋଜନା ସହ ସ୍ୱାସ୍ଥ୍ୟଗତ ପରିବେଶରେ ବୁଲାବୁଲି ଓ ଖାଇବା ପିଇବା ଦିଗକୁ ଯଥେଷ୍ଟ ସଚେତନ ହେବା ଜରୁରୀ। ଶୀତଦିନେ ପିକ୍‌ନିକ୍ ପଡ଼ୁଥିବାରୁ ଭ୍ରମଣ ଯୋଜନା ଥିବା ସ୍ଥାନଟି ଯେପରି ଅତ୍ୟଧିକ ଥଣ୍ଡା ନ ହୋଇଥାଏ ସେ ଦିଗ ପ୍ରତି ଦୃଷ୍ଟି ଦିଅନ୍ତୁ। କାରଣ ପ୍ରାୟତଃ ଶୀତଦିନେ ଅଧିକାଂଶ ପିଲାମାନଙ୍କର ଜ୍ୱରଠାରୁ ଝାଡ଼ା, ବଦ୍‌ହଜମୀ ସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ଦେଖାଯାଇଥାଏ। ତେବେ ପିଲାଙ୍କୁ ପିକ୍‌ନିକ୍ ନେବାବେଳେ ସମସ୍ତ ଦିଗକୁ ଭଲ ଭାବେ ଯୋଜନାବଦ୍ଧ ଭାବେ ପରିଚାଳନା କଲେ ଏହା ପିଲାମାନଙ୍କ ସ୍ୱାସ୍ଥ୍ୟପ୍ରତି କୌଣସି ଅଘଟଣ ପାଇଁ ସମ୍ଭବ ହୋଇପାରିବ ନାହିଁ। ଆପଣମାନେ ପିକ୍‌ନିକ୍ ଯାଉଥିବା ସ୍ଥାନକୁ ସେ ସ୍ଥାନର ପାଣିପାଗ ଓ ଭୌଗୋଳିକ ଜ୍ଞାନ ସମ୍ପର୍କରେ ତଥ୍ୟ ରଖନ୍ତୁ। ଶୀତଦିନେ ଅକସ୍ମାତ୍ ବର୍ଷା ହୋଇଗଲେ ପିଲାଟି ଯଦି ତିନ୍ତିଥାଏ ତା'ହେଲେ ଅଦିନିଆ ତିନ୍ତା ପାଇଁ ଜ୍ୱର ବା କେତେକ କ୍ଷେତ୍ରରେ ଟନ୍‌ସିଲାଇଟିସ୍ ସମସ୍ୟା ବି ଦେଖାଦିଏ।

ପିଲାଙ୍କୁ ପିକ୍‌ନିକ୍ ନେଉଥିବା ପୂର୍ବରୁ ବି ପ୍ରସ୍ତୁତି ଅଛି। ଦୂର ଯାତ୍ରା କରୁଥିଲେ ପିଲାଙ୍କୁ ଟ୍ରେନ୍‌ରେ ନେବା ସମୟରେ ସତର୍କ ରହିଥାନ୍ତୁ। ମୋଟର ଗାଡ଼ିରେ ଅଳ୍ପଦୂର ସ୍ଥାନକୁ ଯାତ୍ରା କରୁଥିଲେ ଯଦି ଆପଣଙ୍କର ବଡ଼ି ସକାଳୁ ଯିବାର ଯୋଜନା ଥାଏ ତେବେ ପୂର୍ବରାତ୍ରିରୁ ପିଲାଙ୍କୁ କୌଣସି ଗରିଷ୍ଠ ଖାଦ୍ୟ ଦିଅନ୍ତୁ ନାହିଁ। ପିଲାଙ୍କୁ ବିଳମ୍ବରେ ନ ଶୁଆଇ ବରଂ ଯଥା ସମ୍ଭବ ଶୀଘ୍ର ଶୁଆଇ ଦେଲେ ସେମାନେ ଯାତ୍ରା ସମୟରେ ଅନିଦ୍ରା କାରଣରୁ ଢୋଳାଇବେ ନାହିଁ। ସେହିପରି ଗରିଷ୍ଠ ଖାଦ୍ୟ ଦେଇଥିଲେ ପିଲାଟି ପ୍ରସ୍ତୁତି ସମୟରେ କୋଷ୍ଠକାଠିନ୍ୟର ସମସ୍ୟାକୁ ସମ୍ମୁଖୀନ ହେବନାହିଁ। ସକାଳୁ ସକାଳୁ ଯାତ୍ରା କରୁଥିବାରୁ ପିଲାମାନଙ୍କୁ ଭଲ ଭାବେ ଶୁଖାଯାଇଥିବା ଶୀତବସ୍ତ୍ର ପିନ୍ଧାନ୍ତୁ। କାଲୁଆ ପବନଠାରୁ କାନକୁ ଦୂରେଇବା ପାଇଁ ପିଲାଙ୍କୁ ମଙ୍କି କ୍ୟାପ୍ ବା ମଫଲର ପିନ୍ଧାନ୍ତୁ। ସବୁଠାରୁ ବଡ଼କଥା ହେଉଛି ଖାଦ୍ୟପେୟ। ଘରୁ ପ୍ରସ୍ତୁତ ହୋଇଥିବା ଖାଦ୍ୟ ନିହାତି ଭଲ ତେବେ ଏହାର ପ୍ରସ୍ତୁତି ଓ ଏହାକୁ ନେଉଥିବା ବାସନକୁସନ ଓ ଟିଫିନ୍‌ର ପରିଷ୍କାର ଦିଗକୁ ନଜର ଦିଅନ୍ତୁ। ନଚେତ୍ ଏହା ଖାଦ୍ୟକୁ ବିଷାକ୍ତ କରିଦେବାର ସମସ୍ୟା ଦେଖାଯାଏ। ବାହାରେ ରୋଷେଇକରି ଖାଇଲେ



ବି ଭଲ। ତେବେ ପିକ୍‌ନିକ୍ ସ୍ଥାନର କୌଣସି ଆବଦ୍ଧ ଜଳ ବ୍ୟବହାର ନ କରି ଖାଦ୍ୟ ପ୍ରସ୍ତୁତିରେ ବିଶୁଦ୍ଧ ଜଳ ବ୍ୟବହାର କରନ୍ତୁ। ପିଲାମାନଙ୍କୁ ପିକ୍‌ନିକ୍ ସମୟରେ ଅଧିକ ପରିମାଣରେ ଖାଦ୍ୟ ନ ଦେଇ ବରଂ କମ୍ କମ୍ ଖାଦ୍ୟ ଦେଇ ଅଧିକ ଥର ଦେବା ଭଲ। ଫାଷ୍ଟଫୁଡ୍, ଚିପ୍‌ସ, ଚକୋଲେଟଠାରୁ ଦୂରେଇ ରହିବା ଭଲ। ପିଲାମାନଙ୍କୁ କୌଣସି ପରିସ୍ଥିତିରେ ଥଣ୍ଡା ପାନୀୟ ବା ଆଇସିକ୍ରିମ୍ ଦେବେନାହିଁ। ସେହିପରି ପିଲାଟି ଯେପରି ବିଶୁଦ୍ଧ ପାଣି ପିଇବାକୁ ପାଏ ସେ ଦିଗକୁ ବି ନଜର ଦେଇଥାନ୍ତୁ। ପିକ୍‌ନିକ୍ ଯାଉଥିଲେ ପିଲାଟିର କୌଣସି ଶାରୀରିକ ରୋଗ ଯଥା ଶ୍ୱାସ, ବଦ୍‌ହଜମୀ ସମସ୍ୟା, ଶାରୀରିକ ପୀଡ଼ା ଆଦି ସମସ୍ୟା ଥାଏ ତେବେ ପିଲାଟିକୁ ବୁଲାଇ ନେବା ପୂର୍ବରୁ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଜରୁରୀ। ଆପଣଙ୍କ ପିକ୍‌ନିକ୍ ଗାଡ଼ିରେ ଫାଷ୍ଟଏଡ୍ ସହ ଆଗୁଆ ଭାବରେ ପିଲାଟି ପାଇଁ ହଜମ ସିରପ୍ ବା ଟାବଲେଟ୍, ଶ୍ୱାସ ଥିଲେ ଇନ୍‌ହେଲର ସ୍ପ୍ରେ, ଜ୍ୱର, ଝାଡ଼ା, ବାନ୍ତି ଆଦି ପାଇଁ ଔଷଧ ନେଲେ ଏହା ଅକସ୍ମାତ୍ କାମରେ ଲାଗିପାରେ। ପିଲାମାନଙ୍କୁ ପିକ୍‌ନିକ୍ ଭୋଜିରେ ଆମିଷ ଖାଦ୍ୟ ଦେଉଥିଲେ ଖୁବ୍ କମ୍ ତ ଦେବା ସବୁଠୁ ଭଲ ତେବେ ଏହା ଯେପରି ଭଲ ଭାବେ ସିଝିଥାଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଏହି ଋତୁରେ ପିଲାମାନଙ୍କୁ ଅଧିକ କଦଳୀ ଦିଅନ୍ତୁ ନାହିଁ। ପିକ୍‌ନିକ୍ ସ୍ଥାନରେ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ସହାୟତା ନିଅନ୍ତୁ। ଟ୍ରେନ୍‌ରେ ଯାଉଥିଲେ ଷ୍ଟେଶନରେ ରହୁଥିବା ଡାକ୍ତରଙ୍କ ପରାମର୍ଶ ତତ୍କାଳ ଜରୁରୀ। ଶୀତଦିନେ ପିକ୍‌ନିକ୍ ଯାତ୍ରାବେଳେ ପିଲାମାନେ ଯେପରି କୁହୁଡିକୁ ସମ୍ମୁଖୀନ ନ ହୁଅନ୍ତି ସେ ଦିଗ ପ୍ରତି ନଜର ଦିଅନ୍ତୁ। ଧୂଳି ଓ ଧୂଆଁ ବି ପିଲାମାନଙ୍କ ପାଇଁ ଘାତକ ହୋଇପାରେ। ପିକ୍‌ନିକ୍ ସ୍ଥାନରେ ଉଚ୍ଚଶବ୍ଦର ମାଇକ୍ ବା ଡେକ୍‌ରେ ସଙ୍ଗୀତ ପରିବେଷଣରୁ ନିବୃତ୍ତ ରୁହନ୍ତୁ, କାରଣ ପିଲାମାନଙ୍କ ପାଇଁ ଏହା ଶ୍ରୁତିକଟୁ ହୋଇପାରେ। ତେବେ କମ୍ ଶବ୍ଦର ଗୀତ ଶୁଣିବା କିଛି ଖରାପ ନୁହେଁ। ହଁ, ପିଲାମାନଙ୍କ ପିକ୍‌ନିକ୍ ସ୍ପଟ୍‌ରେ ଜଳପ୍ରପାତ ଓ ଉଚ୍ଚସ୍ଥାନ ବା ପାହାଡ଼ୀ ପାହାଚରେ ନେଉଥିବା ସମୟରେ ପିଲାଟି ଉପରେ ନଜର ରଖନ୍ତୁ। ବେଳେ ବେଳେ କେତେଜଣ ପିଲାଙ୍କଠାରେ ମୁଣ୍ଡ ବୁଲାଇବା ଦେଖାଯାଇଥାଏ। ମୁଣ୍ଡ ଗୁଞ୍ଜିବାକୁ ଘର ନ ଥିବା ଓ ହାଡ଼ଭଙ୍ଗା ଶୀତ ସମୟରେ ଶୀତବସ୍ତ୍ର ଖଣ୍ଡେ ନ ପାଉଥିବା ପିଲାମାନଙ୍କ ବୟସର ଅର୍ଥାତ୍ ପିଲାମାନଙ୍କ କଥା ବି ଭାବନ୍ତୁ। କେତେଜଣ ପିଲା ସେହି ଦୁଃଖରେ ଶଢ଼ୁଥିବା ଭାଇ ଭଉଣୀଙ୍କ ପ୍ରତି ନିଜ ସଞ୍ଚିତ ଅର୍ଥରୁ କିଛି ବି କିଣି ଦେଇଥାନ୍ତି। ଦେଖିବେ ଆପଣଙ୍କ ପିଲାଟିର ଏହି କୁନି ଅଥଚ ମହତ୍ ସେବାର ଚିନ୍ତାଧାରା ପରବର୍ତ୍ତୀ ଜୀବନରେ ତାଙ୍କୁ ଭଲ ମଣିଷଟିଏ ଗଢ଼ି ତୋଳିବାରେ ସକ୍ଷମ ହେବ। ପିଲାଙ୍କୁ ପିକ୍‌ନିକ୍ ନିଅନ୍ତୁ ଆଉ ସବୁଦିଗରୁ ସଚେତନ ହୋଇ ଯାତ୍ରା କଲେ ଦେଖିବେ ପିଲାଟିର କିଛି ବି ହେବନାହିଁ ବରଂ ଆପଣମାନଙ୍କ ଯାତ୍ରା ଅତ୍ୟନ୍ତ ଖୁସି ଓ ଆନନ୍ଦର ହିଁ ହେବ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡିକାଲ କଲେଜ, ବାଲେଶ୍ୱର**
**ମୋ:୯୪୩୭୧୨୪୦୭୪**

## ଏଇ ଭାରତରେ

ଦୁର୍ଗମ ଅଞ୍ଚଳର ସମସ୍ୟା ସମାଧାନ କରିବାରେ ଆଇଏଏସ୍ ଅଧିକାରୀ କ୍ରିଷ୍ଣନୌନି ଏଚ୍ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ତାମିଲନାଡୁ ଏରୋଡ୍ ଜିଲାର ଚେନ୍ନମପଟ୍ଟି ଜଙ୍ଗଲରେ ଥିବା ଲୋକେ ବହୁ ମୌଳିକ ସେବାକୁ ବଞ୍ଚିତ ହୋଇଥାନ୍ତି। ଏହି ଦୁର୍ଗମ ଅଞ୍ଚଳରେ ଏବେ ସୁଦ୍ଧା ରାସ୍ତାର ସୁବିଧା ନାହିଁ। ଏଭଳି ଏକ ଗାଁ ହେଉଛି ଆଦିବାସୀ ଅଧ୍ୟୁଷିତ ଗାଁ କାଥିରମଲାଇ। ଏଠାରେ ରହନ୍ତି ୪୦୦ ଲୋକ। ଇଣ୍ଟରନେଟ ସଂଯୋଗ ଏମାନଙ୍କ ପାଇଁ ସାତସପନ। ଏଭଳି ସ୍ଥିତିରେ କ୍ରିଷ୍ଣନୌନି ସେମାନଙ୍କ ପାଇଁ ଉନ୍ନତ ଶିକ୍ଷା, ଯୋଗାଯୋଗର ସୁବିଧା କରିପାରିଛନ୍ତି। ସେଠାରେ ନିଜସ୍ୱ ଉଦ୍ୟମରେ ମେଡିକାଲ ମଧ୍ୟ ଖୋଲିଛନ୍ତି। କାରଣ, ଏଠାରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଦୂରତା ୪୦ କି.ମି.। ସେ ନିଜେ ପାହାଡ଼ ଚଢ଼ି ଗ୍ରାମବାସୀଙ୍କ ପାଖରେ ପହଞ୍ଚୁଛନ୍ତି। କ୍ରିଷ୍ଣନୌନି ୨୦୨୧ରେ ପ୍ରଥମେ ଏରୋଡ୍‌ରେ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ୨୦୨୨ରେ 'ପୁନ୍ନାଗାଇ' (ଅର୍ଥାତ୍ ତାମିଲନାଡୁରେ ହସ) ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ସେବେଠାରୁ ପ୍ରତି ସପ୍ତାହରେ ସେହି ଗାଁରେ ଏକ ଛୋଟ ହେଲ୍‌ଥ କ୍ୟାମ୍ପ ଚାଲୁଛି। ଏବେ ସେଠାରୁ ୧ରୁ ୮ ବୟସ ବର୍ଗରେ ୧ମରୁ ୮ମ ଯାଏ ୩୨ ପିଲା ପଢ଼ୁଛନ୍ତି। ସେମାନଙ୍କ ପାଇଁ ଅନ୍‌ଲାଇନ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଡିସେମ୍ବର ୧୯୭୪

- କ୍ରମାଗତ ୩ ବର୍ଷ ଧରି ବିଶାଖାପାଟଣାସ୍ଥିତ ହିନ୍ଦୁସ୍ଥାନ ଜାହାଜ ନିର୍ମାଣ କାରଖାନା ଜାତୀୟ ନିରାପତ୍ତା ପୁରସ୍କାର ବିଜେତା ଘୋଷିତ।
- ଉଭୟ ଦେଶ ମଧ୍ୟରେ କୁଟନୈତିକ ସମ୍ପର୍କର ପୁନଃସ୍ଥାପନ ପାଇଁ ପର୍ତ୍ତୁଗାଲର ବହିର୍ବ୍ୟାପାର ମନ୍ତ୍ରୀ ଡକ୍ଟର ମାରିଓ ସୋରେସଙ୍କ ଭାରତ ଆଗମନ।
- ଭାରତ ସୋଭିଏତ୍ ରୁଷିଆରୁ ୨୨ ହଜାର ଟନ ନ୍ୟୁଜପ୍ରିଣ୍ଟ ଆମଦାନୀ କରିବା ନେଇ ଷ୍ଟେଟ୍ ଟ୍ରେଡିଂ କର୍ପୋରେଶନ ସୋଭିଏତ୍ ୟୁନିୟନ ସହ ଏକ ରାଜିନାମା ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଦର୍ଶନରେ ଅବ୍ୟବସ୍ଥା

ମହାଶୟ,

କେଉଁ ଆଦିମ ଯୁଗରୁ ଗଜପତି ମହାରାଜ ଦିବ୍ୟସିଂହ ଦେବ ଏବଂ ବିଶ୍ୱାବସୁଙ୍କୁ ଦୈବବାଣୀ ଦ୍ୱାରା ନିର୍ମାଣ କରାଯାଇଥିଲା ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର। ପ୍ରାୟତଃ ଏହା ଅଗଣିତ ଭକ୍ତବୃନ୍ଦଙ୍କ ଦର୍ଶନାର୍ଥେ ଉନ୍ମୁକ୍ତ କରାଯାଇଥିଲା। କାଳକ୍ରମେ ଏହାର ସମସ୍ତ ପରିଚାଳନା ଭାର ରାଜ୍ୟ ସରକାର ବହନକରି ଆସୁଛନ୍ତି। କିନ୍ତୁ ବର୍ତ୍ତମାନ ଉପୁଜିଥିବା ଶ୍ରୀମନ୍ଦିରର ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଚାରକୁ ନିଆଗଲେ ଦେଶ ବିଦେଶର କେଉଁ କୋଣ ଅନୁକୋଣରୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଛୁଟି ଆସୁଥିବା ଅଗଣିତ ଭକ୍ତବୃନ୍ଦଙ୍କୁ ଆଜି ଉପେକ୍ଷା କରାଯାଉଛି । ଏହା ଆଦୌ ସମୀଚୀନ ନୁହେଁ। ଅନ୍ୟପକ୍ଷରେ ରତ୍ନଭଣ୍ଡାରର ସାର୍ବଜନୀନ ସମୀକ୍ଷା ମଧ୍ୟ ଜରୁରୀ । କିନ୍ତୁ ସରକାର ହାଇକୋର୍ଟ ନିଷ୍ପତ୍ତିର ଦ୍ୱାହିଦେଇ ଏହାକୁ ଟାଳି ଦେଇଛନ୍ତି। ଅନୁରୋଧ ତୁରନ୍ତ ଏହାର ଏକ ସ୍ଥାୟୀ ପ୍ରତିକାର କରାଯାଉ।

**-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେଉଁ ମାଟିତଳ ଶୁଖିଲା ବାଲି ରୋଧିଲା ଚାଲି
କେଉଁ ପାଷାଣ ସେ ରକତ ଲୋଡ଼ିଲା ହେବାକୁ ନାଲି।
କେଉଁଠାରୁ ଆଉ ନ ଚଳିଲା ପାଦ ରହିଲା ସ୍ଥିର
ହେ ମୋର ଦେଶର ପରମ ଯୋଦ୍ଧା ଯୁଧିଷ୍ଠିର !
-(ରକ୍ତ-ସ୍ରୋତ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ରାୟଗଡ଼ାର ଲୋକ ମହୋତ୍ସବ ଚଇତିରେ କଳାକାରଙ୍କ ଓଡ଼ିଶୀ ନୃତ୍ୟ।

# ଜନଜାତିଙ୍କ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଉଛି ଚଇତି ମଞ୍ଚ

ରାୟଗଡ଼ା,୨୬।୧୨(ଭାଗ୍ୟଶ୍ରୀ ମିଶ୍ର/ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ମଙ୍ଗଳବାର ରାୟଗଡ଼ାର ଲୋକ ମହୋତ୍ସବ ଚଇତିର ଜିଲାସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ପ୍ରଥମେ ମନ୍ଦିରରେ ପୂଜାର୍ଚ୍ଚନା ପରେ କଳସ ଶୋଭାଯାତ୍ରା ବାହାରିଥିଲା। କଳସକୁ ସ୍ଥାନୀୟ ଚଇତି ମଣ୍ଡପରେ ସ୍ଥାପନ କରାଯାଇଛି। ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ ବିକାଶ ଏବଂ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜନଜାତିଙ୍କ ଲୁକ୍କାୟିତ ପ୍ରତିଭା ବିକାଶ ସହ ସେମାନଙ୍କ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଚଇତି ଏକ ଉତ୍କୃଷ୍ଟ ମଞ୍ଚ ବୋଲି ସେ କହିଛନ୍ତି। କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା, ସ୍ୱତନ୍ତ୍ର ଉନ୍ନୟନ ଉପଦେଷ୍ଟା ପ୍ରଦୀପ ମାଝି, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ, ପଛୁଆ ଜାତି ବିକାଶ ଉପଦେଷ୍ଟା ପୃଥ୍ୱୀରାଜ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ରାୟଗଡ଼ା ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଟ ମାଝି,ପଦ୍ମପୁର ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର, ବିଷମକଟକ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରଥମ ସନ୍ଧ୍ୟାରେ 'ଚଇତାଳି-୨୦୨୩' ଉନ୍ମୋଚନ କରାଯାଇଥିଲା।



ଅତିଥିମାନେ ମଶାଲ ଧରି ଯାଉଛନ୍ତି।



ଚଇତି ଉପଲକ୍ଷେ ବାହାରିଥିବା କଳସ ଶୋଭାଯାତ୍ରା।

### ରାୟଗଡ଼ାର ଲୋକ ମହୋତ୍ସବ ଚଇତି ଉଦ୍‌ଘାଟିତ

- ମା' ମଝିଘରିଆଣୀଙ୍କ ମନ୍ଦିରରୁ ଆସିଲା ଆଜ୍ଞାମାଳ, ବାହାରିଲା କଳସ ଶୋଭାଯାତ୍ରା
- 'ଚଇତାଳି-୨୦୨୩' ଉନ୍ମୋଚିତ, ମିଳିଲା ଚଇତି ସମ୍ମାନ
- କଳାକାରଙ୍କ ଗୀତ, ନାଚରେ ଝୁମିଲେ ଦର୍ଶକ

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ଚଇତି ସମ୍ମାନରେ ସମ୍ମାନିତ କରାଯାଇଛି।

ଏହାପରେ ଚଇତି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ପ୍ରଥମେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଏହାପରେ ରାୟଗଡ଼ା ସ୍ୱର ସାଗର କଳାକାରମାନେ ଓଡ଼ିଶୀନୃତ୍ୟ କରିଥିଲେ। ପରେ ଆସାମର ବିହୁ ନୃତ୍ୟ ଦର୍ଶକଙ୍କୁ ଝୁମାଇଥିଲା। ଖୋର୍ଦ୍ଧାର କଳିଙ୍ଗ ପାଇକ ସୃଷ୍ଟି ନୃତ୍ୟ, ବ୍ଲକ କଳା ସଂସ୍କୃତି ସଂଘ ଗୁଣପୁରର ଲୋକନୃତ୍ୟ, ଭାରସିଂ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସର୍ଗିଫୁଲ ନୃତ୍ୟ, ଚନ୍ଦ୍ରପୁର ଓ ଗୁଡାରିର ବିକେଏସ୍‌ଏସ୍ କଳାକାରମାନେ ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ରାୟଗଡ଼ା ସେବା ସମାଜ ଦ୍ୱାରା ଶ୍ରୀ ଗଣେଶ ନୃତ୍ୟ, ଷ୍ଟେଜ ବ୍ଲାଷ୍ଟ ନୃତ୍ୟ ଗ୍ରୁପ ଦ୍ୱାରା ଆଦିବାସୀ ଲୋକନୃତ୍ୟ, କୁଲ୍ ୟଙ୍ଗ୍ ଗ୍ରୁପ୍‌ର ସମ୍ବଲପୁରୀ ନୃତ୍ୟ, ନବୀନ ନୃତ୍ୟ ଏକାଡେମୀ ଦ୍ୱାରା କେରଳ ଲୋକନୃତ୍ୟ, ଓଷା ଭାରତୀ ନୃତ୍ୟ ଅନୁଷ୍ଠାନ ରାୟଗଡ଼ା ଦ୍ୱାରା ଆଦିବାସୀ ସାଇଁଲୋଡି ନୃତ୍ୟ ଏବଂ କୋରାପୁଟର ଶୁକଦେବ ବାରିକଙ୍କ ମଇରା ଦାଦା ଗୀତ ଲୋକେ ବେଶ୍ ଉପଭୋଗ କରିଥିଲେ। ୫ହଜାରରୁ ଊର୍ଦ୍ଧ୍ୱ କଳା ସଂସ୍କୃତି ପ୍ରେମୀ ଉପସ୍ଥିତ ଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ୩ ଶହରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଥିବାବେଳେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ମେଳା ପ୍ରଦର୍ଶନୀ କରାଯାଉଛି।



ଚଇତାଳି ଉନ୍ମୋଚନ କରାଯାଉଛି।

## ଚଇତିର ବିକାଶ ବାର୍ତ୍ତା ଦେଲେ ସପ୍ତଗିରି

ରାୟଗଡ଼ା,୨୬।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଲୋକ ମହୋତ୍ସବ ଚଇତି ମଞ୍ଚରେ ସରକାର ଓ ଜିଲା ପ୍ରଶାସନ ଉପରେ ଅସନ୍ତୋଷ ବ୍ୟକ୍ତ କରି ଚଇତି ବିକାଶ ବାର୍ତ୍ତା ଦେଇଛନ୍ତି କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା। ଚଇତିଠାରୁ ଆରମ୍ଭ କରି ସରକାରଙ୍କ ଅନ୍ୟାନ୍ୟ କାର୍ଯ୍ୟକଳାପ ନେଇ ମଞ୍ଚ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ସେ ଅଭିଭାଷଣରେ କହିଥିଲେ, ମୋ କଥାକୁ ପରାମର୍ଶ ଭାବେ ଗ୍ରହଣ କରିବେ। କାରଣ ଲୋକଙ୍କ ପାଇଁ ଆମେ କାମ କରିବାକୁ ଏଠାକୁ ଆସିଛୁ। କିଭଳି ଲୋକ ମହୋତ୍ସବ ଚଇତି ପାଇଁ ପ୍ରଚାର ପ୍ରସାରର ଅଭାବ ରହିଛି ସେଠାରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ବିଭିନ୍ନ କଥା କହି ଚମକାଇ ଦେଇଥିଲେ। ଏଭଳିକି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ତାଳମେଳ ନ ଥିବା କହିଥିଲେ। ଚଇତିକୁ ବ୍ଲକସ୍ତରରେ ସୀମିତ ନ ରଖି ବାହାର ରାଜ୍ୟର ଆଦିବାସୀ କଳାକାରମାନଙ୍କୁ ସୁଯୋଗ ଦେବା ଆବଶ୍ୟକ। ଏହାଦ୍ୱାରା ଅଞ୍ଚଳର ପର୍ଯ୍ୟଟନ ଲୋକ ଲୋଚନକୁ ଆସିବ। ଆମ ଅଞ୍ଚଳକୁ ପର୍ଯ୍ୟଟକ ସମାଗମ ବଢ଼ିବ। ଯାହାଦ୍ୱାରା ଜିଲାର ଆର୍ଥିକ ଅଭିବୃଦ୍ଧି ଓ ବିକାଶ ହେବ। ଚଇତି ମହୋତ୍ସବକୁ ଗଣମାଧ୍ୟମ ଦ୍ୱାରା ପ୍ରଚାର ପ୍ରସାର କରିବାକୁ ପରାମର୍ଶ ଦେଇଛନ୍ତି ଏମ୍‌ପି ସପ୍ତଗିରି। ଉପା ସରକାର ସମୟରେ ଅବିଭକ୍ତ କୋରାପୁଟ ଜଲା ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ହେଉଛି ଉଦାହରଣ। ହେଲେ କଂସାରିଗୁଡ଼ାଠାରେ ହିଣ୍ଡାଲକୋ କମ୍ପାନୀ ଶିଳାନ୍ୟାସ କରିବାକୁ ରାଜ୍ୟ ସରକାରଙ୍କୁ ୧୮ ବର୍ଷ ଲାଗିଲା। ତେବେ ଯାହା ହେଉ ଏହାର ଶୁଭାରମ୍ଭ କରିଥିବାରୁ ଧନ୍ୟବାଦ ଦେଇଥିଲେ। ସେହିଭଳି ରେଳ ବିଭାଗକୁ ଜାଗା ଅଦଳବଦଳ କରି ସ୍ଥାନୀୟ କୋଇଲାପଡା ଓ ନୂଆସାହି ବସ୍ତି ବାସିନ୍ଦାଙ୍କୁ ଥଇଥାନ କରିବାକୁ ଦାବି କରିଥିଲେ। ସେହିଭଳି କେନ୍ଦ୍ର ସରକାର ଜାତି ଓ ଧର୍ମକୁ ନେଇ ରାଜନୀତି କରି ଲୋକଙ୍କ ମଧ୍ୟରେ କଳି ଲଗାଇବା କାର୍ଯ୍ୟ କରୁଛନ୍ତି। ସମସ୍ତେ ଏକ ହୋଇ ଜିଲାର ବିକାଶ କରିବା ଦିଗରେ ଧ୍ୟାନ ଦେବାକୁ କହିଛନ୍ତି। ସପ୍ତଗିରିଙ୍କ ଭାଷଣ ରାଜନୈତିକ ଓ ପ୍ରଶାସନିକ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି।

## ୩ କି.ମି. ଭାରରେ ବୁହାହେଲେ ପ୍ରସୂତି, ନବଜାତ ମୃତ

### ଗାଁକୁ ରାସ୍ତା ନ ଥିବାରୁ ନାଳ ପାଖରେ ଅଟକିଲା ଆମ୍ବୁଲାନ୍ସ

ରାୟଗଡ଼ା,୨୬।୧୨(ଆଶିଷ ରଞ୍ଜନ ପଣ୍ଡା)

ରାସ୍ତା ନ ଥିବାରୁ ଗାଁ ପାଖକୁ ଆସିପାରିଲାନି ଆମ୍ବୁଲାନ୍ସ। ପ୍ରସୂତିଙ୍କୁ ଭାରରେ ୩ କି.ମି. ବୁହାହୋଇ ଡାକ୍ତରଖାନା ନିଆଗଲା। ସେଠାରେ ନବଜାତକଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ଏପରି ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲା ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ।

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ପିପଲପଦର ପଞ୍ଚାୟତ ଅଧୀନ ବାଘମାରୀ ଗାଁର ଅଭି ମାଣ୍ଡିଗାଙ୍କ ସ୍ତ୍ରୀ କନ୍ଧଇଙ୍କ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଏହାପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ କନ୍ଧଇ ଘରେ ପ୍ରସବ କରିଥିଲେ। ବାଘମାରୀକୁ ଆମ୍ବୁଲାନ୍ସ ଯିବାକୁ ରାସ୍ତା ନ ଥିବାରୁ ତାହା ରାୟଗଡ଼ା ଜିଲା କୁମ୍ଭିକୋଟା ପାଖରେ ଅଟକି ଥିଲା। ଆମ୍ବୁଲାନ୍ସ କର୍ମଚାରୀ ବିନୋଦ ହାଲବା ଓ ଗୁପ୍ତେଶ୍ୱର ବଗର୍ତ୍ତି ୩ କି.ମି. ଚାଲିଚାଲି ନାଳ ପାରିହୋଇ ବାଘମାରୀରେ ପହଞ୍ଚିଥିଲେ। ପରିବାର ଲୋକଙ୍କ ସହାୟତାରେ ପ୍ରସୂତି ଓ ନବଜାତକଙ୍କୁ ଷ୍ଟ୍ରେଚରରେ ବୋହି ନଦୀ ପାରହୋଇ ଆମ୍ବୁଲାନ୍ସ ନିକଟକୁ ଅଣାଯାଇଥିଲା। ସେଠାରୁ ସେମାନଙ୍କୁ ୨୫ କି.ମି. ଦୂର ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ନବଜାତଙ୍କୁ ମୃତ ଘୋଷଣା କରିଥିଲେ।



ପ୍ରସୂତିଙ୍କୁ ଆମ୍ବଲାନ୍ସ ପର୍ଯ୍ୟନ୍ତ ଭାରରେ ନିଆଯାଉଛି।

## ଚନ୍ଦ୍ରପୁରରେ ଭାଜପା ମହିଳା ମୋର୍ଚ୍ଚା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

### ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା

ରାୟଗଡ଼ା/ଚନ୍ଦ୍ରପୁର,୨୬।୧୨ (ଆଶିଷ ରଞ୍ଜନ ପଣ୍ଡା/ ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ଡାକ୍ତରଖାନାରୁ ଗତ ୨୧ତାରିଖରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପରିବାର ତରଫରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଚନ୍ଦ୍ରପୁର ଥାନାରେ ଏତଲା ଦିଆଯାଇଥିଲା। ଏହାର ସତ୍ୟତା ଜାଣିବା ପାଇଁ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ଼.ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ନିର୍ଦ୍ଦେଶରେ ଏକ ଫାକ୍ଟ ଫାଇଣ୍ଡିଂ ଟିମ୍ ରାଜ୍ୟ ସାଧାରଣ ସମ୍ପାଦିକା ବବିତା ପାତ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ଚନ୍ଦ୍ରପୁର ଯାଇଛନ୍ତି। ଏଥିରେ ରାଜ୍ୟ ମହିଳା ମୋର୍ଚ୍ଚା ସଂଯୋଜିକା ଅରୁଣିମା ସାହୁ, କାର୍ଯ୍ୟକାରିଣୀ ସଦସ୍ୟା କେ. ଅଶ୍ୱିନୀ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ବି. ଲକ୍ଷ୍ମୀ ଓ ଅନୁସୂଚିତ ଜନଜାତି ମୋର୍ଚ୍ଚା ଜାତୀୟ ସାଧାରଣ ସମ୍ପାଦକ କାଳିରାମ ମାଝି ଯାଇ ମୃତ ଯୁବତୀ ଓ ଅନ୍ୟ କର୍ମଚାରୀଙ୍କ ସହିତ ଆଲୋଚନା କରିବା ପରେ ମୁନିଗୁଡ଼ା ଏସ୍‌ଡିପିଓ ଏବଂ ଆଇଆଇସିଙ୍କୁ ଭେଟିଥିଲେ। ଏହାପରେ ମୁନିଗୁଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ରିପୋର୍ଟ ଦେବାରେ ବିଳମ୍ବକୁ ନେଇ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ମୃତ ଯୁବତୀ ଜଣକ ନଟିଗୁଡା ଗ୍ରାମର ବେଲଧର ମାଝୀଙ୍କ ୨୮ ବର୍ଷର ଝିଅ । ସେ ଚନ୍ଦ୍ରପୁର ସ୍ଥିତ ମା' ଗୃହରେ ଦୀର୍ଘ ୫ ବର୍ଷ ଧରି କାର୍ଯ୍ୟ କରୁଥିଲେ। ଡିସେମ୍ବର ୨୧ ତାରିଖ ରାତିରେ ଡାକ୍ତରଖାନା ପରିସରରେ ଥିବା ଏକ ଭଗ୍ନ ଅବସ୍ଥାରେ ଥିବା ଘର ନିକଟରେ ତାଙ୍କ ମୃତଦେହ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପଡିଥିବାରୁ କିପରି ତାଙ୍କର ମୃତ୍ୟୁ ହେଲା ତାହା ସନ୍ଦେହ ଘେରରେ ରହିଛି ।

## ମୁନିଗୁଡ଼ାରେ କଳିଙ୍ଗ ବୈଶ୍ୟ ସମାଜ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

**ମୁନିଗୁଡ଼ା,୨୬।୧୨(ରାଧେଶ୍ୟାମ ଅଗ୍ରୱାଲ):** ରାୟଗଡ଼ା ଜିଲା ମୁନିଗୁଡ଼ା କଳିଙ୍ଗ ବୈଶ୍ୟ ସମାଜ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଉଦ୍ୟମରେ କଳିଙ୍ଗ ବୈଷ୍ୟ ସମାଜ କଲ୍ୟାଣ ମଣ୍ଡପ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ରାଜ୍ୟ ଆଦିବାସୀ କଲ୍ୟାଣ ଓ ଆଇନ୍ ମନ୍ତ୍ରୀ ଜଗନ୍ନାଥ ସାରକା ଓ ବିଜୁକଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ ଓ ମୁନିଗୁଡା ବ୍ଲକ ବିଜେଡି ସଭାପତି ରତ୍ନଲାଲ୍ ଜୈନ ଶିବିର ଶୁଭାରମ୍ଭ କରିଥିଲେ। ଶଙ୍କର ଚକ୍ଷୁ ଚିକିତ୍ସାଳୟର ଚକ୍ଷୁ ଚିକିତ୍ସା ଅଧିକାରୀ, ଟେକ୍ନିସିଆନ ଓ କର୍ମଚାରୀମାନେ ୧୩୫ ଚକ୍ଷୁ ପରୀକ୍ଷା କରିଥିଲେ। ଆଖିରେ ପରଳ ମାଡ଼ି ଯାଇଥିବା ୬୦ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ୩୫ ରୋଗୀଙ୍କ ପରଳ ଅପରେସନ ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟମକୁ ନିଆଯିବାକୁ ସ୍ଥିର ହୋଇଛି। ୨୦ଜଣଙ୍କୁ ଚଷମା ଦିଆଯାଇଥିଲା। ଏହି କାର୍ଯ୍ୟରେ ମହିଳା ସଂଘ ପକ୍ଷରୁ ସଭାପତି ଏଲ୍ ଦୀପ୍ତିମାଳା ପାତ୍ର, ସମ୍ପାଦିକା ମୋହିନୀ ପାତ୍ର ବୈଶ୍ୟ ସଂଘ ସଭାପତି ଇୟୁ ରାଜେନ୍ଦ୍ର ପାତ୍ର, ପି.ନରେଶ ପାତ୍ର, ବାଲାଜୀ ପାତ୍ର, କେ.ଦୁଃଖିଶ୍ୟାମ ସୁବୁଦ୍ଧି ସହଯୋଗ କରିଥିଲେ।

# ଭାସ୍କରଙ୍କ ନେତୃତ୍ୱରେ ବିଜେଡି ପ୍ରତିଷ୍ଠା ଦିବସ



ଶୋଭାଯାତ୍ରାରେ ଭାସ୍କର ରାଓଙ୍କ ସହ ଅନ୍ୟ ବିଜେଡି ନେତା ଓ କର୍ମୀ।

- ୫ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ଯୋଗଦାନ
- ୩ ବିଧାନସଭା, କୋରାପୁଟ ଲୋକ ସଭା ଆସନ ଦଖଲ କରିବାକୁ ଦୃଢ଼ୋକ୍ତି

ରାୟଗଡ଼ା,୨୬।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ସଦରରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ରାଜ୍ୟ ଉପସଭାପତି ଏନ୍. ଭାସ୍କର ରାଓଙ୍କ ନେତୃତ୍ୱରେ ରାୟଗଡ଼ା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପୂର୍ବତନମନ୍ତ୍ରୀ ଲାଲବିହାରୀ ହିମିରିକା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଏସ୍‌ଡିସି ଅଧ୍ୟକ୍ଷା ଅନସୂୟା ମାଝି, ରାୟଗଡ଼ା ବ୍ଲକ ଅଧ୍ୟକ୍ଷ ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ ଓ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଓଲିଉଡ୍ ଅଭିନେତା ରାକେଶ ଦେଓ ମଧ୍ୟ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ରକ୍ତଦାନ ଶିବିର କରାଯାଇଥିଲା। ଶିବିରରେ ୮୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏହାପରେ ଭାସ୍କର ରାଓଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରିଥିଲା। ଜେକେପୁର ଓ ଚାନ୍ଦିଲିରୁ ଯୁବକମାନେ ବାଇକ୍ ରାଲିରେ ଆସି କୋରାପୁଟ ଛକରେ ଭାସ୍କର ରାଓଙ୍କ ସହ ଯୋଗଦେଇଥିଲେ। ବସ୍‌ଷ୍ଟାଣ୍ଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଛି। ରାୟଗଡ଼ା ପୌରାଞ୍ଚଳ, ବ୍ଲକ ଓ କାଶୀପୁର ବ୍ଲକରୁ ୫ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିଥିଲେ।

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ବିଜେଡି ଯେପରି ସମସ୍ତ ଆସନ ଅଧିକାରକୁ ନେଇଛି, ସେହିଭଳି ଆଗାମୀ ସାଧାରଣ ନିର୍ବାଚନରେ ଜିଲାର ୩ ବିଧାନସଭା ଓ କୋରାପୁଟ ଲୋକ ସଭା ଆସନ ମଧ୍ୟ ନିଜ ଦଖଲକୁ ନେବ ବୋଲି ଭାସ୍କର ରାଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହାପରେ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଏକ ମିଶ୍ରଣ ପର୍ବ କରାଯାଇଛି। ରାୟଗଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରୁ ୫ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡିରେ ମିଶିଥିଲେ।

ସମସ୍ତ କାର୍ଯ୍ୟକ୍ରମରେ ଚନ୍ଦ୍ରକାନ୍ତ ସାମଲ, ଜଗଦୀଶ ପାତ୍ର, ରାଜ୍ୟ ମହିଳା ଉପସଭାନେତ୍ରୀ ସୁଜାତା ପାଳ, ଜିଲା ମହିଳା ସଭାନେତ୍ରୀ ତଥା କାଉନସିଲର ଶର୍ମିଷ୍ଠା ପାଢ଼ୀ, ଜିଲା ଯୁବ ସଭାପତି ଅବିନାଶ ବିଷୋୟୀ, ନଗର ସଭାପତି ବି.ଜଗନମୋହନ, କାଉନସିଲର ସନ୍ତୋଷ ଦଳାଇ, ସୁକାନ୍ତ ପରିଡ଼ା, ପ୍ରତିମାରାଣୀ ପାଣିଗ୍ରାହୀ, ଗୋପୀନାଥ ଗୌଡ଼, କେ.ସୁମିତ୍, ଏମ୍.ଶ୍ରୀନିବାସ, ଶ୍ରୀକାନ୍ତ ଚୌଧୁରୀ, ତପନ ପେଦେଣ୍ଟି, ବାଦଲ ମହାନ୍ତି, ହୃଷୀକେଶ କୁଲଦୀପଙ୍କ ସହ ବହୁ କର୍ମୀ ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ଅମିୟ ସ୍ୱାଇଁ, ବିଜେଡି ଜିଲା ଉପସଭାପତି ବିନାୟକ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କଟକ**

**ବିଜ୍ଞାପନ**

ପତ୍ର ସଂଖ୍ୟା-୧୪୮୪୯/ଅ. ତା.୨୨.୧୨.୨୩

No.D-ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରା, ପିତା-ସ୍ୱର୍ଗତ ରମାକାନ୍ତ ବେହେରା, ଗୋପୀନାଥ ମନ୍ଦିର ନିକଟ, ମାଛୁଆବଜାର, ପୋ-ବକ୍ସିବଜାର, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ନାମରେ କଟକ ଜିଲ୍ଲା ପଟ୍ଟାପୋଲଠାରେ ଥିବା ସରକାରୀ ଦେଶୀ ମଦ ଦୋକାନର ମାଲିକାନା ସ୍ୱତ୍ୱ ତାଙ୍କର ପୁତ୍ର ଶ୍ରୀ ଦୀପକ କୁମାର ବେହେରା, ପିତା-ଜଗନ୍ନାଥ ବେହେରା, ସା-ମାଛୁଆବଜାର, ପୋ-ବକ୍ସିବଜାର, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ନାମରେ ପରିବର୍ତ୍ତନ ହେବାକୁ ଯାଉଅଛି । ଏଣୁ ଏହି ନୋଟିସ୍ ଜରିଆରେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରାଙ୍କର ଏହି ଦୋକାନର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ବିରୁଦ୍ଧରେ କେହି ଦାବିଦାର ଥିଲେ, ଏହି କାର୍ଯ୍ୟାଳୟକୁ ସାତଦିନ ମଧ୍ୟରେ ଜଣାଇବେ । ଉକ୍ତ ତାରିଖ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ।

ଜିଲ୍ଲାପାଳ, କଟକଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./-ଅବକାରୀ ଅଧୀକ୍ଷକ, କଟକ

OIPR-36008/11/0003/2324

# ସୀମାନ୍ତରେ ୨ ବୋମା ଜବତ କଲେ ଯବାନ



**ମାଲକାନଗିରି, ୨୬।୧୨(ଦୁର୍ଯ୍ୟୋଧନ ପାତ୍ର):** ଛତିଶଗଡ଼ ବିଜାପୁର ଜିଲା ଗାଙ୍ଗାଲୁର ପୋଲିସ ଷ୍ଟେଶନ ଅଞ୍ଚଳରେ ମାଓବାଦୀ ଖଞ୍ଜିଥିବା ଦୁଇଟି ଆଇଇଡି ବୋମାକୁ ଯବାନ ନିଷ୍କ୍ରିୟ କରିଛନ୍ତି। ଛତିଶଗଡ଼ ପାଲାନାର ଏବଂ ଚେରପାଲ ଅଞ୍ଚଳରେ ରାସ୍ତା କାମକୁ ସୁରକ୍ଷା ଦେବା ନିମନ୍ତେ ଡିଆର୍‌ଜି ଯବାନମାନେ ସର୍ଚ୍ଚ ଅପରେଶନରେ ବାହାରିଥିଲେ। ମାଓବାଦୀମାନେ ପୂର୍ବରୁ ଖଞ୍ଜିଥିବା ଦୁଇଟି ଆଇଇଡି ବୋମାକୁ ଯବାନମାନେ ଠାବ କରିଥିଲେ। ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଉକ୍ତ ଦୁଇଟି ବୋମା ଜବତ ପରେ ନିଷ୍କ୍ରିୟ କରିଥିଲେ। ତେବେ ଏହି ବୋମା ନିକଟରୁ କଡେକ୍ସ ତାର ଓ ବିସ୍ଫୋରଣ ପାଇଁ ଥିବା ସୁଇଚ୍ ସିଷ୍ଟମ ମଧ୍ୟ ଜବତ କରିବା ସହ ସେଠାରେ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଛି।

# ଅଭିଯୋଗ ଶୁଣିଲେ, ସମାଧାନ ନିର୍ଦ୍ଦେଶ ଦେଲେ

ନନ୍ଦାହାଣ୍ଡି,୨୬।୧୨
( ପ୍ରତୀପ କୁମାର ଦାଶ)

- ନନ୍ଦାହାଣ୍ଡି ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି
- ହିତାଧିକାରୀଙ୍କୁ ମିଳିଲା ସହାୟତା

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନନ୍ଦାହାଣ୍ଡି ବ୍ଲକର ବିଭିନ୍ନ ଅଞ୍ଚଳରୁ ଜିଲାପାଳଙ୍କୁ ନିଜର ତଥା ନିଜ ଅଞ୍ଚଳର ସମସ୍ୟା ଜଣାଇବାକୁ ୧୫ ଅଭିଯୋଗ ପଞ୍ଜୀକରଣ କରାଯାଇଛି। ସେଥିମଧ୍ୟରୁ ୧୪ଟି ବ୍ୟକ୍ତିଗତ ଓ ଗୋଟିଏ ଗୋଷ୍ଠୀଗତ ଅଭିଯୋଗ ରହିଛି। ଜିଲାପାଳ କମଳଲୋଚନ ମିଶ୍ର, ଏସ୍‌ପି ରୋହିତ ବର୍ମା ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ, ବିଭିନ୍ନ ଭତ୍ତା, ନିଯୁକ୍ତି ଏବଂ ଜମିଜମା ସମ୍ବନ୍ଧୀୟ ଅଭିଯୋଗ ଥିଲା। ଜିଲାପାଳ କମଳଲୋଚନ ମିଶ୍ର ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନନ୍ଦାହାଣ୍ଡି ତହସିଲଦାର ବନମାଳୀ ମେହେର, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କ ସହ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ପଞ୍ଚାୟତ ସମିତି ସମସ୍ତ କର୍ମଚାରୀ ଏବଂ ପୋଲିସ ଅଧିକାରୀ ଯୋଗ ଦେଇଥିଲେ। କିନ୍ତୁ କୌଣସି ଜନପ୍ରତିନିଧି ଯୋଗଦେଇ ନ ଥିଲେ। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମଧୁବାବୁ ପେନ୍‌ସନ ଯୋଜନାରେ ୮ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରମାଣପତ୍ର ଏବଂ ୨ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର ପ୍ରଦାନ କରାଯାଇଛି।



ଅଧିକାରୀଙ୍କ ସହ ସହାୟତା ପାଇଥିବା ହିତାଧିକାରୀ।

# ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ନବରଙ୍ଗପୁର, ୨୬।୧୨
(ସଦାଶିବ ପ୍ରହରାଜ)

- ନାବାଳିକାଙ୍କୁ ଗଣବଳାତ୍କାର ଘଟଣା
- ପୀଡ଼ିତାଙ୍କୁ ୭ଲକ୍ଷ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଞ୍ଚଳର ଜଣେ ନାବାଳିକାକୁ ଗଣ ବଳାତ୍କାର ମାମଲାରେ ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅଭିଯୁକ୍ତ ହେଲେ ଜିତ୍ରୁ ଜାନୀ(୩୦), ମାଧବ ଜାନୀ(୨୨) ଓ ସନୁ ଜାନୀ(୫୦)।

ସୂଚନାନୁଯାୟୀ, ସେପ୍ଟେମ୍ବର ୨୦୨୦ରେ ନାବାଳିକା ଜଣଙ୍କ ନଦୀରୁ ପାଣି ଆଣି ଫେରିବାବେଳେ ନିକଟସ୍ଥ ଏକ ମକାବାଡ଼ିରେ ଲୁଚି ରହିଥିବା ଅଭିଯୁକ୍ତମାନେ ତାଙ୍କୁ ଟେକିନେଇ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତାଙ୍କ ପକ୍ଷରୁ ଝରିଗାଁ ଥାନାରେ ଏତଲା ଦିଆଯାଇଛି। ଉକ୍ତ ଏତଲାକୁ ଆଧାରରେ ଝରିଗାଁ ଥାନାରେ କେସ୍ ନଂ. ୧୪୭/୨୦୨୦ରେ ୩ ଅଭିଯୁକ୍ତ ବିରୋଧରେ ମାମଲା ଦାୟର କରାଯାଇଥିଲା। ଏହି ମାମଲା ନବରଙ୍ଗପୁର ପୋକ୍‌ସୋ ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟରେ କେସ୍ ନଂ. ଟିଆର୍ ୩୨୭/୨୦ରେ ବିଚାରାଧୀନ ଥିଲା। ନବରଙ୍ଗପୁର କୋର୍ଟର ଅତିରିକ୍ତ ଜିଲା ଓ ସେସନ୍ସ ବିଚାରପତି ତଥା ପୋକ୍‌ସୋ ସ୍ୱତନ୍ତ୍ର ବିଚାରପତି ପ୍ରଣତି ସାହା ୧୯ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ୩ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୪୦ହଜାର ଟଙ୍କା ଜରିମାନା ଦେବାକୁ ରାୟ ପ୍ରକାଶ ପାଇଛି। ଅନାଦାୟେ ୬ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ହେବ। ଏହା ବ୍ୟତୀତ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଡିଏଲ୍‌ଏସ୍‌ଏକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିନନ୍ଦନ ସ୍ୱାଇଁ ପରିଚାଳନା କରୁଥିଲେ।

# ‘ପ୍ରଲୋଭନରେ ନ ପଡ଼ି ବିଜେଡି ପ୍ରାର୍ଥୀଙ୍କୁ ଜିତାଅ’



ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଜେଡି ନେତା।

ଉମରକୋଟ, ୨୬।୧୨
(ସନ୍ତୋଷ ଶତପଥୀ)

## ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ

ନବରଙ୍ଗପୁର ଜିଲା ଉମରକୋଟ ନିର୍ବାଚନମଣ୍ଡଳୀର ବେହେଡ଼ା ପଞ୍ଚାୟତସ୍ଥିତ ହାଇସ୍କୁଲ ଖେଳ ପଡିଆରେ ବିଜେଡିର ୨୭ତମ ପ୍ରତିଷ୍ଠ ଦିବସ କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଉଠା ଜଳସେଚନ ପ୍ରକଳ୍ପ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଜିଲା ଏସ୍‌ଡିସି ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ନବରଙ୍ଗପୁର ପୂର୍ବତନ ନଗରପାଳ ପ୍ରହଲ୍ଲାଦ ତ୍ରିପାଠୀ, ଉମରକୋଟ ପୂର୍ବତନ ନଗରପାଳ ଝାଡ଼େଶ୍ୱର ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଛନ୍ତି। ନବୀନ ସରକାରଙ୍କ ୨୪ବର୍ଷର ସୁଶାସନ, ଲୋକ କଲ୍ୟାଣ ଯୋଜନା ଓ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି। କୌଣସି ପ୍ରଲୋଭନରେ ନ ପଡ଼ି ଆଗାମୀ ସାଧାରଣ ନିର୍ବାଚନରେ ଦଳର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବାକୁ ଅତିଥିମାନେ କହିଛନ୍ତି। ପ୍ରତିଷ୍ଠା ଉତ୍ସବରେ କୁର୍ସି, ସୁଖୀ ଗାଁରୁ ଅନେକ କର୍ମୀ, ଗାୟତ୍ରୀ ପରିବାରର ଅନେକ ସଦସ୍ୟ ବିଜେଡିରେ ଯୋଗଦେଇଛନ୍ତି। ଏହି ସମୟରେ ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ରାଇଘର ବ୍ଲକ ଉପାଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର, ଜିଲା ପରିଷଦ ସଦସ୍ୟ ଚନ୍ଦନ ରାୟ, ବିଜୁ ବିକେବି ଉପଦେଷ୍ଟା ସୁଖଦେ ଗଣ୍ଡ, କାଉନସିଲର ତପନ ଦେବନାଥ, ଚିତ୍ତରଞ୍ଜନ ପାତ୍ର, ନେତ୍ର ହରିଜନ, ମନୋଜ ନାୟକ, ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ଉମରକୋଟ ବ୍ଲକ ବିଜେଡି ସଭାପତି ମନୋଜ ଧଳ, ନଗର ସଭାପତି କୈଳାସ ନାୟକ, ଶରତ ପାଣିଗ୍ରାହୀ, ସଲିମ ରାଠୋର, ଗଜି ନାୟକ,ଚନ୍ଦନା ମଲ୍ଲିକ, ସଞ୍ଜୁକ୍ତା ପଟ୍ଟନାୟକ, ରଶ୍ମି ସାନ୍ତ୍ରା, ଛନ୍ଦାଚରଣ ଜେନା, ନର୍ସିଂ ପାତ୍ର, କମଳ ବଚ୍ଛାଡ଼, ଅଭିମନ୍ୟୁ ଡାକୁଆ ପ୍ରମୁଖ ନେତା ଓ କର୍ମୀ ଯୋଗଦେଇଥିଲେ। ମନୋଜ ଧଳ ଧନ୍ୟବାଦ ଦେଇଛନ୍ତି।

# ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ

ଚନ୍ଦାହାଣ୍ଡି, ୨୬।୧୨(ଦିଲୀପ ଦାସ)

ଝରିଗାଁ ନିର୍ବାଚନମଣ୍ଡଳୀ ପକ୍ଷରୁ ବିଜେଡି ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପ୍ରଥମେ ଲାଙ୍ଗପଡ଼ା ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ବିଜେଡି ବ୍ଲକ ସଭାପତି ଗୌରହରି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟବକ୍ତା ଯୋଗଦେଇଥିଲେ। ଓଏଲ୍‌ଆଇସି ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଝରିଗାଁ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝି, ଏମ୍‌ପିଙ୍କ ଝରିଗାଁ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଚନ୍ଦାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଜିଲା ପରିଷଦ ସଭ୍ୟା ତ୍ରିମିଳା ପୂଜାରୀ, ଯମୁନା ଗଣ୍ଡ, ଡାଳିମ୍ବ ଭତରା, ବର୍ଷାରାଣୀ ପଟେଲ, କେତକୀମାଲି ଗୌଡ଼, ଝରିଗାଁ ବ୍ଲକ ସଭାପତି ଟିକେଚନ ମାଝି, ଝରିଗାଁ ବିଧାୟକଙ୍କ ଉମରକୋଟ ବ୍ଲକ ପ୍ରତିନିଧି ସଞ୍ଜୟ ଗୁପ୍ତା, ଉମରକୋଟ ବ୍ଲକ ସଭାପତି ଅଜିତ ପ୍ରଧାନ, ଜୋନ୍ ସଭାପତି ଯୁବରାଜ ଜଗତ, ବଳରାମ ପଟ୍ଟନାୟକ, ମଧୁସୂଦନ ନାଗେଶ, ଯୁବ ବିଜେଡି ସଭାପତି ତ୍ରିନାଥ ଦାଶ, ଛାତ୍ର ସଭାପତି ଲିଙ୍ଗରାଜ ଚୌହାନ, ମହିଳା ନେତ୍ରୀ ଦ୍ରୌପଦୀ ସୋରି, ଲଛମା ଗଣ୍ଡ,ମଞ୍ଜୁଲତା ନାୟକ, ଲାବଣ୍ୟବତୀ ପନକାଙ୍କ ସମେତ ଗୁରୁସିଙ୍ଗା ସରପଞ୍ଚ ମୋହନ ନାୟକ, ସ୍ଥାନୀୟ ସରପଞ୍ଚ କୃଷ୍ଣ ଜାନି, ସମିତି ସଭ୍ୟା ହୀରାମଣି ଠେଲୋ ମଞ୍ଚାସୀନ ଥିଲେ । ରମେଶ ବାଗଙ୍କ ସମେତ କଂଗ୍ରେସ ଓ ଭାଜପାର ଅନେକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଦିନକ ପୂର୍ବରୁ ଭାଜପାରେ ଯୋଗଦେଇଥିବା ପ୍ରେମଲାଲ ପଟେଲ, ଶ୍ରୀରାମ ଜଗତ ମଧ୍ୟ ବିଜେଡିରେ ମିଶିଛନ୍ତି। ଅତିଥିମାନେ ସରକାରଙ୍କ ବିକାଶମୂଳକ ଲୋକାଭିମୁଖୀ କାର୍ଯ୍ୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଲାଙ୍ଗପଡ଼ା ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଉପରେ ଲାଙ୍ଗପଡ଼ା ଗ୍ରାମବାସୀ ପାଲା ପରିବେଷଣ କରିଥିଲେ। ଏଥିସହ ସାଂସ୍କୃତିକ ଦଳ ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ଚିତ୍ରକୋଣ୍ଡାରେ ବିଜେଡି ପ୍ରତିଷ୍ଠା ଦିବସ

ଚିତ୍ରକୋଣ୍ଡା,୨୬।୧୨(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ବିଜେଡି ଜିଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମିଙ୍କ ଉଦ୍ୟମରେ ଚିତ୍ରକୋଣ୍ଡା ମିନି ଷ୍ଟାଡିୟମ ପଡ଼ିଆରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସକାଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରୁ ଦୈନିକ ମାର୍କେଟ ପର୍ଯ୍ୟନ୍ତ ଗଣଦୌଡ଼ କରାଯାଇଥିଲା। ଅଧିବେଶନ ଆରମ୍ଭରେ ବିଜୁବାବୁଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା । ରାଜ୍ୟବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନକୁ ମୁଖ୍ୟ ପ୍ରସଙ୍ଗକରି ବିଜେଡି ତା’ର ଲୋକପ୍ରିୟତା ବୃଦ୍ଧିକରି ଚାଲିଛି । ନୂତନ ଓଡ଼ିଶା ଗଠନର ଲକ୍ଷ୍ୟକୁ ଦୃଷ୍ଟିରେ ରଖି ‘ନୂଆ ଓଡ଼ିଶା ଯୁବ ଓଡ଼ିଶା ନବୀନ ଓଡ଼ିଶା’ ମାଧ୍ୟମରେ ଗ୍ରାମାଞ୍ଚଳରେ ପହଞ୍ଚିଛି। ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପୁଣି ଥରେ ଆସନରେ ବସାଇବା ପାଇଁ ଦଳୀୟ କର୍ମୀ ଓ ନେତାଙ୍କୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ଜିଲା ବିଜେଡି ବରିଷ୍ଠ କର୍ମୀ ନୃସିଂହ ଚରଣ ମହାନ୍ତି, ଏମ୍‌ପି ପ୍ରତିନିଧି ମଦନ ଖୋସ୍‌ଲା, କର୍ମୀ ମଙ୍ଗଳା ପାଙ୍ଗୀ, ସଭାପତି ରଘୁ ଖରା, କାର୍ଯ୍ୟକାରୀ ସଭାପତି ଶୁକ୍ରା ମୁଦୁଲି, ଚିତ୍ରକୋଣ୍ଡା ମହିଳା ସଭାପତି ଲକ୍ଷ୍ମୀ ମାଣ୍ଡି, ବିଧାୟକ ପ୍ରତିନିଧି ଅମିତ ଅଗ୍ରୱାଲ, ବରିଷ୍ଠ ବିଜେଡି କର୍ମୀ ଦେବେନ୍ଦ୍ର ଦାସ, ଶିବପ୍ରସାଦ ଖରା, ଅର୍ଜୁନ ଦଳେଇ, ପୀତାମ୍ବର ଖେମୁଡୁ, କମଲୁ ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାଁରେ ଘାରିଛି ବାଘ ଭୟ

ରାୟଗଡ଼ା,୨୬।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଗାଁଗୁଡ଼ିକରେ ବାଘ ବୁଲୁଛି। ଏହା ଜଣାପଡିବା ପରେ ବିଭିନ୍ନ ଗାଁ ରେ ତାଟିକବାଟ ପଡ଼ି ଯାଇଛି। ଏଭଳିକି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ମଧ୍ୟ ହେଉଛି। ମଙ୍ଗଳବାର ରାୟଗଡ଼ା ବ୍ଲକ କେରେଡା ପଞ୍ଚାୟତ ସୁଲୁଭା ଗ୍ରାମବାସୀ ଜଙ୍ଗଲକୁ କାଠ ପାଇଁ ଯାଇଥିବାବେଳେ ସେଠାରେ ବାଘର ଶବ୍ଦ ଶୁଣିଥିଲେ। ଏହି ଖବର ପ୍ରଚାର ହେବାପରେ ସୁଲୁଭା, କୁସା, ଶେଷଖାଲ, କେରେଡା, ଖିଲିମିସଗୁଡା, ରଣାଗୁଡା ଗ୍ରାମବାସୀ ଭୟରେ ଅଛନ୍ତି। ଲୋକେ ଭୟରେ ଘରୁ ବାହାରୁ ନ ଥିବା ସୂଚନା ମିଳିଛି। ଅପରପକ୍ଷରେ ରାୟଗଡ଼ା ସୀମାନ୍ତ ଆନ୍ଧ୍ରପ୍ରଦେଶ ରାଜ୍ୟ ପାର୍ବତିପୁରମ୍‌ରୁ ଆସୁଥିବା ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ଗାଁ ଲୋକେ ଭୟରେ ଘରୁ ପଦାକୁ ଆସୁ ନ ଥିବା ବେଳେ କେତେକେ ବନ ବିଭାଗକୁ ଜଣାଇଥିବା ଜଣାପଡିଛି। ଏ ସମ୍ପର୍କରେ ଫରେଷ୍ଟର ଗୌରୀ ସାହୁଙ୍କୁ ପଚାରିବାରୁ ବାଘ ଆସିଛି ଖବର ବନ ବିଭାଗକୁ ଗ୍ରାମବାସୀ ଦେଇଛନ୍ତି। କିନ୍ତୁ ଏହା କେତେ ଦୂର ସତ୍ୟ ତାହା ଅନୁଧ୍ୟାନ କରିବା ପାଇଁ ସ୍ଥାନୀୟ ବନ କର୍ମଚାରୀଙ୍କୁ କୁହାଯାଇଛି।

# ପଦ୍ମଗିରିରେ ଖୋଲିଲା ଧାନମଣ୍ଡି



ମଣ୍ଡିକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବୁରୁଦା ଉଦ୍‌ଘାଟନ କରୁଛନ୍ତି।

ମାଲକାନଗିରି,୨୬।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ପଦ୍ମଗିରି ସଦର ପଞ୍ଚାୟତରେ ମଙ୍ଗଳବାର ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ଏହାଦ୍ୱାରା ପଦ୍ମଗିରି, ଝରାପାଲ୍ଲୀ ପଞ୍ଚାୟତର ହଜାରେରୁ ଊର୍ଦ୍ଧ୍ୱ ଚାଷୀ ସେମାନଙ୍କ ଧାନ ବିକ୍ରି କରି ପାରିବେ । ମଣ୍ଡିକୁ ମାଲକାନଗିରି ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବୁରୁଦା ଉଦ୍‌ଘାଟନ କରିଥିବା ବେଳେ ପଦ୍ମଗିରି ସରପଞ୍ଚ ସୁନାଧର ମାଡକାମି, କୃଷ୍ଣ ମାଡକାମି, ନିୟନ୍ତ୍ରିତ ବଜାର କମିଟି ପରିଚାଳକ ଏବଂ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ଥିଲେ। ସରକାରଙ୍କ ନିୟମ ଅନୁଯାୟୀ ଲ୍ୟାମ୍ପ ଜରିଆରେ ମଣ୍ଡିରୁ ଧାନ ଖରିଦ କଲା ପରେ ଚାଷୀଙ୍କ ଧାନ ଟଙ୍କା ଏକ ସପ୍ତାହ ମଧ୍ୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ପୈଠ କରାଯିବ ବୋଲି ବୁରୁଦା କହିଛନ୍ତି।

# ଫୁଟ୍‌ବଲ ଖେଳରେ ଭାଗନେଇଛନ୍ତି ୮ ଟିମ୍

## ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପାପଡ଼ାହାଣ୍ଡି, ୨୬।୧୨
(ସ୍ୱପ୍ନଜିତ ପଟ୍ଟନାୟକ)



କ୍ରୀଡ଼ା ଉତ୍ସବ ଉଦ୍‌ଘାଟନରେ ଅତିଥି ଓ ଖେଳାଳି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ାରେ ବ୍ଲକ ପ୍ରଶାସନ ପକ୍ଷରୁ ନୂଆ -ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ଆଦିବାସୀ ଉନ୍ନୟନ ପରିଷଦ ଉପସଭାପତି ଭାନୁମତି ପୂଜାରୀ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଥାନାଧିକାରୀ ଦୀପକ ଜେନା, ଜିଲା ପରିଷଦ ସଭ୍ୟ ଯଶୋବନ୍ତ ନାୟକ, ଲିପିକା ମାଝି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ପାପଡ଼ାହାଣ୍ଡି ବ୍ଲକର ଯୁବପିଢ଼ିଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବାକୁ ରାଜ୍ୟ ସରାକରଙ୍କର ଏହା ଏକ ଭିନ୍ନ ପ୍ରୟାସ ବୋଲି ମୁଖ୍ୟ ଅତିଥି କହିଛନ୍ତି। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ ବୋଲି ବିଡିଓ ସୂଚନା ଦେଇଛନ୍ତି। କ୍ରୀଡ଼ା ଉତ୍ସବରେ ଫୁଟ୍‌ବଲ ଖେଳର ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକର ୮ଟି ଦଳ ଭାଗନେଇଥିଲେ। ଯାଉଲ ହୁସେନ, ସୁରେଶ ଦାସ, ଡାଭିଡ୍ ସ୍ମିତ ସାଧୁ ଏବଂ ପ୍ରମଦ କର୍କରା ଖେଳର ରେଫରି ଦାୟିତ୍ୱ ତୁଲାଇଥିଲେ। ଦର୍ଶକଙ୍କ ନିମନ୍ତେ ଏସ୍. କେ. ଅମଜାଦ ଅଲ୍ଲୀଙ୍କ ରିଂଜଡି କଳାସଂଘ ଏବଂ ଚରାମୁଳାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଖେଳ ବିଶେଷଜ୍ଞ ରମେଶ ସତ୍‌ନାମୀ, ଲାଲ ମୋହମ୍ମଦ ଖାନ ଏବଂ ଅଶୋକ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ବରିଷ୍ଠ କଳାକାରଙ୍କ ପରଲୋକ

ନବରଙ୍ଗପୁର,୨୬।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସୌରାସାହିରେ ବାସ କରୁଥିବା ବରିଷ୍ଠ କଳାକାର ଟିକିବାବୁ ପ୍ରଧାନଙ୍କ ପରଲୋକ ଘଟିଛି। ତାଙ୍କୁ ୭୫ ବର୍ଷ ହୋଇଥିଲା । ସେ ବାର୍ଦ୍ଧକ୍ୟଜନିତ ସମସ୍ୟାରେ ପୀଡ଼ିତ ଥିଲେ। ସେ ପୌରାଣିକ ନାଟକ ଲେଖିବା ସହ ଗୀତ ରଚନାକରି କଣ୍ଠ ଦେଉଥିଲେ। ସୁନ୍ଦର କଣ୍ଠ ସହ ଗୀତକୁ ସଙ୍ଗୀତ ଦେବାରେ ସେ ସିଦ୍ଧହସ୍ତ ଥିଲେ। ତାଙ୍କ ନିର୍ଦ୍ଦେଶନାରେ ଅନେକ ପୌରାଣିକ ନାଟକ ନବରଙ୍ଗପୁରରେ ମଞ୍ଚସ୍ଥ ହୋଇଛି। ବିଭିନ୍ନ କଳା ସଂସ୍ଥା ସହ ଜଡ଼ିତ ଥିବା ସଙ୍ଗେ ସଙ୍ଗେ ଜଣେ ଧର୍ମପରାୟଣ, ସଂଗଠକ, ସାମାଜିକ କର୍ମୀ ଭାବେ ତାଙ୍କର ପରିଚୟ ଥିଲା। ମୃତ୍ୟୁ ଖବର ପ୍ରଚାରହେବା ପରେ ଦୀନବନ୍ଧୁ ପରିଡ଼ା, ମନୁ ପରିଛା, ଦେବେନ୍ଦ୍ର ପ୍ରଧାନ, କୁକୁ ପ୍ରଧାନଙ୍କ ସହିତ ଅନେକ କଳାକାର ତାଙ୍କର ଶେଷ ଦର୍ଶନ କରିଥିଲେ। ନାଟ୍ୟକାର ଜଗନ୍ନାଥ ବେହେରା, ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ ପଟନାୟକ, ସି.ଏଚ୍. ଉଷା, ପ୍ରଦୀପ କୁମାର ମିଶ୍ର, ଅଶୋକ ପଣ୍ଡା, ଈଶ୍ୱର ପାତ୍ର, ଗୋପାଳକୃଷ୍ଣ ପାଣିଗ୍ରାହୀ, ଓଡ଼ିଶା ରାଜସ୍ୱ ଅମଲା ସଂଘ ସଭାପତି ତଥା କଳାକାର ତ୍ରିପତି ବାଲାଜୀ ସାହୁ ଶୋକବ୍ୟକ୍ତ କରିଛନ୍ତି।

# ବିଜେଡିର ପ୍ରତିଷ୍ଠା ଦିବସ ପାଳିତ



ମାଥିଲି,୨୬।୧୨
(ସୁବାସ ଚନ୍ଦ୍ର ଖୁଜୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକରେ ବିଜେଡି ସଂଗଠନ ଦୁର୍ବଳ ହେବାରେ ଲାଗିଛି। ମଙ୍ଗଳବାର ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସରେ ବରିଷ୍ଠ ନେତା କିମ୍ବା ଦଳର କୌଣସି ସଦସ୍ୟ ଯିବାକୁ ଇଚ୍ଛା କଲେ ନାହିଁ। ବିଶେଷ ସୂତ୍ରରୁ ଜଣାପଡିଛି, ମାଥିଲି ବ୍ଲକର ବିଜେଡି କର୍ମୀମାନେ ଯେଉଁମାନଙ୍କ ଅବଦାନ ୨୦୧୪ ରୁ ୨୦୧୯ ନିର୍ବାଚନରେ ପ୍ରମୁଖ ଭୂମିକା ଥିଲା ସେମାଙ୍କୁ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ବାହାର ନେତା ଦୂରେଇ ରଖି ମନମୁଖି କାମ କରୁଛନ୍ତି। ତେଣୁ ବିଜେଡିରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏଥିଯୋଗୁ ପ୍ରତିଷ୍ଠା ଦିବସକୁ କେହି ନେତା ଓ କର୍ମୀ ଯାଇ ନ ଥିବା ଜଣାପଡ଼ିଛି ।

# ଜିଲାସ୍ତରୀୟ ବୀର ବାଲ୍ ଦିବସ ପାଳିତ

ନବରଙ୍ଗପୁର, ୨୬।୧୨
(ସଦାଶିବ ପ୍ରହରାଜ)

ଗୁରୁ ଗୋବିନ୍ଦ ସିଂଙ୍କ ସ୍ମୃତି ପାଇଁ ଶ୍ରଦ୍ଧାଞ୍ଜଳି ବୀର ବାଲ୍ ଦିବସ ନବରଙ୍ଗପୁର ମିଶନ ଶକ୍ତି ସଭାଗୃହରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଅଜନ୍ତା ଶୁଭଦର୍ଶିନୀ, ଅବନୀ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ, ମନୋରମା ମାଝି, ସାମାଜିକ କର୍ମୀ ବସନ୍ତ ବେନିଆ, ଶିକ୍ଷକ ସୂର୍ଯ୍ୟ ନାରାୟଣ ବେହେରା, ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ମୋଟ ୬ ଶିଶୁ ଗୃହର ୯୦ ଅନ୍ତେବାସୀ ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତାରେ ଭାଗନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ ଜିଲା ଶିଶୁ ବିଭାଗର କିଶୋର ଚନ୍ଦ୍ର ମାର୍ଥା ପରିଚାଳନା କରିଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗରୁ କିଷାନ ପଟ୍ଟନାୟକ, ସମରେନ୍ଦ୍ର ପରିଡ଼ା, ଶ୍ୱାତିଶ୍ରୀ ପଟ୍ଟନାୟକ, ସାଗର ପଟ୍ଟନାୟକ ଓ ମହେନ୍ଦ୍ର ଚାଲାଣ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।




ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ

ମାଲକାନଗିରି,୨୬।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ମାନସ ମାଡକାମିଙ୍କ ନେତୃତ୍ୱରେ ପୂର୍ବାହ୍ନ ୮ଟାରେ ଦଳୀୟ କର୍ମୀ ଏବଂ ଯୁବତୀଯୁବକମାନଙ୍କୁ ନେଇ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଏକ ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଥିଲା। ପରେ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂସ୍କୃତି ଭବନଠାରେ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ରହି ଦଳର ୨୭ ବର୍ଷର କାର୍ଯ୍ୟ ଦକ୍ଷତା, ସୁଶାସନ ଓ ଗରୀବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇଥିବା ବକ୍ତାମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ। ଦଳକୁ ସୁଦୃଢ଼ କରିବା ସହ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନରେ ଯେପରି ଦଳ ଦୁଇଟି ବିଧାନସଭା ଏବଂ ନବରଙ୍ଗପୁର ଲୋକସଭାରେ ବିଜୟ ଲାଭ କରିବ ସେ ସମ୍ବନ୍ଧରେ ଗ୍ରାମଠାରୁ ଜିଲା ପର୍ଯ୍ୟନ୍ତ ସମସ୍ତ କର୍ମୀ ଓ କର୍ମକର୍ତ୍ତାମାନେ ନିଷ୍ଠାର ସହ କାର୍ଯ୍ୟ କରି ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ସଭାପତି ମାଡକାମି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବରିଷ୍ଠ ନେତା ଗୋପାଳକୃଷ୍ଣ ପଣ୍ଡା, ପ୍ରଭାକର ପ୍ରଧାନ, ମନୋଜ ବାରିକ, କବିତା ମହନ୍ତଙ୍କ ସହ ଶତାଧିକ ମହିଳା ଓ ପୁରୁଷ କର୍ମୀ ଯୋଗଦେଇଥିଲେ।



**ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କଟକ**
**ବିଜ୍ଞାପନ**
ପତ୍ର ସଂଖ୍ୟା–୧୪୮୪୯/ଅ. ତା.୨୨.୧୨.୨୩
No.D–ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରା, ପିତା–ସ୍ୱର୍ଗତ ରମାକାନ୍ତ ବେହେରା, ଗୋପୀନାଥ ମନ୍ଦିର ନିକଟ, ମାଛୁଆବଜାର, ପୋ–ବକ୍ସିବଜାର, ଥାନା–ମଙ୍ଗଳାବାଗ, ଜିଲ୍ଲା–କଟକଙ୍କ ନାମରେ କଟକ ଜିଲ୍ଲା ପଟ୍ଟାପୋଲଠାରେ ଥିବା ସରକାରୀ ଦେଶୀ ମଦ ଦୋକାନର ମାଲିକାନା ସ୍ୱତ୍ୱ ତାଙ୍କର ପୁତ୍ର ଶ୍ରୀ ଦୀପକ କୁମାର ବେହେରା, ପିତା–ଜଗନ୍ନାଥ ବେହେରା, ସା–ମାଛୁଆବଜାର, ପୋ–ବକ୍ସିବଜାର, ଥାନା–ମଙ୍ଗଳାବାଗ, ଜିଲ୍ଲା–କଟକଙ୍କ ନାମରେ ପରିବର୍ତ୍ତନ ହେବାକୁ ଯାଉଅଛି । ଏଣୁ ଏହି ନୋଟିସ୍ ଜରିଆରେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରାଙ୍କର ଏହି ଦୋକାନର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ବିରୁଦ୍ଧରେ କେହି ଦାବିଦାର ଥିଲେ, ଏହି କାର୍ଯ୍ୟାଳୟକୁ ସାତଦିନ ମଧ୍ୟରେ ଜଣାଇବେ । ଉକ୍ତ ତାରିଖ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ।
ଜିଲ୍ଲାପାଳ, କଟକଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./–ଅବକାରୀ ଅଧୀକ୍ଷକ, କଟକ
OIPR-36008/11/0003/2324

## ସଂକ୍ଷେପରେ

### ଜିଲା ଭାଜପା ଆଦିବାସୀ ମୋର୍ଚ୍ଚା ନୂତନ କର୍ମକର୍ତ୍ତା ଚୟନ

ବୈପାରିଗୁଡ଼ା,୨୬।୧୨(କଳ୍ପତରୁ ମହାନ୍ତି)

ରାଜ୍ୟ ଭାଜପା ସଭାପତିଙ୍କ ଅନୁମୋଦନ କ୍ରମେ କୋରାପୁଟ ଜିଲା ଆଦିବାସୀ ମୋର୍ଚ୍ଚା ନୂତନ କର୍ମକର୍ତ୍ତାଙ୍କ ତାଲିକା ପ୍ରକାଶ ପାଇଛି। ମୋର୍ଚ୍ଚାର ଜିଲା ସଭାପତି ଭାବେ ନରେନ୍ଦ୍ର କାନ୍ଦିଳିଆ, ଉପସଭାପତି ଭାବେ ଲଳିତ ପୂଜାରୀ, ବଳି ମାଝି, ଉଦୟ ହିକ୍କା ଓ କୁମନ ମୁଦୁଲି ମନୋନୀତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ଜୟରାମ ଭୋଇ ଓ ରୂପୁ ଭତ୍ରା, ସମ୍ପାଦକ ଭାବେ ଭୁବନ ଜାନି , ସୋନା ଜାନି, ବାଳକୃଷ୍ଣ ମାଝି, ମାଧବ ଦିଶାରୀ, ସତ୍ୟ ନାୟକ, କୋଷାଧ୍ୟକ୍ଷ ରୂପେ ଧନୁର୍ଜୟ ଘିଉରିଆ ମନୋନୀତ ହୋଇଥିବା ଜଣାପଡିଛି। ମୋର୍ଚ୍ଚାର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସନାଇ ନାୟକ, ସୀମାଞ୍ଚଳ ହନ୍ତାଳ, ସୋମନାଥ ମାଝି, ଭୀମ ଭୋଇ, ସୀତାରାମ ଶିଶା, ବଳରାମ ମୁଦୁଲି, ଜମେଇ ଉ଼ୁଶୁକା, ରମେଶ ହାରେକା, ମୁରାଲି ଭତ୍ରା, କାହ୍ନୁ ମାଝି, ଅଶ୍ୱିନ ଭାଟଭୋଇ, ପର୍ଶୁରାମ ଘିଉରିଆ, ରାମଚନ୍ଦ୍ର ପୂଜାରୀ, ସୁନାମଣି ନାୟକ, ଚୈତନ ଜାନି, ମୂର୍ତ୍ତି ୱାଦେକା, ସୁରେଶ ବସ୍ତ୍ରାରିଆ ଏବଂ ଦେବେନ୍ଦ୍ର ସମରଥ ମନୋନୀତ ହୋଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ କୋରାପୁଟ ଜିଲାର ୩ଟି ଆଦିବାସୀ ସଂରକ୍ଷିତ ବିଧାନସଭା ଆସନରେ ପ୍ରାର୍ଥୀ ଦେଇ ସେମାନଙ୍କୁ ବିଜୟୀ କରିବା ମୋର୍ଚ୍ଚାର ଲକ୍ଷ୍ୟ ରହିବ ବୋଲି ସଭାପତି କାନ୍ଦିଳିଆ କହିଛନ୍ତି।

### ଜମି କିସମ ପରିବର୍ତ୍ତନ ଦାବି

#### ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଜୟପୁର, ୨୬।୧୨(ପବନ ପାଣିଗ୍ରାହୀ)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ହୋଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶିବାଜୀ ଇସ୍‌ଲ୍ୱାର ଯୋଗଦେଇ ୪ଟି ଗୋଷ୍ଠୀଗତ ଓ ୨ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରିଛନ୍ତି । ଏହି ଅଭିଯୋଗ ଶୁଣାଣିରେ ଜୟପୁର ବ୍ଲକ ଉମୁରି ପଞ୍ଚାୟତର ୧୦ ନମ୍ବର ୱାର୍ଡର ହାତୀବାରିଗୁଡା ଗ୍ରାମର ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, ହାତିବାରିଗୁଡା ଗ୍ରାମ ଉମୁରି ଓ ଜୟପୁର ବ୍ଲକର ଗୋଟିଏ ଛୋଟ ଗ୍ରାମ । ଦୀର୍ଘ ବର୍ଷ ହେବ ଗ୍ରାମଟି ଫରେଷ୍ଟ ଲ୍ୟାଣ୍ଡ ଉପରେ ଅବସ୍ଥିତ । ଅନ୍ୟ ଗ୍ରାମ ପରି ଉକ୍ତ ଗ୍ରାମକୁ ମଧ୍ୟ ପଞ୍ଚାୟତସ୍ତରୀୟ ସରକାରଙ୍କ ସବୁ ସୁବିଧା ସୁଯୋଗ ମିଳୁଛି। ମାତ୍ର ଗ୍ରାମରେ ବିକାଶମୂଳକ କାର୍ଯ୍ୟ କିଛି ହୋଇପାରୁନାହିଁ । ଫରେଷ୍ଟ ଲ୍ୟାଣ୍ଡରେ ଘର ଥିବାରୁ ପଟ୍ଟା ମିଳୁନାହିଁ। ପଟ୍ଟା ନ ଥିବାରୁ ଆମେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛୁ। ପ୍ରଶାସନ ବନ ବିଭାଗର ଏହି ଜମିକୁ କିସମ ପରିବର୍ତ୍ତନକରି ଗ୍ରାମ ବସତି ଭାବେ ଘୋଷଣା କରିବାକୁ ଦାବିପତ୍ରରେ ଦାବି କରାଯାଇଛି । ଏହି ଅଭିଯୋଗ ଶୁଣାଣିରେ ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା, ସହକାରୀ ଯୋଗାଣ ଅଧିକାରୀ ସୁଶୀଳ ଜେନା , ଜିଲା ଶ୍ରମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଟ୍ରେନ୍ ବାତିଲ, ୪ ଗତିପଥ ପରିବର୍ତ୍ତନ

## ଦୋହରୀକରଣ କାର୍ଯ୍ୟ ପାଇଁ ତତ୍ପରତା

କୋରାପୁଟ,୨୬।୧୨(ଅମିତାଭ ବେହେରା)

ରେଳପଥର ଦୋହରୀକରଣ କାର୍ଯ୍ୟ ପାଇଁ କୋରାପୁଟ-ରାୟଗଡ଼ା(କେଆର୍) ରେଳପଥରେ ଯାତାୟାତ କରୁଥିବା ୨ଟି ଟ୍ରେନ୍ ବାତିଲ ହୋଇଛି। ୪ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଥିବା ରେଲୱେ ୱାଲ୍‌ଟିୟର ଡିଭିଜନ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର ଏ.କେ. ତ୍ରିପାଠୀ ସୂଚନା ଦେଇଛନ୍ତି। ଦାମନଯୋଡ଼ିଠାରେ ୩୦ରୁ ଜାନୁୟାରୀ ୬ ଯାଏ ଓ ବାଇଗୁଡ଼ାଠାରେ ଡିସେମ୍ବର ୩୧ରୁ ଜାନୁୟାରୀ ୬ ଯାଏ ହେବାକୁ ଥିବା ଦୋହରୀକରଣ କାର୍ଯ୍ୟର ଇଣ୍ଟର ଲିଙ୍କିଂ ପାଇଁ ୨ଟି ଟ୍ରେନ୍ ବାତିଲ ଓ ୪ ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ଏହିକାର୍ଯ୍ୟ ଯୋଗୁ ଟ୍ରେନ୍ ନଂ. ୧୮୫୧୨ ବିଶାଖାପାଟଣା-କୋରାପୁଟ ଯାଉଥିବା ଟ୍ରେନ୍ ଜାନୁୟାରୀ ୧ ରୁ ୫ ଯାଏ ଏବଂ ୧୮୫୧୧ କୋରାପୁଟ-ବିଶାଖାପାଟଣା ଟ୍ରେନ୍ ଜାନୁୟାରୀ ୨ରୁ ୬ ଯାଏ ବାତିଲ କରାଯାଇଛି । ସେହିଭଳି ୪ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି । ସେଗୁଡିକ ହେଲା ଟ୍ରେନ୍ ନଂ. ୧୮୧୦୭ ରାଉରକେଲା-ଜଗଦଲପୁର ଏକ୍ସପ୍ରେସ୍ ୧ରୁ ୬ ତାରିଖ ଯାଏ ରାୟଗଡ଼ା ପର୍ଯ୍ୟନ୍ତ ଚଳାଚଳ କରିବ । ଟ୍ରେନ୍ ନଂ. ୧୮୧୦୮ ଜଗଦଲପୁର- ରାଉରକେଲା ଏକ୍ସପ୍ରେସ୍ ଆସନ୍ତା ଜାନୁୟାରୀ ୨ରୁ ୭ ଯାଏ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇ ରାୟଗଡ଼ାରୁ ରାଉରକେଲା ଯାଏ ଚଳାଚଳ କରିବ ବୋଲି ଜଣାଯାଇଛି । ସେହିପରି ଟ୍ରେନ୍ ନଂ. ୧୮୦୦୫ ହାଓଡା-ଜଗଦଲପୁର ଏକ୍ସପ୍ରେସ୍ ଜାନୁୟାରୀ ୨ରୁ ୬ ଯାଏ ଟିଟିଲାଗଡ଼ ଯାଏ ଚଳାଚଳ କରିବାକୁ ଥିବାବେଳେ ଟ୍ରେନ୍ ନଂ. ୧୮୦୦୬ ଜଗଦଲପୁର-ହାଓଡା ଏକ୍ସପ୍ରେସ୍‌ର ଆସନ୍ତା ୩ରୁ ୭ ଯାଏ ଗତିପଥ ପରିବର୍ତ୍ତନ କରାଯାଇ ଟିଟିଲାଗଡ଼ରୁ ହାଓଡା ଯାଏ ଚଳାଚଳ କରିବ ବୋଲି ୱାଲ୍‌ଟିୟର ରେଳ ଡିଭିଜନ ପକ୍ଷରୁ କୁହାଯାଇଛି ।

# ବଞ୍ଚିଥିବା ବୃଦ୍ଧାଙ୍କୁ ମୃତ ଦର୍ଶାଇ ଭତ୍ତା ବନ୍ଦ

## ବର୍ଷେ ହେଲା ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ରାଇବାରୀ

ଦଶମନ୍ତପୁର,୨୬।୧୨ (ଅରବିନ୍ଦ ନାୟକ)



ରାଇବାରୀ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଢୁମ୍ବାଗୁଡ଼ା ସଦର ପଞ୍ଚାୟତର ଜଣେ ବିଧବା ବୃଦ୍ଧା ମହିଳା ରାଇବାରୀ ଗୌଡ(୭୩) ଦୀର୍ଘ ୧ ବର୍ଷ ହେବ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଦେଖିବାକୁ ମିଳିଛି। ତାଙ୍କ ସ୍ୱାମୀ ରଘୁ ଗୌଡଙ୍କ ମୃତ୍ୟୁ ପରେ ଏବେ ସେ ନିଜପୁଅ ନିକଟରେ ରହୁଛନ୍ତି। ବୟସାଧିକ ଯୋଗୁ ଆଉ କୁଲି ଭୂତି କରିବାକୁ ଯାଇପାରୁନାହାନ୍ତି ରାଇବାରୀ। ପୂର୍ବରୁ ସେ ପାଉଥିବା ଭତ୍ତା ଏବେ ବର୍ଷେ ହେବ ପାଉନାହାନ୍ତି। ଭତ୍ତା ପାଇବା ପାଇଁ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି କୌଣସି ସୁଫଳ ପାଇନାହାନ୍ତି। ଏନେଇ ବ୍ଲକ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାରୁ ସଂପୃକ୍ତ ବୃଦ୍ଧାଙ୍କୁ ମୃତ୍ୟୁ ହୋଇଥିବା ରିପୋର୍ଟ କାର୍ଯ୍ୟାଳୟରେ ଦାଖଲ କରାଯାଇଥିବାରୁ ତାଙ୍କୁ ଭତ୍ତା ମିଳୁ ନ ଥିବା ଜଣାପଡିଛି। ତେବେ ରାଇବାରୀଙ୍କ ମୃତ୍ୟୁ ହୋଇଥିବା ନେଇ ଏଭଳି ରିପୋର୍ଟ କିଏ ଦାଖଲ କଲା ତାହାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଗ୍ରାମର ରୂପଦେଈ ହିକକାଙ୍କୁ ୭ ମାସ, ଦୀପ ଜାନିଙ୍କୁ ୩ ମାସ, ବଳି ମୁଦୁଲିଙ୍କୁ ୭ ମାସ, ଝିମ ଜାନିଙ୍କୁ ୭ ମାସ ଓ ଅମ୍ବିକା ଜାନିଙ୍କୁ ୪ ମାସର ମିଳି ନ ଥିବା ସରପଞ୍ଚ କହିଛନ୍ତି। ଏ ସମ୍ପର୍କରେ ପିଇଓ ରବି ତାମ୍ବାରୀଙ୍କୁ ପଚାରିବାରୁ ସେ ଖୁବ ଶୀଘ୍ର ବୃଦ୍ଧା ରଇବାରୀଙ୍କ ଭତ୍ତା ପାଇବା ନେଇ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# ନନ୍ଦପୁର,ଜୟପୁରରେ ବିଜେଡିର ପ୍ରତିଷ୍ଠା ଦିବସ



ନନ୍ଦପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଦଳୀୟ ନେତା ଓ କର୍ମୀ।

ନନ୍ଦପୁର, ୨୬।୧୨(ଶଙ୍କର ପୂଜାରୀ)

ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିନି ବ୍ଲକ ନନ୍ଦପୁର, ପଟ୍ଟାଙ୍ଗି ଓ ସେମିଳିଗୁଡ଼ା ବ୍ଲକରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୫୮ଟି ପଞ୍ଚାୟତର ବିଜୁ ଜନତା ଦଳର ଯୁବ, ଛାତ୍ର, ମହିଳା ପୁରୁଷ କର୍ମୀ, ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରୀୟ ପଦାଧିକାରୀ, ଜିଲା ପରିଷଦ ସଦସ୍ୟ, ସରପଞ୍ଚ ସମିତିସଭ୍ୟ, ୱାର୍ଡସଭ୍ୟ ଏକତ୍ରିତ ହୋଇ ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ନନ୍ଦପୁର ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବାଲା ରାୟ, ରାମ ପୂଜାରୀ, ଅନନ୍ତ ରାମ ମାଟାମ, ଲତା ରାୟ, ଲଇଚନ ଖରା, ଗୋପାଳକୃଷ୍ଣ ବେବର୍ତ୍ତା, ଏସ୍‌ଡିସି ଉପାଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ୍, ଉପାଧ୍ୟକ୍ଷ ଗୋପାଳ ହନ୍ତାଳ ପ୍ରମୁଖ ଯୋଗଦେଇ ପ୍ରଥମେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଉପସ୍ଥିତ ଦଳୀୟ କର୍ମୀଙ୍କୁ ୨୬ବର୍ଷ ତଳେ ବିଜୁ ଜନତା ଦଳର ଗଠନ, ରାଜ୍ୟରେ ୨୩ବର୍ଷର ଶୁଶାସନ ଓ ଦଳୀୟ ନୀତି ଆଦର୍ଶ ସମ୍ପର୍କରେ ଅତିଥିମାନେ ଅବଗତ କରାଇଥିଲେ।

୨୦୨୪ ନିର୍ବାଚନରେ ଯେପରି ବିଜୁ ଜନତା ଦଳର ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ବିଜୟୀ ହେବେ ସେଥିପ୍ରତି ସମସ୍ତେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଟ୍ଟାଙ୍ଗି ବ୍ଲକ ସଭାପତି ବିଶ୍ୱନାଥ ପଡାଲ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ସେମିଳିଗୁଡ଼ା ବ୍ଲକ ସଭାପତି ରାମ ଅଣ୍ଟିବିରିଆ, ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟିବିରିଆ ଉପସ୍ଥିତ ଥିଲେ। ସେହିପରି ଜୟପୁରରେ ରବିନାରାୟଣ ନନ୍ଦଙ୍କ ନେତୃତ୍ୱରେ ମଧ୍ୟ ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ସକାଳେ ରାଜନଗରଠାରେ ଦଶହରା ପଡ଼ିଆ ପର୍ଯ୍ୟନ୍ତ ମାରାଥନ ଦୌଡ଼ ହୋଇଥିଲା। ପରେ ଦଳର ବରିଷ୍ଠ ନେତା ସୁବାସ ରାଉତଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ହୋଇଥିଲା। ଶିବିରରୁ ୧୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଦଳର ଅନେକ ବରିଷ୍ଠ ନେତା, ଯୁବତୀଯୁବକ ମହିଳା ଓ ସମସ୍ତ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଜୟପୁରରେ ମାରାଥନ ଦୌଡ଼

# ଅକ୍ଷତ କଳସର ନଗର ପରିକ୍ରମା

ବୋରିଗୁମ୍ମା,୨୬।୧୨ (ବିଜୟ ସାହୁ)

ଅଯୋଧ୍ୟାରୁ ଆସିଥିବା ପବିତ୍ର ଅକ୍ଷତ କଳସକୁ ବୋରିଗୁମ୍ମାଠାରେ ଭବ୍ୟ ଶୋଭାଯାତ୍ରା ସହ ନଗର ପରିକ୍ରମା କରାଯାଇ ସ୍ୱାଗତ କରାଯାଇଛି। ସ୍ଥାନୀୟ ପଞ୍ଚମୁଖୀ ହନୁମାନ ମନ୍ଦିରରେ କଳସକୁ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ବାହାରି ସହରର ସମସ୍ତ ମନ୍ଦିରକୁ ଯିବା ସହ ସମ୍ପୂର୍ଣ୍ଣ ନଗର ପରିକ୍ରମା କରିଥିଲା। କୀର୍ତ୍ତନ ଏବଂ ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇ ଉଠିଥିଲା। ସୂଚନା ଥାଉକି ୨୦୨୪ ଜାନୁଆରୀ ୨୨ରେ ଅଯୋଧ୍ୟାରେ ଶ୍ରୀରାମ ଲାଲ୍ଲାଙ୍କ ମନ୍ଦିର ପ୍ରାଣ ପତିଷ୍ଠା ହେବ। ଏହି ଅବସରରେ ଶ୍ରୀରାମ ଜନ୍ମ ଭୂମି ତୀର୍ଥ କ୍ଷେତ୍ର ଅଯୋଧ୍ୟା ପକ୍ଷରୁ ଗତ ୫ ନଭେମ୍ବରରେ ଅଯୋଧ୍ୟାଠାରେ ଅକ୍ଷତ ପୂଜା ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ଓଡିଶାର ବିଭିନ୍ନ ସ୍ଥାନରେ ଅକ୍ଷତ ଶୁଭ କଳସର ପରିକ୍ରମା ପରେ ବୋରିଗୁମ୍ମା ଠାରେ ଆସି ପହଞ୍ଚିଥିଲା। ଏହା ବୋରିଗୁମ୍ମା ଶ୍ରୀରାମ ମନ୍ଦିରରେ ଜନସାଧାରଣଙ୍କ ଦର୍ଶନ ପାଇଁ ରଖାଯାଇଛି। ଜାନୁଆରୀ ୧ରୁ୧୫ ମଧ୍ୟରେ ସମଗ୍ର ଭାରତର ପ୍ରତ୍ୟେକ ଘରେ ପୂଜା ପାଉଥିବା ଏହି ଅକ୍ଷତ କଳସ ସହିତ ଅଯୋଧ୍ୟା ଶ୍ରୀରାମ ମନ୍ଦିରକୁ ନିମନ୍ତ୍ରଣ କରାଯିବାର ଯୋଜନା ରହିଛି। ଏହି କ୍ରମରେ ବୋରିଗୁମ୍ମା ବ୍ଲକର ପ୍ରତ୍ୟେକ ପଞ୍ଚାୟତ ଓ ୱାର୍ଡରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରିକ୍ରମା ବେଳେ ଶ୍ରୀରାମ ଜନ୍ମଭୂମୀ ତୀର୍ଥ କ୍ଷେତ୍ର ବୋରିଗୁମ୍ମା ବ୍ଲକ ସମିତି ସମେତ ବହୁ ସଂଖ୍ୟାରେ ବୋରିଗୁମ୍ମା ଅଞ୍ଚଳର ମହିଳାପୁରୁଷ ଯୋଗ ଦେଇଥିଲେ।

# ସିପିଆଇର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବ ଅବସରରେ ଏକାଠି ହୋଇଥିବା ସିପିଆଇର ନେତୃବୃନ୍ଦ।

ଜୟପୁର,୨୬।୧୨(ପବନ ପାଣିଗ୍ରାହୀ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କୋରାପୁଟ ଜିଲା ପରିଷଦ ପକ୍ଷରୁ ମଙ୍ଗଳବାର ଦଳର ୯୮ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ ମହାନ୍ତି ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ କାର୍ଯ୍ୟକାରୀ କମିଟି ସଭ୍ୟ ମହାନ୍ତି ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ, ମହାନ୍ ସମାଜ ବିଜ୍ଞାନୀ କାର୍ଲ ମାକ୍ସ, ଏଙ୍ଗେଲ ଓ ଲେନିନ୍‌ଙ୍କ ପ୍ରେରଣାରେ ଭାରତରେ ୧୯୨୫ ଡିସେମ୍ବର ୨୬ରେ କାନପୁରଠାରେ ସିପିଆଇ ପ୍ରତିଷ୍ଠା ହୋଇଥିଲା। ସେବେଠାରୁ ଦଳ ଶ୍ରମିକ, କୃଷକ ଓ ଦଳିତ ନିଷ୍ପେଷିତ ଲୋକଙ୍କ ହକ୍ ଓ ଅଧିକାର ପାଇଁ ଲଢିଆସୁଛି। ପାଲେଷ୍ଟିନୀୟମାନଙ୍କ ସ୍ୱତନ୍ତ୍ର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବା ସହ ମଣିପୁର ଜାତିଗତ ସାମ୍ପ୍ରଦାୟିକ ହିଂସା ରୋକିବା ପାଇଁ ମଧ୍ୟ ସିପିଆଇ ରାଜରାସ୍ତାକୁ ଓହ୍ଲାଇଛି । ତିନୋଟି କଳା କୃଷି ଆଇନ ବିରୋଧରେ ଦଳ ଲଢିବା ସହ ବେକାର ସମସ୍ୟାର ସମାଧାନ ପାଇଁ ମଧ୍ୟ ଅଣ୍ଟା ଭିଡ଼ିଛି। ଏହି ଅବସରରେ ଓଡ଼ିଶାର ସିପିଆଇ ଜନନେତା ପ୍ରସନ୍ନ ପଣ୍ଡାଙ୍କ ସ୍ମୃତିଚାରଣ କରାଯାଇଥିଲା। ଦଳର ନୂତନ ଶାଖା ଗଠନ ସହ ୨୦୨୪ ଜାନୁୟାରୀ ୫,୬ ଓ ୭ ରେ କଳାହାଣ୍ଡିଠାରେ ହେବାକୁ ଥିବା ରାଜ୍ୟ ପରିଷଦ ସମ୍ମିଳନୀରେ ପ୍ରତିନିଧିମାନେ ଯୋଗଦେବାକୁ ନିଷ୍ପତ୍ତି ହୋଇଥିଲା। ସଭାରେ ରାମକୃଷ୍ଣ ଦାସ, ନିତ୍ୟାନନ୍ଦ ପାତ୍ର, ବସନ୍ତ ବେହେରା, ନନ୍ଦ ହରିଜନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ନିଜ ମତ ରଖିଥିଲେ।

# ୨୩ ପଞ୍ଚାୟତକୁ ଗଲା ଅଯୋଧ୍ୟାର ଅକ୍ଷତ ଚାଉଳ

ନନ୍ଦପୁର, ୨୬।୧୨ (ଶଙ୍କର ପୂଜାରୀ)

ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟା ରାମ ମନ୍ଦିରରୁ ଆସିଥିବା ଅକ୍ଷତ ଚାଉଳ କଳସକୁ ୨୩ଟି କଳସରେ ଭର୍ତ୍ତି କରି ମଙ୍ଗଳବାର ନନ୍ଦପୁର ବ୍ଲକର ୨୩ ପଞ୍ଚାୟତରେ ବଣ୍ଟନ ନିମନ୍ତେ ପ୍ରଦାନ କରାଯାଇଛି। ଏହି ଅକ୍ଷତ କଳସକୁ ନନ୍ଦପୁର ଶିରିଡ଼ି ସାଇବାବା ମନ୍ଦିର ନିକଟରେ ସ୍ୱାଗତ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର କମିଟି ନନ୍ଦପୁର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା ଓ ବ୍ଲକସ୍ତରୀୟ କର୍ମକର୍ତ୍ତା, ବ୍ଲକର ୨୩ ପଞ୍ଚାୟତର ମହିଳା ପୁରୁଷ ସ୍ୱାଗତ କରିଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ କଳସକୁ ନଗର ପରିକ୍ରମା କରାଯାଇଥିଲା। ଶେଷରେ ସର୍ବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଭାରେ ୨୩ ପଞ୍ଚାୟତର ସଞ୍ଚାଳକଙ୍କୁ ଅକ୍ଷତ ଚାଉଳ କଳସ ପ୍ରଦାନ କରାଯାଇଥିଲା। ଉପସ୍ଥିତ ଆରଏସଏସ ଜିଲା ପ୍ରଚାରକ ଚିଦାନନ୍ଦ ଶତପଥୀ ଓ ଜିଲା ସହ କାର୍ଯ୍ୟବାହ ଜୟଶଙ୍କର ଖାଡେଙ୍ଗା କଳସ ନେଉଥିବା ସଂଚାଳକ ମାନଙ୍କୁ ଆସନ୍ତା ଜାନୁଆରୀ ୧ରୁ ୧୫ ମଧ୍ୟରେ ଅକ୍ଷତ ଚାଉଳ ପୁଡିଆ, ଶ୍ରୀରାମଙ୍କ ଫଟୋ ଓ ରାମମନ୍ଦିର ଉଦଘାଟନର ନିମନ୍ତ୍ରଣ ପତ୍ର ନିଜ ନିଜ ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ଘରେ ଘରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ସମସ୍ତ ପରିବାର ଜାନୁଆରୀ ୨୨ ମନ୍ଦିର ପ୍ରତିଷ୍ଠା ଦିନ ନିଜ ଘର ସମ୍ମୁଖରେ ଝୋଟି ଦେଇ କୁମ୍ଭ ସ୍ଥାପନ କରି ୫ଟି ଦ୍ୱୀପ ପ୍ରଜ୍ୱଳନ କରିବାକୁ ଅନୁରୋଧ କହିଥିଲେ। ଶୋଭାଯାତ୍ରା ଓ ସଭାକାର୍ଯ୍ୟ ବ୍ଲକ ସଙ୍କୀର୍ତ୍ତନ ମଣ୍ଡଳୀ ସଭାପତି ସୁଦର୍ଶନ ସାହୁ, କୁନା ଚାଲାଣ, ଈଶ୍ୱର ଖିନବୁଡି, ଏନ.ବାବୁଲା ଦାସ, ସିମାଞ୍ଚଳ ଖିଲ, ରବିରାମ ସିଂ, ବିହାରୀ ଲାଲ ପଣ୍ଡା, ଜୟରାମ ପୁଝାରୀ, ବିଶ୍ୱନାଥ ଶିସା, ଧନୁର୍ଜୟ ମୁଦୁଲି, ଭଗବାନ ମୁଦୁଲି, ଜୟରାମ ଭୋଇ ପ୍ରମୁଖ ପରିଚାଳନା କରିଥିଲେ।

# ବାଲଡ଼ା ପାହାଡ଼କୁ ମିଳିବନି ଖଣି ଖାଦାନ ମାନ୍ୟତା

## ପ୍ରତିଷ୍ଠା ଦିବସରେ ବିଧାୟକଙ୍କ ଘୋଷଣା

ନନ୍ଦପୁର, ୨୬।୧୨(ଶଙ୍କର ପୂଜାରୀ)

କୋାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ବାଲଡା ନାଗେଶ୍ୱରୀ ପାହାଡ ଓ ଗୁମ୍ଫାକୁ ମିଳିବନି ଖଣି ଖାଦାନ ମାନ୍ୟତା। ଏହା ହେବ ଜୈବିକ ପର୍ଯ୍ୟଟନ ସ୍ଥଳୀ। ଏଭଳି ଘୋଷଣା ପଟାଙ୍ଗି ବିଧାୟକ ପିତମ ପାଢ଼ୀ କରିଛନ୍ତି। ଯାହାକୁ ଶୁଣି ବାଲଡା ପାହାଡ ସୁରକ୍ଷା ପାଇଁ ଗଠିତ ନାଗେଶ୍ୱରୀ ସୁରକ୍ଷା ସମିତିର ସଦସ୍ୟମନେ ଖୁସିବ୍ୟକ୍ତ କରିଛନ୍ତି। ମଙ୍ଗଳବାର ନନ୍ଦପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ପଟାଙ୍ଗି ନିର୍ବାଚନମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଧାୟକ ପାଢ଼ୀ ଏହା କହିଛନ୍ତି। ୫-ଟି ଅଧ୍ୟକ୍ଷଙ୍କ ଜୟପୁର ଗସ୍ତ ସମୟରେ ବାଲଡା ପାହାଡକୁ ଖଣି ଖାଦନ ମାନ୍ୟତା ଦେଇ ନିଲାମି ପରେ ପାରିପାର୍ଶ୍ୱିକ ୫ ପଞ୍ଚାୟତବାସୀଙ୍କ ବିରୋଧଭାସ ଦେଖିବାକୁ ମିଳିଥିଲା। କିଛି ଖଳ ପ୍ରକୃତିର ଲୋକ ଖଣି ନାମରେ ଅପପ୍ରଚାର କରି ଚାନ୍ଦା ଆଦାୟ ଉଦ୍ଦେଶ୍ୟରେ ଏପରି କାର୍ଯ୍ୟ କରୁଛନ୍ତି। ତେଣୁ ପଞ୍ଚାୟତବାସୀ ସେମାନଙ୍କ କଥାରେ ନ ପଡ଼ି ଆପଣଙ୍କ ବିଧାୟକ ଓ ବିଜୁଜନତା ଦଳ ଉପରେ ଆସ୍ଥା ରଖନ୍ତୁ ବୋଲି ବିଧାୟକ କହିଛନ୍ତି। ବୈଠକ ସ୍ଥଳରେ ନାଗେଶ୍ୱରୀ ସୁରକ୍ଷା ସମିତିର ଉପସଭାପତି କାର୍ତ୍ତିକ ଖେମୁଣ୍ଡୁ କୋଷାଧ୍ୟକ୍ଷ ଲବ ଖିଲ, ସଭ୍ୟ ମଧୁସୂଦନ ବଡନାୟକ, ସହଦେବ ଖିଲ, ଲକ୍ଷ୍ମୀଧର ବାଡାମ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, କୁଲାବିର ସରପଞ୍ଚ ସଇତା ସମେଲି, ଚଣ୍ଡାଳ କୁରେସି, ବାଡେଲ ପଞ୍ଚାୟତର କେନ୍ଦୁ ଚାଲାଣ, ଭେଜା ପଞ୍ଚାୟତର ରାମେଶ୍ୱର ଦୋରା ବଳଭଦ୍ର ଶିସା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର, ରିସର୍ଚ୍ଚ ସ୍କଲାର ପୁରସ୍କୃତ

## ଚତୁର୍ଦ୍ଦଶ ଓଡ଼ିଶା ପରିବେଶ କଂଗ୍ରେସ

କୋରାପୁଟ,୨୬।୧୨(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ସହକାରୀ ପ୍ରଫେସର ଡ. ଦେବବ୍ରତ ପଣ୍ଡାଙ୍କୁ ଓଡ଼ିଶା ପରିବେଶ କଂଗ୍ରେସ (ଓଇସି) ପକ୍ଷରୁ ୧୪ତମ ବାର୍ଷିକ ସମ୍ମିଳନୀରେ ସମ୍ମାନଜନକ ଆବାସରା ବେଉରିଆ ସ୍ମାରକୀ ପ୍ରକୃତି ସଂରକ୍ଷଣ ପୁରସ୍କାର-୨୦୨୩ ପ୍ରଦାନ କରାଯାଇଛି। ସେହିପରି ଗବେଷିକା ପ୍ରିୟାଞ୍ଜଳି ରାୟଙ୍କୁ ପଦ୍ମଶ୍ରୀ ଡ. ଅଜୟ ପରିଡ଼ା ଯୁବବୈଜ୍ଞାନିକ ପୁରସ୍କାର ପ୍ରଦାନ କରାଯାଇଛି। ୧୪ତମ ଓଡ଼ିଶା ପରିବେଶ କଂଗ୍ରେସ ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଏନ୍‌ଏଚ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଓଇସିର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ଅରବିନ୍ଦ ବେହେରା, ଓଇଏସ୍ ସଭାପତି ପ୍ରଫେସର ଏସ୍‌ଏନ ପାତ୍ର, ସିୱାଇଏସଡି ସଦସ୍ୟ ସଚିବ ଜଗଦାନନ୍ଦ ଓ ଓବିଏସ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଡ. ଦେବବ୍ରତ ପଣ୍ଡା କୋରାପୁଟର ପାରମ୍ପରିକ ଚାଉଳ, ବାଜରା, ନାଇଜର ଓ ଜଙ୍ଗଲୀ ଉଦ୍ଭିଦଗୁଡ଼ିକର ଚରିତ୍ରକରଣରେ ନିୟୋଜିତ ଅଛନ୍ତି। କୋରାପୁଟର ବିଭିନ୍ନ ଆଦିବାସୀ ଅଞ୍ଚଳରୁ ଦେଶୀ ଚାଉଳ, ୩୦ଟି ସ୍ଥାନୀୟ ଫିଙ୍ଗର ମିଲେଟ୍, ନାଇଜରର ୩୦ଟି ସ୍ଥାନୀୟ ଓ ୮ଟି ବିଭିନ୍ନ ଜଙ୍ଗଲୀ ଖାଦ୍ୟ ଆଦି ୧୩୦ରୁ ଅଧିକ ଜେନେଟିକ୍ ସମ୍ବଳ ସଂଗ୍ରହକରି ଆଦିବାସୀଙ୍କ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରି ଏହାର ସଂରକ୍ଷଣ ଓ ବାଣିଜିକୀକରଣ ପାଇଁ ପଦକ୍ଷେପ ନେଇଛନ୍ତି। ସେହିପରି ପ୍ରିୟାଞ୍ଜଳି ସନ୍ଦର୍ଭ ଉପସ୍ଥାପନ କରିଥିଲେ। ସେ ଡିନ୍ ପ୍ରଫେସର ଶରତ ପଲିତାଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ପୁରସ୍କାର ପାଇଁ ଡ. ପଣ୍ଡା ଓ ଗବେଷିକା ପ୍ରିୟାଞ୍ଜଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ଅତିଥିମାନେ ସହକାରୀ ପ୍ରଫେସର ଡ. ଦେବବ୍ରତ ପଣ୍ଡାଙ୍କୁ ସମ୍ମାନିତ କରୁଛନ୍ତି।

# ଦେଶୀ ମଦ ଚାଲାଣ ବେଳେ ୨ ଗିରଫ



ଜୟପୁର, ୨୬।୧୨(ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ମଙ୍ଗଳବାର ଚଢ଼ାଉ କରି ଏହାକୁ ଧରିଛନ୍ତି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ସେମାନେ ହେଲେ ମେଦ୍ରିସାହିର ମୁକ୍ତା ମୁଦୁଲି ଓ ନୀଳାଗୁଡାର ଛବି ହରିଜନ । ଉଭୟେ ଚୋରାରେ ମଦ ଚାଲାଣ କରୁଥିବା ସୂଚନା ପାଇ ଜୟପୁର ସହରର ମେଦ୍ରି ସାହି ରାସ୍ତାରେ ଚଢାଉ କରି ମୁକ୍ତାଙ୍କୁ ଧରିଥିଲେ। ତାଙ୍କଠାରୁ ୮ ଲିଟର ମଦ ଜବତ କରିଛି। ସେହିପରି ନୀଳାଗୁଡାରୁ ଏକ ବାଇକ୍‌ରେ ମଦ ଧରି ସହରକୁ ଆସୁଥିବା ସୂଚନା ପାଇ କର୍ମଚାରୀମାନେ ଦୈନିକ ବଜାର ନିକଟରେ ଜଗି ରହି ଛବିଙ୍କୁ ଧରିଥିଲେ। ତାଙ୍କଠାରୁ ୯ ଲିଟର ଦେଶୀ ମଦ ଓ ବାଇକ ଜବତ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

# ୯ ଦିନ ପୂଜା ପରେ ବିସର୍ଜନ ହେଲେ ବାଲି ଠାକୁରାଣୀ

## ବାଲିଯାତ୍ରା ଉଦ୍‌ଯାପିତ

ପଟ୍ଟାଙ୍ଗି,୨୬।୧୨(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମା ସ୍ଥିତ ବଡଗାଁ ଗ୍ରାମରେ ଭାଇଚାରା ଓ ଭଲ ଫସଲ ଅମଳ ବିଶ୍ୱାସ ନେଇ ଚାଲିଥିବା ବାଲିଯାତ୍ରା ଶେଷ ହୋଇଛି। ୯ଦିନ ପୂଜା ପରେ ବାଲି ଠାକୁରାଣୀ ସ୍ୱାସ୍ଥ୍ୟ କେନ୍ଦ୍ର ପଛପଟେ ଥିବା ବାଲାଘାଟରେ ବିସର୍ଜନ ହୋଇଛନ୍ତି। ଏଥିପାଇଁ ୧୦ଟି ଗ୍ରାମର ଗ୍ରାମବାସୀ ଏକାଠି ହୋଇ ଠାକୁରାଣୀଙ୍କୁ ଏକ ପଟୁଆରରେ ନେଇଥିଲେ। ୧୮ ତାରିଖରେ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ବାଲି ପୂଜାରୀଙ୍କ ଘରେ ଅସ୍ଥାୟୀ ମଣ୍ଡପରେ ରହି ମା' ପୂଜା ପାଉଥିଲେ। ଏହି ଅବସରରେ ଗ୍ରାମ ମୁଖିଆ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ୯ଦିନ ଧରି ବିଭିନ୍ନ ଫସଲର ପୂଜାପାଉଥିବା ବିହନକୁ ଉପସ୍ଥିତ ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟା ଯାଇଥିଲା। ଠାକୁରାଣୀଙ୍କ ବିସର୍ଜନ ସମୟରେ ଯାତ୍ରା କମିଟି ସଭାପତି ରବି ଖରା, ସମ୍ପାଦକ ସୁରେଶ ଖରା, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ସରପଞ୍ଚ ଆଲମେ ଫୁଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଗତ ଜ୍ୟୋତି ପାଙ୍ଗି, ସମାଜିକ କର୍ମୀ ଖିଲ କାର୍ତ୍ତିକ, ବ୍ଲକ କଂଗ୍ରେସ କମିଟି ସଭାପତି ଅର୍ଜୁନ ବାଙ୍କା, ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ପୂର୍ବତନ ସରପଞ୍ଚ ଭଗବାନ ଖରା, କୃଷ୍ଣଚନ୍ଦ୍ର ଜାନି, ମାଧବ ପୂଜାରୀ, ମଦନ ବାଡାମ ପ୍ରମୁଖ ଉପସ୍ଥିତ ଥିଲେ।




ବାଲିଯାତ୍ରା ବିସର୍ଜନରେ ସାମିଲ ହୋଇଥିବା ଜନସାଧାରଣ।

# ଜଳ ଅମଳ ପ୍ରକଳ୍ପ ଭାଙ୍ଗି ଡ୍ରେନ ନିର୍ମାଣ

## କୋରାପୁଟ ମ୍ୟୁନିସିପାଲିଟି କରିଥିବା ପ୍ରକଳ୍ପ

କୋରାପୁଟ, ୨୬।୧୨(ଅମିତାଭ ବେହେରା)

କୋରାପୁଟ ମ୍ୟୁନିସିପାଲିଟି ଦ୍ୱାରା ନିର୍ମାଣାଧୀନ ଜଳ ଅମଳ ପ୍ରକଳ୍ପକୁ ଭାଙ୍ଗି ଡ୍ରେନ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟ କିଏ କରୁଛି ସେନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଗତ ୨୦୨୧ କୋରାପୁଟ ଜିଲା ଭେଟେନାରି ଅଧିକାରୀଙ୍କ କାର୍ଯ୍ୟାଳୟ ପାଚେରି ନିକଟରେ ମ୍ୟୁନିସିପାଲିଟି ଦ୍ୱାରା ଜଳଅମଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିପାଇଁ ମୁକ୍ତା ଯୋଜନାରେ ୨୦୨୧ ୧ ଲକ୍ଷ ୯୬ ହଜାର ଟଙ୍କା ବ୍ୟୟ ହୋଇଥିଲା। ସେହି ଜଳ ଅମଳ ପ୍ରକଳ୍ପ ସ୍ଥାନରେ ଥିବା ସମସ୍ତ ସାମଗ୍ରୀ ବାହାର କରି ସେହି ସ୍ଥାନରେ ଏବେ ଡ୍ରେନ ନିର୍ମାଣ କାର୍ଯ୍ୟ କରାଯାଉଛି। ଏହି ଖବର ମିଳିବା ପରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ କାଉନସିଲରମାନେ ଘଟଣାସ୍ଥଳକୁ ଯାଇ ତଦାରଖ ବେଳେ ଜଳ ଅମଳ ପ୍ରକଳ୍ପ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଏହି କାର୍ଯ୍ୟ କିଏ କରୁଛି ସେ ଜାଣି ନ ଥିବା ସେଠୀ କହିଛନ୍ତି। ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏହି କାର୍ଯ୍ୟ କରାଯାଉଥିବା କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ପ୍ରକାଶ କରିବା ପରେ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ସୌମର୍ଜିନି ସେଠୀଙ୍କ ସହ ଫୋନ ଯୋଗେ ପୌରାଅଧ୍ୟକ୍ଷ ସେଠୀ କଥାବାର୍ତ୍ତା ହୋଇଥିଲେ। ଡ୍ରେନ କାର୍ଯ୍ୟ ତାଙ୍କ ବିଭାଗ ଦ୍ୱାରା କରାଯାଉ ନ ଥିବା ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଲକ୍ଷ୍ମୀପୁରଠାରେ ଥିବା ଜାତୀୟ ରାଜପଥ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ମୋବାଇଲ ଯୋଗେ ଯୋଗାଯୋଗ କରାଯାଇଥିଲା ମାତ୍ର ସେ ଫୋନ ଉଠାଇ ନ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ମ୍ୟୁନିସିପାଲିଟି ଅଗୋଚରରେ ଲକ୍ଷାଧିକ ଟଙ୍କାର ନିର୍ମାଣାଧୀନ ପ୍ରକଳ୍ପକୁ ଭାଙ୍ଗିବାକୁ କିଏ ନିର୍ଦ୍ଦେଶ ଦେଲା ସେନେଇ ସାଧାରଣରେ ଆଲୋଚନା ହେଉଛି। ଏଥିଲାଗି କିଏ ଦାୟୀ ତାଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



ପ୍ରକଳ୍ପକୁ ଭାଙ୍ଗି ଆରମ୍ଭ ହୋଇଥିବା ଡ୍ରେନ କାର୍ଯ୍ୟ।

# ଜଗନ୍ନାଥ ସଂସ୍କୃତି ସୁରକ୍ଷା ନେଇ ଗଣବିକ୍ଷୋଭ

**ରାୟଗଡ଼ା,୨୬।୧୨(ଭାଗ୍ୟଶ୍ରୀ ମିଶ୍ର):** ଶ୍ରୀଜଗନ୍ନାଥ ସଂସ୍କୃତିକୁ ନଷ୍ଟ କରିବାର ପ୍ରୟାସ କରୁଥିବା ହୀନ ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ମଙ୍ଗଳବାର ରାୟଗଡା ଜଗନ୍ନାଥ ମନ୍ଦିର ଆଗରେ ଗଣବିକ୍ଷୋଭ କରାଯାଇଥିଲା। ଶ୍ୟାମ କୁମାର ଦାଶ କହିଛନ୍ତି, ଶ୍ରୀଜଗନ୍ନାଥ ହେଉଛନ୍ତି ସମଗ୍ର ହିନ୍ଦୁମାନଙ୍କର ପରମ ଆରାଧ୍ୟ, ଶ୍ରୀମନ୍ଦିର ହେଉଛି ଆସ୍ଥା, ବିଶ୍ୱାସ ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଭାରତୀୟ ମଜଦୁର ସଂଘ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ କହିଛନ୍ତି, ନିକଟ ଅତୀତରେ ଜଣେ ବ୍ଲଗରଙ୍କ ଦ୍ୱାରା ଶ୍ରୀମନ୍ଦିର ତଥା ମହାପ୍ରସାଦର ପ୍ରଚାର କରାଯାଇଥିଲା। କିନ୍ତୁ ସେ ଗୋମାଂସ ଭକ୍ଷଣ କରୁଥିବା ଭିଡିଓ ଭାଇରାଏ ହୋଇଥିଲା। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ କୁଠାରାଘାତ । ସମସ୍ତ ଜଗନ୍ନାଥ ପ୍ରେମୀ କହିଛନ୍ତି,ଏହା ପଛରେ ଷଡ଼ଯନ୍ତ୍ର ଥିବା ଭଳି ସନ୍ଦେହ ହେଉଛି। ଏଭଳି ଅନ୍ତର୍ଘାତୀ, ସନାତନ ପରମ୍ପରା ତଥା ଶ୍ରୀଜଗନ୍ନାଥ ସଂସ୍କୃତି ବିରୋଧୀ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ସାମାଜିକ ବାସନ୍ଦ ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ରାଜ୍ୟ ସରକାର ଏଭଳି ହିନ୍ଦୁ ବିରୋଧୀ ମାନସିକତାରୁ ନିବୃତ୍ତ ରୁହନ୍ତୁ ବୋଲି ଗଣ ବିକ୍ଷୋଭରେ ଦାବି କରାଯିବା ସଙ୍ଗେ ସଙ୍ଗେ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଶ୍ରୀମନ୍ଦିର ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ଶ୍ୟାମ କୁମାର ଦାଶ, ଯୋଗେଶ୍ୱର ଦାସ,ବିଦ୍ୟାଭୂଷଣ ପଣ୍ଡା,ରାମଚନ୍ଦ୍ର ସାହୁ,ଦୀପକ ପୃଷ୍ଟି,ଶଙ୍କର ପ୍ରଧାନ, ପ୍ରଭାତ ମହାପାତ୍ର,ବସନ୍ତ ଉଲ୍ଲାକା, ଏମ୍. ବିଦ୍ୟାସାଗର,ଗଣେଶ ସାହୁ, ଝରଣା ମହାନ୍ତି,ଟି. ନାଗରାଜୁ, ଅଜୟ ବୁଲେଟ, ନିରଜ ପାଢ଼ୀ ଓ ପି.କ୍ରିଷ୍ଣାଙ୍କ ସହ ଅନେକ ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ।

# ଗୁଣପୁରରେ ବୀର ବାଲ୍ ଦିବସ

ଗୁଣପୁର, ୨୬।୧୨ (ପ୍ରଦୀପ କୁମାର ପାଢ଼ୀ)

ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସୋସାଇଟିଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡା ଜିଲା ଗୁଣପୁର ସେବା ସାମାଜର ଶିଶୁ ଯତ୍ନ ଅନୁଷ୍ଠାନରେ ମଙ୍ଗଳବାର ବୀରବାଲ ଦିବସ ପାଳନ କରାଯାଇଛି। ଅନୁଷ୍ଠାନ ସଭାପତି ମାୟା ଶବରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗୁଣପୁର ଅଞ୍ଚଳର ବରିଷ୍ଠ ଖବରଦାତା ଲୋକନାଥ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଗୁଣପୁର ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଡ. ଜବାହରଲାଲ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମସ୍ତ ଅନ୍ତେବାସୀ ଏହି ସଭାରେ ଯୋଗଦେଇଥିଲେ। ସମ୍ପାଦିକା ରାଜେଶ୍ୱରୀ ଦଳେଇ ସଭାର ଉଦ୍ଦେଶ୍ୟ ପ୍ରକାଶ କରିବା ସହ ଇନ୍ଦ୍ରାକ୍ଷୀ ପ୍ରସାଦ ଦାଶ ସଭା ପରିଚାଳନା କରିଥିଲେ। ଅନ୍ତେବାସୀଙ୍କ ମଧ୍ୟରେ ବୀର ବାଲ୍ ଦିବସ ଉପରେ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଛି। ଏହାପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସେବା ସମାଜ ଅନ୍ତେବାସୀ।

# ଖାଉଟି ଅଧିକାର ଆଲୋଚନାଚକ୍ର




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ମାଲକାନଗିରି, ୨୬।୧୨(ଦୁର୍ଯ୍ୟୋଧନ ପାତ୍ର):** ଖାଉଟି ଅଧିକାର ସମ୍ପର୍କରେ ସଚେତନତା ନିମନ୍ତେ ମଙ୍ଗଳବାର ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ସଭାଗୃହରେ ଏକ ଆଲୋଚନାଚକ୍ର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ଯୋଗଦେଇ କହିଥିଲେ, ଗ୍ରାହକମାନଙ୍କୁ ସୁରକ୍ଷା ପ୍ରଦାନ, ଦ୍ରବ୍ୟ ଓ ସେବା ବିଷୟରେ ଜ୍ଞାନ ଦେବା ସମସ୍ତଙ୍କ ଦାୟିତ୍ୱ। ପ୍ରତି ଗ୍ରାହକଙ୍କ ଅଧିକାର ରହିଛି, ତେଣୁ ଏହା ଯେପରି କ୍ଷୁଣ୍ଣ ନ ହୁଏ ତାହାକୁ ନେଇ ସେ ବିଭିନ୍ନ ବିଷୟ ଉପରେ ମତ ରଖିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଆଇନ ସେବା ପ୍ରାଧିକରଣ ଓକିଲ ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ଜାତୀୟ ଉପଭୋକ୍ତା ଅଧିକାର ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ, ବଜାର ନିରୀକ୍ଷକ ସଞ୍ଜୟ କୁମାର ସାହୁ ଓ ରାକେଶ କୁମାର ସାହୁ ଉପଭୋକ୍ତା ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ, ଯୋଗାଣ ଅଧିକାରୀ, ବାଣିଜ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ଏକ ସେମିନାର ଆୟୋଜନ କରାଯାଇଥିଲା , ଯାହାର ବିଷୟବସ୍ତୁ ଖାଉଟି ସୁରକ୍ଷା ଏବଂ ଇ-କମର୍ସ, ଡିଜିଟାଲ ବାଣିଜ୍ୟ ଯୁଗରେ ଖାଉଟି ଅଧିକାରର ସୁରକ୍ଷା ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଏକ ଶହରୁ ଊର୍ଦ୍ଧ୍ୱ ସମ୍ମାନ ଛାତ୍ରୀଛାତ୍ର ଉପସ୍ଥିତ ରହି ସେମିନାରରେ ଭାଗନେବା ସହ ଜଣାଅଜଣା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।


## झारखण्ड राज्य ग्रामीण पथ विकास प्राधिकरण (JSRRDA)

एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड

**ई–निविदा आमंत्रण सूचना**

ई–निविदा संख्या:- **200 /2023-24** दिनांक :- 23.12.2023

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या / पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-GUM-03 / 2023-24 | रायडीह | 1 | कांसीर रोड से लुरूकोना तक पथ का सुदृढ़ीकरण कार्य। (लं०–2.720 कि०मी०) | 1255.625 | बारह करोड़ पचपन लाख बासठ हजार पाँच सौ रू० मात्र | 09 महीना |
| | | रायडीह | 2 | मोकरा से करमटोली तक पथ का सुदृढ़ीकरण कार्य। (लं०–4.000 कि०मी०) | | | |
| | | रायडीह | 3 | कोन्ड्रा से तारालाया (पार्ट–ए) तक पथ का सुदृढ़ीकरण कार्य। (लं०–2.450 कि०मी०) | | | |
| | | रायडीह | 4 | सिलम लोधाम से कोठाटोली तक पथ का सुदृढ़ीकरण कार्य। (लं०–2.650 कि०मी०) | | | |
| | | रायडीह | 5 | कोन्ड्रा से तारालाया (पार्ट–बी) तक पथ का सुदृढ़ीकरण कार्य।(लं०–2.450 कि०मी०) | | | |
| | | रायडीह | 6 | कुलमुण्डा – बेहराटोली से पीबो तक पथ का सुदृढ़ीकरण कार्य।(लं०–3.000 कि०मी०) | | | |
| | | रायडीह | 7 | T01 से लसरा तक पथ का सुदृढ़ीकरण कार्य। (लं०–4.100 कि०मी०) | | | |
| | | रायडीह | 8 | एन०एच०–78 से जैनाटोली तक पथ का सुदृढ़ीकरण कार्य। (लं०–2.600 कि०मी०) | | | |
| 2 | JH-M-GUM-04 / 2023-24 | पालकोट | 1 | सेमरा से खरवाडीह तक पथ का सुदृढ़ीकरण कार्य। (लं०–5.000 कि०मी०) | 1393.709 | तेरह करोड़ तिरान्वे लाख सत्तर हजार नौ सौ रू० मात्र | 09 महीना |
| | | पालकोट | 2 | तेतरटोली से योगीमठ तक पथ का सुदृढ़ीकरण कार्य। (लं०–5.500 कि०मी०) | | | |
| | | पालकोट | 3 | देवगांव से रेवरा तक पथ का सुदृढ़ीकरण कार्य। (लं०–4.800 कि०मी०) | | | |
| | | पालकोट | 4 | खरवाडीह से गोईनधरा तक पथ का सुदृढ़ीकरण कार्य। (लं०–2.800 कि०मी०) | | | |
| | | पालकोट | 5 | रोकेडेगा से भवराटोली (पार्ट– बी०) तक पथ का सुदृढ़ीकरण कार्य। (लं०–12.200 कि०मी०) | | | |

2. वेबसाईट मे निविदा प्रकाशन की तिथि:–29.12.2023
3. ई–निविदा प्राप्ति की अंतिम तिथि एवं समय:– 16.01.2024 अपराह्न 5.00 बजे तक।
4. निविदा खोलने की तिथि एवं समय:–17.01.2024 .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..........................

विस्तृत जानकारी के लिए वेबसाईट **jharkhandtenders.gov.in** मे देखा जा सकता है।

मुख्य अभियंता
जे०एस०आर०आर०डी०ए०, राँची।

PR 314381 Rural Work Department(23-24)D



केनरा बैंक Canara Bank
सिंडिकेट Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିକୁ ବନ୍ଧକ ରଖାଯାଇଛି, ଯାହାକୁ କି କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ଭୌତିକ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତାଙ୍କ ଠାରୁ **କାନାରା ବ୍ୟାଙ୍କର, ଶିଖରପୁର ଶାଖାର** ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୧୬.୦୧.୨୦୨୪ରିଖ ପୂର୍ବାହ୍ନ ୧୦.୩୦ଘ. ରୁ ପୂର୍ବାହ୍ନ ୧୧.୩୦ଘ.** ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେପ୍ରଦତ୍ତ। ଅମାନତ ରାଶି **ତା.୧୨.୦୧.୨୦୨୪ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା** ଦାଖଲ କରାଯିବା ଆବଶ୍ୟକ।

| ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| **ଶିଖରପୁର ଶାଖା, ଫୋନ୍: ୯୦୪୦୨୧୪୮୪୫ /** **ଋଣଗ୍ରହୀତା: ମେସର୍ସ ଉମା ଜୁଏଲାରୀ ଆଣ୍ଡ୍ ୱାର୍କସପ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନୀଳମାଧବ ଆଚାରୀ,** ପିତା: ସୀମାଦ୍ରୀ ରଘୁନାଥ ଆଚାରୀ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ବେବି ଆଚାରୀ,** ସ୍ୱାମୀ: ଶ୍ରୀ ନୀଳମାଧବ ଆଚାରୀ, **୨) ଶ୍ରୀ ସୀମାଦ୍ରୀ ରଘୁନାଥ ଆଚାରୀ,** ପିତା: ୰ ସୀମାଦ୍ରୀ ତୁମ୍ୱେଶ୍ୱର ଆଚାରୀ, ସମସ୍ତଙ୍କ ଠିକଣା- ସା: ଭିକାରିପଡା, ପୋ/ଥାନା: ଶରଣକୁଳ, ଜିଲ୍ଲା: ନୟାଗଡ଼, ଓଡ଼ିଶା-୭୫୨୦୮୦ | **ଶ୍ରୀ ସୀମାଦ୍ରୀ ରଘୁନାଥ ଆଚାରୀ,** ପିତା: ୰ ସୀମାଦ୍ରୀ ତୁମ୍ୱେଶ୍ୱର ଆଚାରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୪/୪୪, ପ୍ଲଟ୍ ନଂ.: ୩୫୯, କ୍ଷେତ୍ର: ଏକର୦.୦୫ ଡ଼ିସିମିଲି, ମୌଜା: ଭିକାରିପଡ଼ା, ତହସିଲ: ଓଡଗାଁ, ଜିଲ୍ଲା: ନୟାଗଡ, ରାଜ୍ୟ: ଓଡ଼ିଶା, ପିନ୍-୭୫୨୦୮୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ଅଗାଧୁ ଖଡେଇଙ୍ଗାଙ୍କ ପ୍ଲଟ୍, ପଶ୍ଚିମ: ତ୍ରିଲୋଚନ ମିଶ୍ରଙ୍କ ପ୍ଲଟ୍ | **୨୫.୧୨.୨୦୨୩ ସୁଦ୍ଧା ଟ.୩୭,୦୫,୨୮୭.୧୬** ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୪୮,୧୨,୦୦୦/- / ଟ.୪,୮୧,୨୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କର ୱେବ୍‌ସାଇଟ୍ **(www.canarabank.com)** ରେ ପ୍ରଦତ୍ତ ଲିଙ୍କ୍ **"https://canarabank.com/pages/orissa"** କିମ୍ବା ସମ୍ପୃକ୍ତ ଶାଖା ଭାରପ୍ରାପ୍ତ ଅଧିକାରୀଙ୍କୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ ।

**ସ୍ଥାନ: ଭୁବନେଶ୍ୱର, ତାରିଖ : ୨୬.୧୨.୨୦୨୩** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**



**ୟୁକୋ ବ୍ୟାଙ୍କ**

**ଆଞ୍ଚଳିକ କାର୍ଯ୍ୟାଳୟ:** ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର, ପିନ୍-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**

**(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮)**

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩( ୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ସହ-ଋଣଗ୍ରହୀତା ଓ ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଓ ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| କଟକ କଲେକ୍ଟୋରେଟ୍ ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ପ୍ରଦିପ୍ତ କୁମାର ଜେନା,** ପିତା: ଯୋଗେଶ୍ୱର ଜେନା / **ସହ-ଋଣଗ୍ରହୀତା: ଶ୍ରୀମତୀ ସଞ୍ଜୁକ୍ତା ଜେନା,** ସ୍ୱାମୀ: ଶ୍ରୀ ପ୍ରଦିପ୍ତ କୁମାର ଜେନା, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୫୯୫ ଏବଂ ୫୯୭, ସା: ତଳସାହି, ଶିଖରପୁର, ପୋ/ଥାନା: ଚାଉଳିଆଗଞ୍ଜ, ଗୋପିନାଥ ମନ୍ଦିର ନିକଟ, କଟକ-୭୫୩୦୦୩ | ୩୧.୦୮.୨୦୨୩ ସୁଦ୍ଧା ଟ.୪୧,୭୪,୫୦୬.୮୬ + ୩୧.୦୮.୨୦୨୩ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୨୮.୦୯.୨୦୨୩ / ୨୨.୧୨.୨୦୨୩ | **ଶ୍ରୀ ପ୍ରଦିପ୍ତ କୁମାର ଜେନାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୬, ଶିଖରପୁର, ଥାନା: ଚାଉଳିଆଗଞ୍ଜ, ନଂ.-୦୨, ତହସିଲ, କଟକ, ନଂ.-୨୩୯, ଜିଲ୍ଲା: କଟକ, ଖାତା ନଂ.: ୭୩୨/୧୦, ପ୍ଲଟ୍ ନଂ.: ୫୯୫, ପରିମିତ କ୍ଷେତ୍ର: ଏକର୦.୦୦୬୦ଡିସିମିଲି ଏବଂ ପ୍ଲଟ୍ ନଂ.: ୫୯୭, ପରିମିତ କ୍ଷେତ୍ର: ଏକର୦.୦୦୮୦ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୧୪୦ଡିସିମିଲି, ଉଭୟ ପ୍ଲଟ୍‌ର କିସମ: ଘରବାରି-ଦୁଇ, ଟାଇଟେଲ୍ |
| ଡିଡ୍ ନଂ.: ୧୦୩୯୧୫୦୧୭୧୨, ତା.୧୭.୦୪.୨୦୧୫ରିଖ। ବିକ୍ରୟ ଦଲିଲ ଅନୁଯାୟୀ **ପ୍ଲଟ୍ ନଂ. ୫୯୫**ର ଚାରିପାର୍ଶ୍ୱରେ- ଉତ୍ତର: ବିକ୍ରେତା, ପଶ୍ଚିମ: ଗଳି ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ଗୋପିନାଥ ମନ୍ଦିର-ପ୍ଲଟ୍ ନଂ. ୫୯୨ ଏବଂ ବିକ୍ରୟ ଦଲିଲ ଅନୁଯାୟୀ **ପ୍ଲଟ୍ ନଂ. ୫୯୭**ର ଚାରିପାର୍ଶ୍ୱରେ- ଉତ୍ତର: ଷ୍ଟ୍ରିଟ୍ ରୋଡ୍, ଦକ୍ଷିଣ: ମ୍ୟୁନିସିପାଲିଟି ରାସ୍ତା, ପୂର୍ବ: ଷ୍ଟ୍ରିଟ୍ ରୋଡ୍, ପଶ୍ଚିମ: ରାମଚନ୍ଦ୍ର ମହାରଣା | | | |
| **ଋଣଗ୍ରହୀତା: ଶୈଳ ଟ୍ରେଡ଼ର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସ୍ୱାଧିନ ବାରିକ,** ପିତା: ଅଲେଖ ଚନ୍ଦ୍ର ବାରିକ, ସା: ୬୧, ସି-୧୧, କନିକା ଛକ, କେନ୍ଦୁଝର କଲୋନୀ, ତୁଳସୀପୁର, କଟକ-୭୫୩୦୦୮ / **ଜାମିନ୍‌ଦାର: ଶ୍ରୀମତୀ ନୂତନ ପ୍ରିୟଦର୍ଶିନୀ ବାରିକ,** ସ୍ୱାମୀ: ଅବନିକାନ୍ତ ନାୟକ, ସା/ପୋ: ବଡ଼ସଡ଼ା, ଥାନା: ଖମାର, ଅନୁଗୁଳ-୭୫୯୧୧୮ | ୨୯.୧୨.୨୦୨୨ ସୁଦ୍ଧା ଟ.୧୩,୫୦,୧୪୩.୦୦ + ୨୯.୧୨.୨୦୨୨ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୮.୦୫.୨୦୨୩ / ୨୨.୧୨.୨୦୨୩ | ଶ୍ରୀମତୀ ନୂତନ ପ୍ରିୟଦର୍ଶିନୀ ବାରିକ (ଜାମିନ୍‌ଦାର)ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୦୦/୩୦୧୬, ଖାତା ନଂ.: ୨୪୭/୭୩୬, ପରିମିତ କ୍ଷେତ୍ର: ଏକର୦.୦୩୮ଡିସିମିଲି, କିସମ: ଘରବାରି, ମୌଜା: ଉତ୍ତମାପୁର, ଥାନା ନଂ.-୩୭, ଜିଲ୍ଲା: କଟକ, ଦଲିଲ ନଂ. ୧୦୩୯୧୪୦୪୦୪୦, ତା.୧୪.୦୮.୨୦୧୪ରିଖ। ପ୍ଲଟ୍‌ର ଚାରିପାର୍ଶ୍ୱରେ- ଉତ୍ତର: ବ୍ୟକ୍ତିଗତ ବିଲ୍ଡିଂ (ପ୍ଲଟ୍ ନଂ. ୧୧୦୧), ପଶ୍ଚିମ: ରାସ୍ତା, ଦକ୍ଷିଣ: ଗୁରୁଚରଣ ସ୍ୱାଇଁ, ପୂର୍ବ: ଗୁରୁଚରଣ ସ୍ୱାଇଁ |

**ତାରିଖ: ୨୬.୧୨.୨୦୨୩, ସ୍ଥାନ: ଭୁବନେଶ୍ୱର** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**



n-245

**GOVT. OF ODISHA**
**DIRECTORATE OF HIGHER SECONDARY EDUCATION**
**SCHOOL & MASS EDUCATION DEPARTMENT**

**NOTICE**

Govt. Letter No. 28439/SME, Dt. 11.12.2023

The counseling of 482 candidates recommended by the State Selection Board, Odisha pursuant to advertisement No.1 of 2023 for the post of Post Graduate Teacher in 18 subjects is scheduled to be held on 28.12.2023 from 09.00 AM onwards at Buxi Jagabandhu Bidyadhar Higher Secondary School, Bhubaneswar as per the schedule given below for choice locking/allotment of Higher Secondary Schools in their favour. The place of posting shall be decided during the counseling programme in pursuance of GA & PG Department Resolution No.14327/Gen. Dated 04.07.2017. The candidate(s) who remain absent during the counseling programme, shall be allotted Higher Secondary Schools from remaining school(s) after all choices have been exhausted. The district and subject wise vacancy position shall be made available from 26.12.2023 in SAMS portal (https://samsodisha.gov.in/newHSS/JuniorNoticeDtl.aspx)

| Entry : Gate 02 Venue : Hall No. 106 | | Entry : Gate 01 Venue : Hall No. 19 | |
|---|---|---|---|
| Name of the Subject | Time | Name of the Subject | Time |
| Botany, Commerce Education, Physics, Zoology | 09.00 AM | Hindi, Logic, Mathematics, Psychology, Sanskrit, Sociology | 09.00 AM |
| Chemistry, Economics, Home Science | 11.00 AM | Political Science | 11.00 AM |
| English, History | 02.00 PM | Odia | 02.00 PM |

Further, the induction programme of the 482 newly recruited Post Graduate Teachers for 226 numbers Non-Govt. Aided Higher Secondary Schools under School and Mass Education Department is scheduled to be held on **29.12.2023 at 02.00 PM** onwards in Odisha State Convention Centre, Lok Seva Bhawan Bhubaneswar. Only the newly recruited PGTs shall be allowed to enter into the Convention Centre.

**Hon'ble Chief Minister has given his kind consent to grace the occasion and will address the newly recruits.**

For more information please contact: **0674-2500800/2390939**

Sd/-
Director

OIPR-11033/11/0020/2324

# ଆତଙ୍କ ରଚିଲା ଐତିହ୍ୟ ପ୍ରାଣୀ

କେତେବେଳେ ଜୀବିକା ଉଜୁଡୁଛି ତ ପୁଣି କେବେ ବଳି ପଡୁଛି ଜୀବନ। ଘର, ବିଲ, ବାଡ଼ି କେଉଁଠି ବି ମିଳୁନି ନିସ୍ତାର। ଢେଙ୍କାନାଳ ଓ ଅନୁଗୋଳ ଜିଲାର ବିଭିନ୍ନ ରେଞ୍ଜରେ ଏପରି ଆତଙ୍କ ରଚିଥିବା ଐତିହ୍ୟପ୍ରାଣୀ ହାତୀକୁ ନେଇ ବର୍ଷତମାମ ହତାଶ ହୋଇପଡ଼ିଥିଲେ ଅଞ୍ଚଳବାସୀ। ମାତ୍ର ବର୍ଷଟିଏ ମଧ୍ୟରେ ଏହି ୨ ଜିଲାରେ ୪୭ ଜଣଙ୍କ ପ୍ରାଣ ନେଇଛି ହାତୀ। କେବଳ ଅନୁଗୋଳ ଜିଲାର ବନ୍ତଲା ରେଞ୍ଜରେ ୧୫ ଜଣଙ୍କ ଜୀବନ ଯାଇଥିବା ବେଳେ ଅନୁଗୋଳ ରେଞ୍ଜରେ ୪ ଓ ତାଳଚେର ଏବଂ ସାତକୋଶିଆ ରେଞ୍ଜରେ ଜଣେ ଲେଖାଏ ଲୋକଙ୍କ ମୃତ୍ୟୁ ହୋଇଛି। ସେହିପରି ଜିଲାର ଅଢ଼େଇ ହଜାରରୁ ଅଧିକ ଲୋକଙ୍କୁ କ୍ଷୟକ୍ଷତିରେ ପକାଇଛି ହାତୀ। ଏମାନଙ୍କ ମଧ୍ୟରୁ ଅନେକଙ୍କ ଘର ଭାଙ୍ଗିଛି। ଜମିରେ ଫସଲ ଉଜାଡ଼ିଛି। କ୍ଷତିପୂରଣ ପାଇଁ ଆବେଦନ କରିଥିବା କ୍ଷତିଗ୍ରସ୍ତଙ୍କ ୨୧୪୨ ଦରଖାସ୍ତକୁ ମଞ୍ଜୁରି ମିଳିଥିବା ବେଳେ କ୍ଷତିପୂରଣ ଆକାରରେ ୯୩.୮୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇସାରିଛି। ଢେଙ୍କାନାଳ ଜିଲାରେ ଯାଇଛି ସବୁଠୁ ଅଧିକ ଲୋକଙ୍କ ଜୀବନ। ଜିଲାର ବିଭିନ୍ନ ରେଞ୍ଜ ଅଞ୍ଚଳରେ ଗୋଠଛଡ଼ା ଦନ୍ତା ୨୬ଜଣଙ୍କ ପ୍ରାଣ ହରଣ କରିଛି। ଫସଲ କ୍ଷୟକ୍ଷତିର ପରିମାଣ ମଧ୍ୟ କିଛି କମ୍ ନୁହେଁ। ଏସବୁ ଅଞ୍ଚଳରେ ହାତୀ ଆତଙ୍କ ରୋକାଯିବା ଅତି ଜରୁରୀ ହୋଇଥିଲେ ବି ବନ ବିଭାଗ ଏଥିରେ ସମ୍ପୂର୍ଣ୍ଣ ସଫଳତା ପାଇପାରୁ ନାହିଁ। ଏପରି କି ହାତୀର ଗତିବିଧି ଉପରେ ନଜର ରଖିବା ଓ ଲୋକଙ୍କୁ ଆଗୁଆ ସତର୍କ ସୂଚନା ଦେବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍, ଗଜସାଥୀ ବ୍ୟବସ୍ଥା କରାଯାଇଛି। ହେଲେ ଏସବୁ ଯୋଜନା କିପରି ଫେଲ ମାରୁଛି ତାହା ହାତୀ ଆକ୍ରମଣରେ ବଢୁଥିବା ମୃତ୍ୟୁ ସଂଖ୍ୟାରୁ ସ୍ପଷ୍ଟ ହେଉଛି।

ସମୟ ଏବେ ସ୍ମୃତିର। ଅତୀତ ହେବାକୁ ଘଟଣାସବୁ ମାଗିଲେଣି ଅନୁମତି। ପାସୋରିବା ପୂର୍ବରୁ ଆଉଥରେ ଲେଉଟାଇବା ସେହି ପୁରୁଣା ଫର୍ଦ୍ଦ। ବିଦାୟୀ ବର୍ଷରେ ଢେଙ୍କାନାଳ, ଅନୁଗୋଳ ଜିଲାର ଅନେକ ଖବର ଥିଲା ବହୁଚର୍ଚ୍ଚିତ। ସନ୍ଦେହରୁ ଶେଷ ହୋଇଥିଲା ଏକ ସମ୍ପର୍କ। ମଙ୍ଗଳ ପରିବର୍ତ୍ତେ ଅମଙ୍ଗଳ କରିଥିଲା ମଙ୍ଗଳାକୋଠି। ବିବାଦ ବଢ଼ାଇଥିଲା ପୂଜ୍ୟପୂଜାଙ୍କୁ ତ୍ରୁଟିପୂର୍ଣ୍ଣ ପରିଧାନ। ଏନ୍‌ଏଚ୍ ୫୫ ସମ୍ପ୍ରସାରଣରେ ବିଳମ୍ବ ନେଇ ମୁଣ୍ଡଟେକିଥିଲା ଜୋର୍‌ଦାର ଆନ୍ଦୋଳନ। ବର୍ଷକ ଯାକ ଆତଙ୍କ ରଚିଥିଲା ଐତିହ୍ୟପ୍ରାଣୀ ହାତୀ। ତଥାପି ଜମିପଟ୍ଟା ଦେବାରେ ଦେଶରେ ପ୍ରଥମ ହେବା ସହ ପୁରସ୍କୃତ ହୋଇଥିଲା ଢେଙ୍କାନାଳ ପ୍ରଶାସନ। ଆରବ ରାଷ୍ଟ୍ରରେ ପହଞ୍ଚିପାରିଥିଲା ସ୍ୱାଦିଷ୍ଟ ଆମ୍ରପଲ୍ଲି। ଜିଆଇ ଟ୍ୟାଗ୍‌ର ଶେଷ ସୋପାନ ଛୁଇଁପାରିଥିଲା ମଗଜି ଲଡ୍ଡୁ। ଗଡ଼ିଥିଲା ବନ୍ଦେ ଭାରତ ଏକ୍ସପ୍ରେସ୍। ପର୍ବତାରୋହଣରେ ବିଭାରାଣୀ ପାଟରା, କମନୱେଲଥ୍ ଭାରୋତ୍ତୋଳନରେ ହୃଦାନନ୍ଦ ଦାସ, ଚନ୍ଦ୍ରାୟନ-୩ରେ ବୈଜ୍ଞାନିକ ରଶ୍ମି ବେହେରା ସଫଳତାର ଶିଖର ସ୍ପର୍ଶ କରିଥିବା ବେଳେ ଢେଙ୍କାନାଳର ବିଶିଷ୍ଟ ଭାଷାବିତ୍, ସ୍ତମ୍ଭକାର ଓ ଗବେଷକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବା ଥିଲା ଗୌରବର ଗାଥା।

# ସନ୍ଦେହରୁ ଶେଷ ହୋଇଥିଲା ସମ୍ପର୍କ



ବୟସ ହୋଇଥିଲା ମାତ୍ର ୧୩। ଅଷ୍ଟମ ଶ୍ରେଣୀରେ ପଢୁଥିଲେ ନାବାଳିକା। ଏକମାସ ତଳେ ପୈତୃକ ଗାଁ ତାଳଚେର ବ୍ଲକ ଡଅଁରାରୁ ମା' ବାପାଙ୍କ ସହ ଚାଲି ଆସିଥିଲେ ଅନୁଗୋଳ ସଦର ଥାନା କୁଇଓସ୍ଥିତ ନୂଆ ଘରକୁ। ବର୍ଷେ ତଳୁ ଏନ୍‌ଟିପିସି ଥାନା ବଡ଼ଗୁଣ୍ଡୁରୀ ଗ୍ରାମର ରଞ୍ଜନ ବେହେରା (୨୫) ତାଙ୍କ ସହ ଚିହ୍ନ ପରିଚୟ ହୋଇଥିଲେ। ଜଣେ ରାଜନେତାଙ୍କ ଗାଡ଼ି ଚଳାଉଥିବା ରଞ୍ଜନ ନିୟମିତ ଫୋନରେ ନାବାଳିକାଙ୍କ ସହ କଥା ହେଉଥିଲେ। ମେସେଜ ଦେଉଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ନାବାଳିକାଙ୍କ ସହ ଆଉ ଯୋଗାଯୋଗ କରିପାରି ନ ଥିଲେ। ଫୋନ କିମ୍ବା ମେସେଜରେ କଥାବର୍ତ୍ତା ହୋଇ ନ ପାରିବାରୁ ସନ୍ଦେହରେ ପଡ଼ିଥିବା ରଞ୍ଜନ ଶେଷରେ ରକ୍ତମୁଖା ହୋଇ ନାବାଳିକାଙ୍କ ତଣ୍ଟି କାଟି ସବୁ ସମ୍ପର୍କ ଶେଷ କରିଦେଇଥିଲେ। ମେ ୮ ପୂର୍ବାହ୍ନ ୮ଟା ୩୦ରେ ଏହି ହତ୍ୟାକାଣ୍ଡ କେବଳ ଅନୁଗୋଳ ନୁହେଁ, ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଘଟଣାର ୧୮ ଦିନ ପରେ ପୋଲିସ ଝାରସୁଗୁଡ଼ାରୁ ଅଭିଯୁକ୍ତ ରଞ୍ଜନଙ୍କୁ ଧରିବା ପୂର୍ବରୁ ନିଜେ ରଞ୍ଜନ ସାମାଜିକ ଗଣମାଧ୍ୟମରେ ହତ୍ୟାକାଣ୍ଡର ରହସ୍ୟ ଉପରୁ ପରଦା ହଟାଇଦେଇଥିଲେ।



# ଖୋଲିଲା ମେଡିକାଲ, ଗଡ଼ିଲା ବନ୍ଦେ ଭାରତ

ସେପ୍ଟେମ୍ବର ୨୪ ଥିଲା ଢେଙ୍କାନାଳ ଓ ଅନୁଗୋଳ ଜିଲା ପାଇଁ ଏକ ଆନନ୍ଦର ମୁହୂର୍ତ୍ତ। ଏହି ଦୁଇ ଜିଲା ଦେଇ ଗଡ଼ିଥିଲା ବହୁ ପ୍ରତୀକ୍ଷିତ ବନ୍ଦେ ଭାରତ ଏକ୍ସପ୍ରେସ୍। ପୁରୀରୁ ରାଉରକେଲା ଯାଏ ଚଳାଚଳ ଆରମ୍ଭ କରିଥିବା ଏହି ଏକ୍ସପ୍ରେସ୍ ପୁରୀରୁ ଆସି ଢେଙ୍କାନାଳ ଷ୍ଟେଶନରେ ଅପରାହ୍ନ ସାଢ଼େ ୨ଟାରେ ପହଞ୍ଚିବା ପରେ ଏହାକୁ ଜୋର୍‌ଦାର ସ୍ୱାଗତ କରାଯାଇଥିଲା। ବନ୍ଦେ ଭାରତ ସହ ସେଲ୍‌ଫି ନେବାକୁ ଷ୍ଟେଶନରେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ଅପରାହ୍ନ ସାଢ଼େ ୩ଟାରେ ଏହି ଏକ୍ସପ୍ରେସ୍ ଅନୁଗୋଳ ଷ୍ଟେଶନ ଛୁଇଁବା ପରେ ସହସ୍ରାଧିକ ଲୋକ ଏହାକୁ ବିପୁଳ ଉତ୍ସାହର ସହ ସ୍ୱାଗତ କରିଥିଲେ। ସେହିପରି ତାଳଚେରଠାରେ ପବିତ୍ରମୋହନ ପ୍ରଧାନ ସରକାରୀ ମେଡିକାଲ, ବିଶ୍ୱସ୍ତରୀୟ ଲାଇବ୍ରେରି ବ୍ଲକ ଡାଇମଣ୍ଡ, ଅନୁଗୋଳର ଅତ୍ୟାଧୁନିକ ବସ୍ ଟର୍ମିନାଲ ଓ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଯୋରନ୍ଦା ଏବଂ ଭୁବନ ବ୍ଲକର ଗୋରଡ଼ିଆ-ସରଦେଇପୁର ମଧ୍ୟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଉପରେ ମହିମା ସେତୁର ଲୋକାର୍ପଣ ବେଶ୍ ଉଲ୍ଲେଖନୀୟ ଥିଲା।






# ମଥା ଉଚ୍ଚ କଲା ମଗଜି ଲଡୁ



ଢେଙ୍କାନାଳ ଜିଲାର ପ୍ରସିଦ୍ଧ ମଗଜି ଲଡୁ ଜିଆଇ ଟ୍ୟାଗ୍‌ର ଶେଷ ସୋପାନ ଛୁଇଁଛି। ସେପ୍ଟେମ୍ବର ୧ରେ ଏହା ଜିଓଗ୍ରାଫିକାଲ ଜର୍ନାଲ ମାଗାଜିନର ପୃଷ୍ଠା-୪୫ରେ ସ୍ଥାନ ପାଇ ଢେଙ୍କାନାଳର ମଥାକୁ ଉଚ୍ଚ କରିପାରିଛି। ୭ ଡିସେମ୍ବର ୨୦୨୦ରେ ଢେଙ୍କାନାଳ ସହର ମୀନାବଜାର ସ୍ଥିତ ଢେଙ୍କାନାଳ ସୁଇଟ୍ ଆସୋସିଏଶନ ପକ୍ଷରୁ ମଗଜି ଲଡୁକୁ ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ ପାଇଁ ଦରଖାସ୍ତ ନଂ-୭୨୪କୁ ପଞ୍ଜୀକୃତ କରାଯାଇଥିଲା। ଓୟୁଏଟି ସହଯୋଗରେ ଏହାକୁ ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ କରିବା ପାଇଁ ନିୟମ ଅନୁଯାୟୀ ବିଭିନ୍ନ ପାହାଚ ଅତିକ୍ରମ କରିଥିଲା। ସମଗ୍ର ଦେଶ ଓ ରାଜ୍ୟ ପାଇଁ ଢେଙ୍କାନାଳବାସୀଙ୍କ ଏହା ଏକ ଉପହାର ସଦୃଶ।



# ଆରବ ରାଷ୍ଟ୍ରରେ 'ଆମ୍ରପଲ୍ଲି'

ବିଦେଶୀ ବଜାରରେ ସ୍ୱାଦ ବାଣ୍ଟିବାକୁ ପ୍ରଥମ କରି ସିଧାସଳଖ ଦୁବାଇ ଯାଇଥିଲା ଢେଙ୍କାନାଳର ଅର୍ଗାନିକ୍ 'ଆମ୍ରପଲ୍ଲି'। ଆରବ ରାଷ୍ଟ୍ରକୁ ପ୍ରଥମ ଥର ପାଇଁ ଏହି ପ୍ରଜାତିର ୨ ଟନ୍ ଆମ୍ବ ରପ୍ତାନି କରାଯାଇଥିଲା। ପୂର୍ବରୁ ଏହା କେବଳ ବାଲାଂଦେଶ ବଜାରରେ ଉପଲବ୍ଧ ଥିବାବେଳେ ପରୋକ୍ଷରେ ଦୁବାଇ ରପ୍ତାନି ହେଉଥିଲା। କିନ୍ତୁ ଚଳିତ ବର୍ଷ ସିଧାସଳଖ ଚାଷୀଙ୍କ ଆମ୍ବ ଢେଙ୍କାନାଳ ବ୍ରାଣ୍ଡିଂ ସହ ଦୁବାଇ ପଠାଯିବା ଏଠାକାର ଚାଷୀଙ୍କ ପାଇଁ ଏକ ଉଲ୍ଲେଖନୀୟ ଘଟଣା ଥିଲା। ଏହାଛଡ଼ା ୫୦ ହଜାର ମେଟ୍ରିକ୍ ଟନ୍ ସହ ଉତ୍ପାଦନରେ ରାଜ୍ୟରେ ଶୀର୍ଷ ସ୍ଥାନ ହାସଲ କରିଥିଲା ଢେଙ୍କାନାଳ ଜିଲା।




# ପୂଜ୍ୟପୂଜାଙ୍କୁ ତ୍ରୁଟିପୂର୍ଣ୍ଣ ପରିଧାନ

ବିଶିଷ୍ଟ ଗାନ୍ଧିବାଦୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପରିଧାନ ସମ୍ପର୍କରେ ଜାଣିପାରିଲାନି ଅନୁଗୋଳ ପୌର ପ୍ରଶାସନ। ଗୋପବନ୍ଧୁ ଉଦ୍ୟାନରେ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ପ୍ରତିମୂର୍ତ୍ତିକୁ ଶାର୍ଟ, ପ୍ୟାଣ୍ଟ ଓ ବୁଟ୍ ପିନ୍ଧାଯିବାକୁ ନେଇ ଏପ୍ରିଲ ପ୍ରଥମ ସପ୍ତାହରେ ଦେଖାଦେଇଥିଲା ବିବାଦ। ତେବେ ତ୍ରୁଟି ସୁଧାରିବାକୁ ଯାଇ ପୌର ପ୍ରଶାସନ ନବକୃଷ୍ଣଙ୍କ ପ୍ରତିମୂର୍ତ୍ତିକୁ ଯେଉଁ ଧୋତି ପିନ୍ଧାଇଥିଲା ତାହା ମଧ୍ୟ ଆଉ ଏକ ବିବାଦକୁ ଜନ୍ମ ଦେଲା। ନାଗପୁରିଆ ଭଳି ଧୋତି ପିନ୍ଧାଯାଇଥିବା ନେଇ ଅଭିଯୋଗ ଉଠିବା ପରେ ଶେଷରେ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରିଥିଲେ। ଓଡ଼ିଶା ବିଧାନସଭା ସମ୍ମୁଖରେ ଥିବା ନବକୃଷ୍ଣଙ୍କ ପ୍ରତିମୂର୍ତ୍ତି ଢାଞ୍ଚାରେ ଆଉ ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବା ପରେ ତାହାକୁ ଅନୁଗୋଳରେ ପୁନଃସ୍ଥାପନ କରାଯିବ ବୋଲି ସରକାର କହିଥିଲେ।

# ମଙ୍ଗଳା କୋଠିରେ ଅମଙ୍ଗଳ



୧୩ ବର୍ଷୀୟ ସଞ୍ଜୀବଙ୍କ ଦେହ କିଛି ବର୍ଷ ହେବ ଖରାପ ରହୁଥିଲା। ପଡ଼ୋଶୀ ଗାଁ ଟୁସରଠାରେ ପୂଜା ପାଉଥିବା ମଙ୍ଗଳା କୋଠିରେ ମାନସିକ ରଖି ପୂଜା କଲେ ପୁଅ ଭଲ ହୋଇଯିବ ବୋଲି ଶୁଣିବା ପରେ ମା' ବାସନ୍ତୀ ବିଶ୍ୱାଳ ଜୁଲାଇ ୨୨ ରାତିରେ ପୁଅକୁ ନେଇ ଉକ୍ତ ମଙ୍ଗଳା କୋଠିରେ ଅଧିଆ ପକାଇଥିଲେ। ହେଲେ ମଙ୍ଗଳା କୋଠିରେ ହୋଇଗଲା ଅମଙ୍ଗଳ। ୨୩ ତାରିଖ ସକାଳୁ ନିଖୋଜ ହୋଇଯାଇଥିବା ସଞ୍ଜୀବଙ୍କ ଝୁଲନ୍ତା ମୃତଦେହ ଆଠମଲ୍ଲିକ ବ୍ଲକ ବାରେଣୀ ଜଙ୍ଗଲରୁ ଗଳିତ ଅବସ୍ଥାରେ ୨୮ ତାରିଖରେ ମିଳିବା ପରେ ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳରେ ଏହା ତୀବ୍ର ଉତ୍ତେଜନା ସୃଷ୍ଟି କରିଥିଲା। ସଞ୍ଜୀବଙ୍କୁ ବଳି ଦିଆଯାଇଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ମଙ୍ଗଳା କୋଠିର ମହିଳା ପୂଜକ ଓ ୨ ପୁଅଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ଜନ ଅସନ୍ତୋଷ ଥମି ନ ଥିଲା। ମଙ୍ଗଳା କୋଠିକୁ ନେଇ ଭୟର ବାତାବରଣ ଦେଖାଦେବାରୁ ଆଖପାଖ ଅଞ୍ଚଳର ପିଲାଙ୍କ ସ୍କୁଲ ଯିବା ମଧ୍ୟ ବନ୍ଦ ହୋଇଯାଇଥିଲା। ଲୋକଙ୍କ ଭିତରୁ ସେହି ଭୟ ଦୂର କରିବାକୁ ମାସାଧିକ କାଳ ଧରି ପ୍ରଶାସନକୁ ସେଠାରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପଡ଼ିଥିଲା। ଏହି ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା।

# ପଟ୍ଟା ଦେବାରେ ଦେଶରେ ପ୍ରଥମ



ସହରାଞ୍ଚଳରେ ରହୁଥିବା ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାରେ ଢେଙ୍କାନାଳ ଜିଲା ପ୍ରଶାସନ ସମଗ୍ର ଦେଶ ଓ ରାଜ୍ୟରେ ପ୍ରଥମ ହୋଇଥିଲା। ଜିଲା ପ୍ରଶାସନର ଏହି ସଫଳତା ପାଇଁ ରାଜ୍ୟ ସରକାର ଢେଙ୍କାନାଳ ଜିଲା ପ୍ରଶାସନକୁ ଅଗଷ୍ଟ ୨୮ରେ ସମ୍ବର୍ଦ୍ଧିତ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ତତ୍କାଳୀନ ଜିଲାପାଳ ସରୋଜ କୁମାର ସେଠୀ, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ କୁମାର ବେହେରା, ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଜିଲା ମଙ୍ଗଳ ଅଧିକାରୀ ଦେବୀ ପ୍ରସାଦ ପରିଜା, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଏବଂ କାଉନସିଲରମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।

# ଶିଖର ଛୁଇଁଲା ସଫଳତା



ପର୍ବତାରୋହଣ କ୍ଷେତ୍ରରେ ସେପ୍ଟେମ୍ବର ୨୨ ଥିଲା ଢେଙ୍କାନାଳ ଜିଲା ପାଇଁ ବେଶ୍ ଗର୍ବ ଓ ଗୌରବ ଦିବସ। ମେରାମଣ୍ଡଳୀର ଝିଅ ବିଭାରାଣୀ ପାଟରା (୨୭) ଆଫ୍ରିକାର ଉଚ୍ଚତମ ପର୍ବତମାଳା ତାଞ୍ଜାନିଆସ୍ଥିତ ମାଉଣ୍ଟ କିଲିମାଞ୍ଜାରୋ ସଫଳତାର ସହ ଆରୋହଣ କରିଥିଲେ। ସେ ଏହି ଶୃଙ୍ଗର ୫୮୯୫ ମିଟର ଆରୋହଣ କରି ଜଗନ୍ନାଥଙ୍କ ଫଟୋ ଓ ପତିତପାବନ ବାନା ସହିତ ତ୍ରିରଙ୍ଗା ପତାକା ଉଡ଼ାଇଥିଲେ। ସେହିପରି ଉତ୍ତରପ୍ରଦେଶର ଗ୍ରେଟର ନୋଇଡା ଠାରେ ଜୁଲାଇ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ କମନୱେଲଥ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ ଚମକିଥିଲେ ଢେଙ୍କାନାଳର ପୁଅ। ଜୁଲାଇ ୧୪ରେ ୭୩ କେଜି କାଟେଗୋରିରେ ସେ ସ୍ୱର୍ଣ୍ଣପଦକ ହାସଲ କରି ହୃଦୟ ଜିଣିଥିଲେ କୁରୁଣିଆ ସାହିର ହୃଦାନନ୍ଦ ଦାସ। ସେହିପରି ଚନ୍ଦ୍ରାୟନ-୩ ସଫଳତା ପଛରେ ଥିଲା ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳର ଝିଅ ତଥା ଇସ୍ରୋର ବରିଷ୍ଠ ବୈଜ୍ଞାନିକ ରଶ୍ମି ବେହେରାଙ୍କ ସହଯୋଗ। ଅଗଷ୍ଟ ୨୬ରେ ଏହି ଖବର ଜଣାପଡ଼ିବା ପରେ ଢେଙ୍କାନାଳ ଜିଲାବାସୀଙ୍କ ମଧ୍ୟରେ ଖେଳିଯାଇଥିଲା ଖୁସିର ଲହରି। ଢେଙ୍କାନାଳର ବିଶିଷ୍ଟ ଭାଷାବିତ୍, ସ୍ତମ୍ଭକାର ଓ ଗବେଷକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବା ଢେଙ୍କାନାଳ ମାଟି ପାଇଁ ଥିଲା ସବୁଠୁ ବଡ଼ ଗୌରବର ମୁହୂର୍ତ୍ତ। ଏପ୍ରିଲ ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନ୍ତର୍ଯ୍ୟାମୀଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ।







ବିଦାୟୀ ବର୍ଷ ୨୦୨୩ ଆର୍ଥିକ ଓ ବାଣିଜ୍ୟ ବେପାରରେ ଆଣିଛି ଅନେକ ପରିବର୍ତ୍ତନ। କୋଭିଡ୍ ପରବର୍ତ୍ତୀ ସମୟରେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ଭାରତ ଉଭା ହୋଇଛି। ଦେଶର ଜିଡିପି ୩ ଟ୍ରିଲିୟନ ଡଲାର ଅତିକ୍ରମ କରିଛି। ହେଲେ ହିଣ୍ଡେନବର୍ଗର ରିପୋର୍ଟ ଆଦାନୀ ଗ୍ରୁପ୍‌କୁ ଅକଳରେ ପକାଇ ପୁଞ୍ଜିବଜାରକୁ ହଲଚଲ କରିଛି। ଏହି ବର୍ଷରେ ୨୦୦୦ ଟଙ୍କିଆ ନୋଟ ଇତିହାସ ପାଲଟିଥିବା ବେଳେ ସୁନା ଦର ୬୦,୦୦୦ ଟପିଛି। ଏପଟେ ଓଡ଼ିଶା ଦେଶର ଅନ୍ୟତମ ବୃହତ୍ ପୁଞ୍ଜି ଆକୃଷ୍ଟକାରୀ ରାଜ୍ୟ ହେବାର ଗୌରବ ଅର୍ଜନ କରିଛି। ଏତେ ସତ୍ତ୍ୱେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଉପଭୋକ୍ତାଙ୍କୁ ହନ୍ତସନ୍ତ କରିଦେଇଛି। ପୁରୁଣା ବର୍ଷ ବାଣିଜ୍ୟ ବଳୟରେ କିଭଳି ଗ୍ରାଫ୍ ଟାଣିଯାଇଛି ତାହାକୁ ନେଇ ଏହି ପ୍ରତିବେଦନ।



# ଇତିହାସ ହେଲା ୨୦୦୦ ଟଙ୍କିଆ

କଳାଧନ ରୋକିବା ଓ ନକଲି ମୁଦ୍ରା ପ୍ରଚଳନ ଉପରେ ରୋକ ଲଗାଇବା ଲକ୍ଷ୍ୟରେ ଭାରତ ସରକାର ୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ କରିଥିଲେ। ସେତେବେଳେ ଦୁଇଟି ବଡ଼ ନୋଟ୍ ୫୦୦ ଓ ୧୦୦୦ଟଙ୍କିଆକୁ ବଦଳାଇ ସେହି ସ୍ଥାନରେ ନୂଆ ୫୦୦ ଟଙ୍କିଆ ଓ ଗୋଲାପି ରଙ୍ଗର ୨୦୦୦ ଟଙ୍କିଆ ଆଣିଥିଲେ। ହେଲେ ଚଳିତବର୍ଷ ଶେଷ ଆଡ଼କୁ ୨୦୦୦ଟଙ୍କିଆ ନୋଟ ଇତିହାସ ପାଲଟିଛି। ୨୦୨୩ ଅଗଷ୍ଟରେ ୨୦୦୦ ଟଙ୍କିଆ ନୋଟର କାରବାରକୁ ବନ୍ଦ କରାଯିବା ସହ ତାହାକୁ ପ୍ରତ୍ୟାହାର କରିନିଆଯାଇଥିଲା। ପ୍ରାଥମିକପର୍ଯ୍ୟାୟରେଦେଶରବିଭିନ୍ନବ୍ୟାଙ୍କଜରିଆରେ୨୦୦୦ଟଙ୍କିଆନୋଟରବଦଳକରାଯାଇଥିଲା। ବର୍ତ୍ତମାନ କେବଳ ଆର୍‌ବିଆଇ ଜରିଆରେ ଉକ୍ତ ନୋଟ ବଦଳରେ ଅନ୍ୟାନ୍ୟ ନୋଟ ହିତାଧିକାରୀଙ୍କୁ ଦିଆଯାଉଛି।



# ଜିଏସ୍‌ଟି ସଂଗ୍ରହ ରେକର୍ଡ

ଦେଶର ଅର୍ଥନୀତି ଓ ରାଜସ୍ୱ ବୃଦ୍ଧି ପାଇଁ ସରକାର ଏକକ ଟିକସ ବ୍ୟବସ୍ଥା 'ସାମଗ୍ରୀ ଏବଂ ସେବା ଟିକସ' (ଜିଏସ୍‌ଟି) ଲାଗୁ କରିଛନ୍ତି। କ୍ରମାଗତ ଜିଏସ୍‌ଟି ସଂଗ୍ରହ ପ୍ରତି ଆର୍ଥିକ ବର୍ଷରେ ନୂଆ ମାଇଲଖୁଣ୍ଟ ହାସଲ କରିଚାଲିଛି। ଏପରିକି ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଚଳିତ ଆର୍ଥିକ ବର୍ଷର ଜିଏସ୍‌ଟି ରେକର୍ଡ ପରିମାଣରେ ସଂଗ୍ରହ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୬ଷ୍ଠ ଥର ଲାଗି ଜିଏସ୍‌ଟି ସଂଗ୍ରହ ୧.୬ଲକ୍ଷ କୋଟିରୁ ଅଧିକ ରହିଥିବାବେଳେ କ୍ରମାଗତ ୨୧ମାସ ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟିରୁ ଅଧିକ ରହିଛି। ସେହିଭଳି ଦ୍ୱାଦଶ ଥର ପାଇଁ ୧.୫ ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।



୨୦୦୦ ଟଙ୍କିଆ ନୋଟ୍ ବଦଳାଇବା ପାଇଁ ଭୁବନେଶ୍ୱର ଆରବିଆଇ କାର୍ଯ୍ୟାଳୟ ସମ୍ମୁଖରେ ଲୋକଙ୍କ ଭିଡ଼।



# ସର୍ବୋଚ୍ଚ ସ୍ତରରେ ଶେୟାର ବଜାର

ବିଦାୟୀ ବର୍ଷ ଶେୟାର ବଜାର ସକାଶେ ସ୍ମରଣୀୟ ହୋଇରହିବ। ବର୍ଷ ପ୍ରାରମ୍ଭରୁ ବଜାର କାରବାର ଅନିଶ୍ଚିତତା ଦେଇ ଗତି କରିଥିବାବେଳେ ଶେଷଆଡ଼କୁ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବିଶେଷକରି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୭୨,୦୦୦ ଅଙ୍କରେ ପହଞ୍ଚିଥିବାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ପ୍ରାୟ ୨୨,୦୦୦ ଅଙ୍କରେ ରହିଥିଲା। ସେହିଭଳି ଚଳିତ ବର୍ଷ ପ୍ରାୟ ୧୦୦ରୁ ଅଧିକ ନିବେଶକ କମ୍ପାନୀ ନୂତନ ଭାବେ ଉଭୟ ଏନ୍‌ଏସ୍‌ଇ ଓ ବିଏସ୍‌ଇରେ ପଞ୍ଜୀକୃତ ହୋଇଛନ୍ତି।



# ଓଡ଼ିଶାରେ ନିପ୍ପନ

ପ୍ରାକୃତିକ ସମ୍ବଳ ଓ ଶିଳ୍ପ ଅନୁକୂଳ ବାତାବରଣ ଯୋଗୁ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଓଡ଼ିଶାମୁହାଁ ହୋଇଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟରେ ୨୦.୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶର ସୁଯୋଗ ସୃଷ୍ଟି କରି ନବୀନ ପଟ୍ଟନାୟକ ଦେଶରେ ଅନ୍ୟତମ ସଫଳ ମୁଖ୍ୟମନ୍ତ୍ରୀ ଆଖ୍ୟା ପାଇଲେଣି। ବିଦାୟୀ ବର୍ଷରେ ଚର୍ଚ୍ଚିତ ନିବେଶ ମଧ୍ୟରେ ନିପ୍ପନ ଷ୍ଟିଲ ଆଗରେ ଅଛି। ଏପ୍ରିଲ୍ ୩ରେ ନିପ୍ପନ ଷ୍ଟିଲ୍ କର୍ପୋରେଶନର ଅଧ୍ୟକ୍ଷ ଇଜି ହାସିମୋତୋଙ୍କ ସହ ସେ ଆଲୋଚନା କରିଥିଲେ। ସେହି ଅନୁଯାୟୀ କେନ୍ଦ୍ରାପଡ଼ାରେ ୨୪ ନିୟୁତ ଟନ୍ ଇସ୍ପାତ ପ୍ଲାଣ୍ଟ ସ୍ଥାପନ କରରାଯିବାର ଯୋଜନା ରହିଛି।



# ଅକଳରେ ଆଦାନୀ ଗ୍ରୁପ୍

ଚଳିତ ଆର୍ଥିକ ବର୍ଷର ଆଦ୍ୟ ସମୟରୁ ସାରା ଦେଶରେ ଆଦାନୀ ଝଡ଼ ବୋହିଥିଲା। ଆମେରିକୀୟ ସର୍ଟସେଲର ସଂସ୍ଥା 'ହିଣ୍ଡେନବର୍ଗ' ଆଦାନୀ ସାମ୍ରାଜ୍ୟରେ ହୋଇଥିବା ଆର୍ଥିକ ହେରଫେର ସଂକ୍ରାନ୍ତୀୟ ଏକ ରିପୋର୍ଟ ପ୍ରକାଶ କରିବା ପରେ ସମଗ୍ର ପୃଥିବୀରେ ହଇଚଇ ସୃଷ୍ଟି ହୋଇଥିଲା। ଏହାର ପ୍ରଭାବ ଆଦାନୀ ଗ୍ରୁପ୍ ଓ ପୁଞ୍ଜିବଜାର ଉପରେ ସିଧାସଳଖ ପଡ଼ିଥିଲା। କେବଳ ସେତିକି ନୁହେଁ, ଏହି ଘଟଣା ରାଜନୈତିକ ରୂପ ଧାରଣ କରି ଢେର ଦିନ ଚର୍ଚ୍ଚାରେ ରହିଲା। ଦିନକ ପାଇଁ ବିଶ୍ୱର ୨ନମ୍ବର ଧନୀ ବ୍ୟକ୍ତି ହୋଇଯାଇଥିବ ଗୌତମ ଆଦାନୀ ହିଣ୍ଡେନବର୍ଗ ରିପୋର୍ଟ ପରେ ବିଶ୍ୱ ଧନଶାଳୀ ତାଲିକାର ୨୫ ନମ୍ବରକୁ ଖସି ଯାଇଥିଲେ।



ସିଦ୍ଧାର୍ଥ ମହାନ୍ତି

# ଜାତୀୟ ସ୍ତରରେ ଓଡ଼ିଆଙ୍କ ପ୍ରଭାବ

୨୦୨୩ରେ ଉଭୟ ସରକାରୀ ଓ ବେସରକାରୀସ୍ତରରେ ଓଡ଼ିଆ ପ୍ରତିଭାମାନେ ଜାତୀୟସ୍ତରରେ ପ୍ରଭାବ ବିସ୍ତାର କରି ବିଭିନ୍ନ ସଂସ୍ଥାର ମୁଖ୍ୟ ଭାବେ ସଫଳତାର ସହ କାର୍ଯ୍ୟ କରୁଛନ୍ତି। ଶୁଭ୍ରକାନ୍ତ ପଣ୍ଡା ଫିକି ଇଣ୍ଡିଆର ସଭାପତି, ସିଦ୍ଧାର୍ଥ ମହାନ୍ତି ଏଲ୍‌ଆଇସିର ଚେୟାରମ୍ୟାନ, ଆଇଆର୍‌ଡିଏର ଚେୟାରମ୍ୟାନ ଦେବାଶିଷ ପଣ୍ଡା, ବ୍ୟାଙ୍କ୍ ଅଫ୍ ବରୋଦାର ଏମ୍‌ଡି ତଥା ସିଇଓ ଦେବଦତ୍ତ ଚାନ୍ଦ ପ୍ରମୁଖ ରାଜ୍ୟ ସକାଶେ ଗୌରବ ଆଣିଛନ୍ତି।



ଦେବାଶିଷ ପଣ୍ଡା



ଶୁଭ୍ରକାନ୍ତ ପଣ୍ଡା



ଦେବଦତ୍ତ ଚାନ୍ଦ





# ନୂଆ ରୂପରେ ଏୟାର ଇଣ୍ଡିଆ

ଚଳିତ ବର୍ଷ ପ୍ରାରମ୍ଭରୁ ବେଶ୍ ଚର୍ଚ୍ଚାରେ ଥିବା ଏୟାର ଇଣ୍ଡିଆ ନଭେମ୍ବର ବେଳକୁ ନୂଆ ରୂପରେ ସେବା ଯୋଗାଇଥିଲା। ଦେଶର ଏକମାତ୍ର ରାଷ୍ଟ୍ରାୟତ୍ତ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଏୟାର ଇଣ୍ଡିଆକୁ ଟାଟା ଗ୍ରୁପ ବର୍ଷ ପ୍ରାରମ୍ଭରେ ଆନୁଷ୍ଠାନିକ ଭାବେ କ୍ରୟ କରିବା ସହିତ ନିଜ ମାଲିକାନାରେ ସାମିଲ କରାଇଥିଲା। ଏପରିକି ପ୍ରାଥମିକ ପର୍ଯ୍ୟାୟରେ ବିମାନର ରଙ୍ଗ ଓ ଡିଜାଇନ ଏବଂ ପରେ ବିମାନ ସେବାରେ ନିୟୋଜିତ ଯଥା ଏୟାର ହୋଷ୍ଟେସ, ପାଇଲଟ ଓ କ୍ରିଉଙ୍କର ପୋଷାକ (ଡ୍ରେସ କୋଡ୍)କୁ ମଧ୍ୟ ବଦଳାଇ ନୂଆ ରୂପରେ ଉଭା ହୋଇଛି।

# ସୁନା ଦର ୬୦,୦୦୦ ପାର୍

ବର୍ଷ ୨୦୨୩ ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ସୁନା ଦର ଉଚ୍ଚା ରହିଛି। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଭୂରାଜନୈତିକ ସମସ୍ୟା ଓ ଯୁଦ୍ଧ ଭଳି ସ୍ଥିତି ଯୋଗୁ ଅନ୍ତର୍ଜାତୀୟ ସୁନା ବଜାରରେ ମଧ୍ୟ ଅସ୍ଥିରତା ଦେଖାଦେଇଥିଲା। ସେହି କାରଣରୁ ଆମଦାନୀ ସୁନା ଦର ୫୫ରୁ ୬୫ ହଜାର ଟଙ୍କା ମଧ୍ୟରେ କାରବାର ହୋଇଥିଲା। ୨୦୨୩ ଶେଷ ବେଳକୁ ସାରା ଦେଶରେ ଅସଂଖ୍ୟ ବାହାଘର ଓ ବ୍ରତଘର ଭଳି ସାମାଜିକ ଉତ୍ସବ ଯୋଗୁ ଅଳଙ୍କାର ଚାହିଦା ବଢ଼ିଯାଇଥିଲା। ଫଳରେ ଏହି ମୂଲ୍ୟବାନ ହଳଦିଆ ବସ୍ତୁର ଦର ପ୍ରତି ୧୦ ଗ୍ରାମ୍ ପିଛା ୫୫ରୁ ୫୮ ହଜାର ଟଙ୍କା ରହିଛି।



ସୁବ୍ରତ ରଏ



ପିଆର୍‌ଏସ୍ ଓବେରୟ



ଏସ୍‌ପି ହିନ୍ଦୁଜା

# ଶ୍ରେଷ୍ଠ ଶିଳ୍ପପତିଙ୍କ ଶେଷ ବର୍ଷ

ଦୀର୍ଘ ଦଶନ୍ଧି ଧରି ଭାରତୀୟ ଶିଳ୍ପ ଜଗତରେ ପକ୍ଷ ମେଲାଇଥିବା କେତେକ ଶ୍ରେଷ୍ଠ ଶିଳ୍ପପତିଙ୍କ ପାଇଁ ୨୦୨୩ ଥିଲା ସୂର୍ଯ୍ୟାସ୍ତର ସମୟ। ସେମାନେ ଥିଲେ 'ସାହାରା ଇଣ୍ଡିଆ'ର ଅଧ୍ୟକ୍ଷ ସାହାରାଶ୍ରୀ ସୁବ୍ରତ ରଏ, 'ଓବେରୟ ଗ୍ରୁପ'ର ଚେୟାରମ୍ୟାନ ପିଆର୍‌ଏସ୍ ଓବେରୟ, ହିନ୍ଦୁଜା ଗ୍ରୁପର ଅଧ୍ୟକ୍ଷ ଏସ୍‌ପି ହିନ୍ଦୁଜା ଏବଂ ମହିନ୍ଦ୍ରା ଗ୍ରୁପର ଚେୟାରମ୍ୟାନ କେଶୁବ ମହିନ୍ଦ୍ରା।



କେଶୁବ ମହିନ୍ଦ୍ରା

# ଓଡ଼ିଶାରେ ଏମ୍‌ଏନ୍‌ସିର ଶାଖା



ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟଠାରେ ଡେଲଏଟ୍‌ର ଶାଖା କାର୍ଯ୍ୟାଳୟ ଉଦ୍‌ଘାଟନୀ ଅବସରରେ।

ଗତ କିଛି ବର୍ଷ ହେବ ଓଡ଼ିଶା ସାରା ଦେଶର ଏକ ପ୍ରମୁଖ ବାଣିଜ୍ୟିକ ହବ୍ ଭାବେ ଉଭା ହୋଇଛି। ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିର ଆଦ୍ୟ କାଳରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରତିଷ୍ଠିତ ବହୁରାଷ୍ଟ୍ରୀୟ କମ୍ପାନୀ (ଏମ୍‌ଏନ୍‌ସି) ଓଡ଼ିଶାରେ ସେଗୁଡ଼ିକର ଶାଖା କାର୍ଯ୍ୟାଳୟ ଖୋଲିଛନ୍ତି। ଚଳିତବର୍ଷ ରାଜଧାନୀ ଭୁବନେଶ୍ୱରଠାରେ ପିଡବ୍ଲ୍ୟୁସି, କନ୍‌ସେଣ୍ଟ୍ରିକ୍ସ, ହାପିଏଷ୍ଟ ମାଇଣ୍ଡ୍, ଇନ୍‌ଫୋସିସ ବିପିଏସ୍, ଡେଲଏଟ୍, ଆଇବିଏମ୍, ସିନୋପସିସ୍, ଆକ୍ସେଞ୍ଚର ଏବଂ ଇୱାଇ ଇଣ୍ଡିଆ ଭଳି ଅନେକ ଏମ୍‌ଏନ୍‌ସି ଆସିବା ଦ୍ୱାରା ରାଜ୍ୟ ଅର୍ଥନୀତିରେ ବ୍ୟାପକ ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି।

# ଅତିଷ୍ଠ କରିଥିଲା ଅତ୍ୟାବଶ୍ୟକ ଦ୍ରବ୍ୟ

ବିଦାୟୀ ବର୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶ ଛୁଆଁ ହୋଇ ଉପଭୋକ୍ତାଙ୍କୁ କଲବଲ କରିଛି। ପନିପରିବାଠାରୁ ଆରମ୍ଭ କରି ଡାଲି, ଚାଉଳ ତେଲ, ଅଟା, ପିଆଜ, ରସୁଣ, ଅଦା, ଜିରା ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଦର ପୂର୍ବ ବର୍ଷ ଅପେକ୍ଷା ଅହେତୁକ ବୃଦ୍ଧି ପାଇବା ଦେଖାଦେଇଥିଲା। ଜିରା ଭଳି ମସଲା ଜାତୀୟ ଦ୍ରବ୍ୟର କେଜି ମୂଲ୍ୟ ୨୦୦ ଟଙ୍କାରୁ ବୃଦ୍ଧି ପାଇ ୯୦୦ ଟଙ୍କା ଯାଏ ଛୁଇଁଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସୁଲଭ ମୂଲ୍ୟରେ ଲୋକଙ୍କୁ କିଛି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ ମଧ୍ୟ ଏହାର ସୁଫଳ ଅନେକେ ପାଇପାରିନାହାନ୍ତି।



**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସବୁଜ ଶକ୍ତିରେ ୯୩୫୦ କୋଟି ନିବେଶ କରିବ ଏଜିଇଏଲ୍

**ନୂଆଦିଲ୍ଲୀ,୨୬।୧୨ ଭୁବନେଶ୍ୱର**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦାନୀ ଗ୍ରୁପ୍‌ର ସହଯୋଗୀ ସଂସ୍ଥା ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ (ଏଜିଇଏଲ୍) ସବୁଜ ଶକ୍ତି କ୍ଷେତ୍ରରେ ପ୍ରାୟ ୯୩୫୦କୋଟି ଟଙ୍କା ନିବେଶ କରିବ ବୋଲି ଜଣାପଡ଼ିଛି। ଏପରିକି ୨୦୩୦ ସୁଦ୍ଧା କମ୍ପାନୀ ୪୫ ଗିଗାୱାଟ୍ (ଜିଡବ୍ଲ୍ୟୁ) ଉତ୍ପାଦନ ଲକ୍ଷ୍ୟ ହାସଲ କରିବା ପାଇଁ ଆଶା ପ୍ରକାଶ କରିଛି। ଅପରପକ୍ଷରେ ଏଜିଇଏଲ୍ ବୋର୍ଡ ମଙ୍ଗଳବାର ପ୍ରୋମୋଟର ଗ୍ରୁପ୍ କମ୍ପାନୀ, ଆର୍ଡର ଇନ୍‌ଭେଷ୍ଟମେଣ୍ଟ ହୋଲ୍ଡିଂ ଲିମିଟେଡ୍ ଏବଂ ଆଦାନୀ ପ୍ରପର୍ଟିଜ୍ ପିଭି ଲିମିଟେଡ୍‌କୁ ୧,୪୮୦.୭୫ ଟଙ୍କା ମୂଲ୍ୟରେ ୬.୩୧ କୋଟି ୱାରେଣ୍ଟ ପ୍ରଦାନ ଯୋଜନାକୁ ଅନୁମୋଦନ କରିଛି। ଫଳରେ ଏଜିଇଏଲ୍‌ରେ ୯,୩୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ଏବଂ ଦ୍ୱରିତ ପୁଞ୍ଜି ଖର୍ଚ୍ଚ ପାଇଁ ବ୍ୟବହୃତ ହେବ ବୋଲି ଫାର୍ମ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ବିଶେଷକରି ଉକ୍ତ ପୁଞ୍ଜି ବିନିଯୋଗକାରୀ କମ୍ପାନୀ ସଂସ୍ଥାଗୁଡ଼ିକୁ ଏଜିଇଏଲ୍ ୩.୮୩୩% ଇକ୍ୱିଟି ଅଂଶ ପ୍ରଦାନ କରିବ।




ଉଲ୍ଲେଖଯୋଗ୍ୟ, ବିଏସ୍‌ଇରେ ଏଜିଏଲ୍ ୪.୩% ବୃଦ୍ଧି ପାଇ ୧,୫୯୯.୯୦ ଟଙ୍କାରେ ବନ୍ଦ ହୋଇଛି। ଏପରିକି କମ୍ପାନୀର ୧.୨ ବିଲିୟନ ଡଲାର ମୂଲ୍ୟର ବଣ୍ଡ ପରିପକ୍ୱତା ଆସନ୍ତା ବର୍ଷ ଆସିବ ଏବଂ ସେଗୁଡିକର ପରିଶୋଧ କିମ୍ବା ରିଫାଇନାନ୍ସ ପାଇଁ ଯୋଜନା ପ୍ରସ୍ତୁତ ହୋଇସାରିଛି। ସେହିଭଳି ସବୁଜ ଶକ୍ତି ବିକାଶକାରୀଙ୍କ ପାଖରେ ୧୯.୮ ଗିଗାୱାଟ୍‌ର ପାୱାର ପର୍ଚେଜ ଏଗ୍ରିମେଣ୍ଟ (ପିପିଏ) ଟାଇ-ଅପ୍ ରହିଛି। ଏପରିକି କ୍ଷମତାରେ ତାଲା ପଡ଼ିଥିବା ୨୦.୬ ଜିଡବ୍ଲ୍ୟୁ ମଧ୍ୟରୁ ୮୦୦ ମେଗାୱାଟ୍ ବ୍ୟବସାୟୀ ଏବଂ ୨,୦୦,୦୦୦ ଏକରରୁ ଅଧିକ ଜମି ଅତିରିକ୍ତ ୪୦ ଜିଡବ୍ଲ୍ୟୁରୁ ଅଧିକ କ୍ଷମତା ଉତ୍ସ-ସମୃଦ୍ଧ କ୍ଷେତ୍ରରେ ରହିଛି। ସେହିପରି ୨୦୩୦ ସୁଦ୍ଧା ୪୫ ଗିଗାୱାଟ୍‌ର ସବୁଜ ଶକ୍ତି କ୍ଷମତାର ଲକ୍ଷ୍ୟ ରଖିଥିବା କମ୍ପାନୀ ବୋର୍ଡ ପ୍ରମୋଟରମାନଙ୍କୁ ଶେୟାର ପିଛା ୧,୪୮୦.୭୫ ଟଙ୍କା ମୂଲ୍ୟରେ ୯,୩୫୦ କୋଟି ଟଙ୍କା ପାଇଁ ୱାରେଣ୍ଟ ପ୍ରଦାନକୁ ଅନୁମୋଦନ କରିଛି। ଏପରିକି ୨୦୨୪ ଜାନୁୟାରୀ ୧୮ରେ ଧାର୍ଯ୍ୟ ହୋଇଥିବା ଇଜିଏମ୍‌ରେ ନିୟାମକ ତଥା ବିଧିଗତ କର୍ତ୍ତୃପକ୍ଷ ତଥା କମ୍ପାନୀର ଅଂଶୀଦାରଙ୍କ ଅନୁମୋଦନ ଅନୁଯାୟୀ ଏହି ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତିରେ ବିସ୍ତୃତ ଭାବେ କୁହାଯାଇଛି।

ଏହା ପୂର୍ବରୁ ଏଜିଇଏଲ୍ ଭାରତର ବୃହତ୍ତମ ସର୍‌ପାର୍କ ଗୁଜରାଟର ଖାଭଡାଠାରେ ୨,୧୬୭ ମେଗାୱାଟ୍ ସୌର ଶକ୍ତି ପ୍ରକଳ୍ପ ପାଇଁ ୮ ଅଗ୍ରଣୀ ବ୍ୟାଙ୍କ ଦ୍ୱାରା ୧.୩୬ ବିଲିୟନ ଡଲାର ନିର୍ମାଣ ସୁବିଧା ଘୋଷଣା କରିଥିଲା। ଏଥିସହ ଏଜିଇଏଲ୍ ୧.୪୨୫ ବିଲିୟନ ଡଲାରର ଇକ୍ୱିଟି ପୁଞ୍ଜି ଘୋଷଣା କରିଛି (ପ୍ରୋମୋଟର୍ସଙ୍କ ଦ୍ୱାରା ଅଗ୍ରାଧିକାର ପ୍ରଦାନରୁ ୧.୧୨୫ ବିଲିୟନ ଡଲାର ଏବଂ ଟୋଟାଲ ଏନେରଗିଜ୍ ଜେଭିରୁ ୩୦୦ ମିଲିୟନ୍ ଡଲାର), ଯାହା ୩ ବିଲିୟନ ଡଲାରରୁ ଅଧିକ ପୁଞ୍ଜି ସଂଗ୍ରହକୁ ଅନୁମୋଦନ କରିଥାଏ। ଆଦାନୀ ପରିବାରର ଏହି ପୁଞ୍ଜି ବିନିଯୋଗ କେବଳ ଆମ ଦେଶର ସ୍ୱଚ୍ଛ ଶକ୍ତି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବା ପାଇଁ ନୁହେଁ ବରଂ ଏକ ସମାନ ଶକ୍ତି ପରିବର୍ତ୍ତନ ପାଇଁ ମଧ୍ୟ ଆମ ପ୍ରତିବଦ୍ଧତାକୁ ସୂଚିତ କରୁଛି, ଯେଉଁଠାରେ ଆମେ ପାରମ୍ପରିକ ଶକ୍ତି ଉତ୍ସକୁ ଦ୍ୱରାନ୍ୱିତ କରିବା ସହ ଦ୍ୱରାନ୍ୱିତ ଅଭିବୃଦ୍ଧି ଏବଂ ବିକାଶକୁ ଇନ୍ଧନ ଦେବା ପାଇଁ ସବୁଜ, ସୁଲଭ ବିକଳ୍ପକୁ ପର୍ଯ୍ୟାୟକ୍ରମେ ଚରଣ କରିଥାଉ ଏବଂ ଯୋଜନାଗୁଡ଼ିକ ପାଣ୍ଠି ଯୋଗାଣ ସହ ଏଜିଇଏଲ୍‌ର ଦ୍ୱରିତ ଅଭିବୃଦ୍ଧି ପଥ ହାସଲ କରିବାକୁ ଅନୁକୂଳ ସ୍ଥିତିରେ ରହିଛି ବୋଲି ଆଦାନୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୨୬।୧୨**

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୩୦ (୨୨୯.୮୪) ପଏଣ୍ଟ ବଢ଼ି ୭୧,୩୩୭(୭୧,୩୩୬.୮୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୨ (୯୧.୯୫) ପଏଣ୍ଟ ବୃଦ୍ଧି ଘଟି ୨୧,୪୪୧ (୨୧,୪୪୧.୩୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବିଓବି ବ୍ରୋ ସେଭିଂସ୍ ଆକାଉଣ୍ଟର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୬।୧୨**

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ନୂତନ ଉତ୍ପାଦ 'ବିଓବି ବ୍ରୋ ସେଭିଂସ୍ ଆକାଉଣ୍ଟ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୧୬ ରୁ ୨୫ ବର୍ଷ ବୟସର ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା 'ବିଓବି ବ୍ରୋ ସେଭିଂସ୍ ଆକାଉଣ୍ଟ' ଏକ ଜିରୋ ବାଲାନ୍ସ ସେଭିଂସ୍ ଆକାଉଣ୍ଟ ଭାବେ ଶୁଭାରମ୍ଭ ହୋଇଯାଇଛି। ଏପରିକି ବିଓବି ବ୍ରୋ ସେଭିଂସ୍ ଆକାଉଣ୍ଟ ଛାତ୍ରୀଛାତ୍ରଙ୍କୁ ବ୍ୟାଙ୍କିଙ୍ଗ୍ ପ୍ରୋଗ୍ରାମର ବିଭିନ୍ନ ସୁବିଧା ପ୍ରଦାନ କରିଥାଏ। ଏହା ସେମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବା ପାଇଁ କଷ୍ଟୋମାଇଜ୍ ହୋଇଛି ଏବଂ ସର୍ବନିମ୍ନ ବାଲାନ୍ସ ଆବଶ୍ୟକତା ନାହିଁ। ଏକ ଆଜୀବନ ମାଗଣା ଡେବିଟ୍ କାର୍ଡ ଏବଂ ଅନ୍ୟାନ୍ୟ କେତେକ ସୁବିଧା ସହ କାର୍ଯ୍ୟ କରିବା ସହଜ ଓ ସରଳ ହୋଇଛି। ବିଓବି ବ୍ରୋ ସେଭିଂସ୍ ଆକାଉଣ୍ଟରେ ଛାତ୍ରୀଛାତ୍ରଙ୍କ ପାଇଁ ସର୍ବନିମ୍ନ ବାଲାନ୍ସ ନ ଥିବା, ଶିକ୍ଷାଋଣ ଉପରେ ୧୫ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ସୁଧ ହାର ରିହାତି, ଶିକ୍ଷା ଋଣ ଉପରେ ପ୍ରକ୍ରିୟାକରଣ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ ଏବଂ ଇଲେକ୍‌ଟ୍ରୋନିକ୍ସ, କଞ୍ଜୁମର ଡ୍ୟୁରେବଲ୍‌ସ ଭଳି ବର୍ଗର ଶୀର୍ଷ ବ୍ରାଣ୍ଡ ଯଥା ଭ୍ରମଣ, ଖାଦ୍ୟ, ଫ୍ୟାଶନ, ମନୋରଞ୍ଜନ, ଲାଇଫଷ୍ଟାଇଲ୍, ଗ୍ରୋସେରି ଓ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଅଫର ସହ ଜୀବନବ୍ୟାପୀ ମାଗଣା ଭାବରେ ପ୍ଲାଟିନମ୍ ଡେବିଟ୍ କାର୍ଡ ଆଦି ଅଫର ରହିଛି। ଏ ସମ୍ପର୍କରେ ବ୍ୟାଙ୍କ ଅଫ୍ ବରୋଦାର ରିଟେଲ ଲାଏବିଲିଟିଜ୍ ଏବଂ ଏନ୍‌ଆର୍‌ଆଇ ବିଜ୍‌ନେସ୍‌ର ମୁଖ୍ୟ ମହାପ୍ରବନ୍ଧକ ରବୀନ୍ଦ୍ର ସିଂ ନେଗୀ କହିଛନ୍ତି, ଆଜିର ଯୁବପିଢ଼ି ସୁରକ୍ଷା ଏବଂ ସେବା ସହିତ ସେମାନଙ୍କ ବ୍ୟାଙ୍କ ସହିତ ଏକ ସମୃଦ୍ଧ, ଅଧିକ ବ୍ୟକ୍ତିଗତ ଏବଂ ଲାଭଦାୟକ ଅଭିଜ୍ଞତାର ଆଶା କରିଥାନ୍ତି। ବିଓବି ବ୍ରୋ ସେଭିଂସ୍ ଆକାଉଣ୍ଟ ଯୁବ ବୟସ୍କମାନଙ୍କୁ ବ୍ୟାଙ୍କିଙ୍ଗ୍ ଦୁନିଆ ସହ ପରିଚିତ କରାଇଥାଏ ଯାହା ସେମାନଙ୍କ ନିର୍ଦ୍ଦିଷ୍ଟ ବ୍ୟାଙ୍କିଙ୍ଗ୍ ଆବଶ୍ୟକତାଗୁଡ଼ିକର ଯତ୍ନ ନେଇଥାଏ ଏବଂ ସେମାନଙ୍କୁ ସେମାନଙ୍କ ସର୍ବାଧିକ ଗୁରୁତ୍ୱ ଦେଉଥିବା ବୈଶିଷ୍ଟ୍ୟ ଏବଂ ସୁବିଧାଗୁଡ଼ିକ ଉପଲବ୍ଧ କରାଇଥାଏ। ବବ୍ ବ୍ରୋ ବ୍ୟାଙ୍କିଙ୍ଗ୍‌କୁ ସରଳ କରିଥାଏ, ଯାହା ସେମାନଙ୍କୁ ସହଜରେ ସଞ୍ଚୟ ଏବଂ ଆର୍ଥିକ ସ୍ୱାଧୀନତା ଦିଗରେ ଯାତ୍ରା ଆରମ୍ଭ କରିବାକୁ ସକ୍ଷମ କରିଛି। ସେହିଭଳି ବ୍ୟାଙ୍କ ଅଫ୍ ବରୋଦାର ମାର୍କେଟିଂ ଓ ବ୍ରାଣ୍ଡିଂ ହେଡ୍ ଭି. ଜି. ସେନ୍ଥିଲ୍ କୁମାର କହିଛନ୍ତି, ଦ୍ରୁତଗତିରେ ପରିବର୍ତ୍ତିତ ପରିପ୍ରେକ୍ଷୀରେ ବ୍ୟାଙ୍କ ଅଫ୍ ବରୋଦା ନୂତନ ପିଢ଼ିର ଗ୍ରାହକଙ୍କ ପାଇଁ ପ୍ରାସଙ୍ଗିକ ଓ ଅର୍ଥପୂର୍ଣ୍ଣ ରହିବା ପାଇଁ ବିକଶିତ ତଥା ରୂପାନ୍ତରିତ ହେବାରେ ଲାଗିଛି।

**CLASSIFIED DISPLAY**

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open
JOIN AFTER
+2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏସ୍‌ୟୁଭି ବର୍ଗର ଅଲ ନ୍ୟୁ ଟାଟା ସଫାରି ଏବଂ ହ୍ୟାରିୟରକୁ ନିକଟରେ ଭାରତ ନ୍ୟୁ କାର୍ ଆସେସ୍‌ମେଣ୍ଟ ପ୍ରୋଗ୍ରାମ ( ଭାରତ-ଏନ୍‌ସିଏପି) ୫ ଷ୍ଟାର ରେଟିଂ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ,କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ନୀତିନ ଗଡକରୀଙ୍କଠାରୁ ଟାଟା ମୋଟର୍ସର ଏମ୍‌ଡି (ପିଭି ଆଣ୍ଡ ଇଭି ଡିଭିଜନ) ଶୈଳେଶ ଚନ୍ଦ୍ରା ଉକ୍ତ ପ୍ରମାଣପତ୍ର (୫ ଷ୍ଟାର ରେଟିଂ) ଗ୍ରହଣ କରୁଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଟାଟା ମୋଟର୍ସର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ଆଇଆର୍‌ଏସ୍ ସହ ଜିଜିଓଆଇର ବୁଝାମଣା

**ନୂଆଦିଲ୍ଲୀ,୨୬।୧୨**

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ସଂସ୍ଥା ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ୧୦୦% ଅଂଶୀଦାର (ସବ୍‌ସିଡାରି) ଆମେରିକୀୟ କମ୍ପାନୀ ଗେଲ୍ ଗ୍ଲୋବାଲ ୟୁଏସ୍‌ଏ ଇଙ୍କ୍ (ଜିଜିୟୁଆଇ) ଏବଂ ଇଣ୍ଟରନାଲ ରେଭିନ୍ୟୁ ସର୍ଭିସ୍ (ଆଇଆର୍‌ଏସ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଆସନ୍ତା ୫ବର୍ଷ ପାଇଁ ୟୁଏସ୍‌ଏରୁ ଏଲ୍‌ଏନ୍‌ଜି ରପ୍ତାନି ପାଇଁ ଉକ୍ତ ବୁଝାମଣା ହୋଇଛି। ଏପରିକି ଆଇଆର୍‌ଏସ୍ ଆଡଭାନ୍ସ ପ୍ରାଇସିଂ ଏଗ୍ରିମେଣ୍ଟ (ଏପିଏ) ଜରିଆରେ ଏଲ୍‌ଏନ୍‌ଜି ରପ୍ତାନି ନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ଚୁକ୍ତିପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏପିଏମ୍‌ଏର ନିର୍ଦ୍ଦେଶକ ଜନ୍ ୱାଲଙ୍କ ଜିଜିପିଆଇର ପ୍ରେସିଡେଣ୍ଟ ଅଜୟ ଚିତ୍ରେ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




**Classified Everyday**
**0674-2580101, 2549949**




**BRIDE WANTED**

Handsome Brahmin Boy 1990, 5'8" B.Tech (NIT), MBA (XIMB) Serving Manager MNC Bangalore, "Sunasansar". 9937512659, 8249969649. D-75285

Handsome Karan Boy Judicial Magistrate/ Bhubaneswar (Caste no bar) 'SUHAG'. 9938199964. D-2095

Unmarried Under Graduate ଜ୍ୟୋତିଷ ପାତ୍ରୀ (F) ଜ୍ୟୋତିଷ (M) ଘର ସମ୍ପର୍କ ନଂ.- 6370062866, Professiona Librarian (M). D-2109

**GROOM WANTED**

ବୟସ 33, Government Clerk ଥିବା ବ୍ରାହ୍ମିନ୍ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6370559357. D-75310

Wanted qualified groom 35-38yrs. Service/Business for a beautiful bride 34yrs. Ph.D. Continue Bhubaneswar. Caste no bar. 8917585202. D-74314




**SALE**

MARUTI EECO 2020 ac 5str 26000km for sale. Contact 9555990006. D-2096

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**SALE**

Ready to Move New (1BHK- Rs.11,00,000/) and (2BHK- Rs. 22,00,000/-) flats for sales at Sundarpada, Bhubaneswar. Contract: 7008346486. D-75509

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

Duplex sale at Bhubaneswar @57 lakhs only. Contact- 9777433701. D-75284

ପାହାଳ **Utkal Iconic** ନିକଟରୁ **500mtr.** ଦୂରତାରେ **yellowzone gharabari plot** ସମସ୍ତ ପ୍ରକାର ସୁବିଧା ଥାଇ ବିକ୍ରି ହେବ। **6370469894.** D-75286

**5 Bedroom new Construction individual duplex house sale at Gita Engineering College, NH-5 Goharia Chhak, Bhubaneswar cost@85lac (land area-1560sqft. built up-2426sqft.). Mob- 9938867397.** D-2114




**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75083

Newly open Spa positively health benefit with expert. Contact: 7749976301. D-2073

Spa Kerala body Massage best Therapist @ 699/- Bhubaneswar. Kajal- 9337672475. D-2097

New year special @ 1499 body Polishing/ Hammam/ Scrub/ Redwine. 9938843929. D-75180

Newly open Jyoti Spa positively health benefits (Expert Therapist). 8458067955. D-75179

ନିଜର ପ୍ରିୟଜନମାନଙ୍କୁ
ଜନ୍ମଦିନର ଓ ବିବାହ ଶୁଭେଚ୍ଛା
ଜଣାନ୍ତୁ କେବଳ ଟ୨୧୦/-
ରେ। ରଙ୍ଗୀନ ଟ୪୨୦/-
ରେ। (ଫଟୋ ସହ) ବି.ଦ୍ର.:
ଶୁଭେଚ୍ଛା ୬ସେମି. (H) X
୪ସେମି. (W)
ହେବା ଆବଶ୍ୟକ।




3bedroom drawing cum dining, 2washroom, one kitchen ground floor, in BJB nagar near radha krishna tample Bhubaneswar on rent, no space for 4wheeler. mob-9439012691, 9778037682. D-2111




Concrete Mixture Machine & Lift with Ladder available for Roof Slab Casting at Chief cost At- Phulanakhara, Cuttack. 8327792030 (HITULA), 9682013654 (ALLI BABU). D-75085

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସରୋଜିନୀ ମହାନ୍ତି**
ଆଗର, ଦାସକୁଦ, ଜଗତ୍‌ସିଂହପୁର
ଆବିର୍ଭାବ: ୦୫।୦୫।୧୯୪୮
ତିରୋଧାନ: ୧୭।୧୨।୨୦୨୩
ତୁମେ ଆମକୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଶୀର୍ବାଦ, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିର ସ୍ମରଣୀୟ ହୋଇ ରହିବ। ଆଜି ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର/ପୁତ୍ରବଧୂ, ନାତି/ନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୨୧୧୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



## ଓୟୁଏଟିର ନୂଆ କିସମ

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ତରଫରୁ ଚଳିତ ବର୍ଷ ବିକଶିତ ହୋଇଥିବା ନୂତନ କିସମ ମଧ୍ୟରେ ରହିଛି ଶ୍ରୀ ଅନ୍ନ ମାଣ୍ଡିଆର 'ଶ୍ରୀରତ୍ନ' ଏବଂ ବାଇଗଣର 'ଗୌରୀ'। ଏଥି ସହିତ ଧାନ ଫସଲର ୬ ଟି କିସମ, ମାଣ୍ଡିଆ, ମୁଗ, ଚିନାବାଦାମ, ସୋରିଷ ଓ ରାଶିର ଗୋଟିଏ ଲେଖାଁ କିସମ, ଲଙ୍କାମରିଚ, ବିଲାତି ବାଇଗଣ ଓ ଶିମ୍ବର ଗୋଟିଏ କିସମ, ମସଲା ଜାତୀୟ ଫସଲ ମଧ୍ୟରେ ଅଦାର ଦୁଇଟି ଏବଂ ହଳଦୀର ଦୁଇଟି କିସମ ରହିଛି। ଧାନ କିସମ ମଧ୍ୟରେ ଓୟୁଏଟି କଳିଙ୍ଗ ଧାନ-୧ (କୋଲାବ), ଓୟୁଏଟି କଳିଙ୍ଗ ଧାନ-୬ (ଭାର୍ଗବୀ), ଓୟୁଏଟି କଳିଙ୍ଗ ଧାନ-୭ (ବରୁଣେଇ) ଅନ୍ୟତମ।

## କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ମାନ୍ୟତା ପାଇଁ ବିଜ୍ଞପ୍ତି

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜିଓଗ୍ରାଫିକାଲ ଇଣ୍ଡିକେଶନ(ଜିଆଇ) ମାନ୍ୟତା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦି ଆଉ କେହି ଦାବିଦାର ନ ରହନ୍ତି, ତେବେ ଏହି ବାଇଗଣକୁ ଜିଆଇ ମାନ୍ୟତା ମିଳିଯିବ। ଉକ୍ତ ବାଇଗଣକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ଲାଗି ଦରଖାସ୍ତ ନଂ. ୭୩୯ରେ ବାଣପୁର ଗାଁର ନୀଳମାଧବ କୃଷି ସଙ୍ଗଠନ ପକ୍ଷରୁ ଆବେଦନ କରାଯାଇଥିଲା। ନୀଳରଙ୍ଗ ଏବଂ ଗୋଲାକାର ବିଶିଷ୍ଟ ଏହି ବାଇଗଣର ଗଛ, ପତ୍ର ଏବଂ ଫଳରେ କଣ୍ଟା ଥାଏ। ଉକ୍ତ ବାଇଗଣର ଆକାର ଛୋଟ ହୋଇଥିଲେ ମଧ୍ୟ ଅଧିକ ମଞ୍ଜି ଥାଏ ଏବଂ ଏହା ସ୍ୱାଦିଷ୍ଟ । ନୂଆ ଲଗାଯାଇଥିବା ବାଇଗଣ ଗଛରେ ୩୦-୩୫ ଦିନ ମଧ୍ୟରେ ଫଳ ଆସିଥାଏ।




## ଓଡ଼ିଶା ମତ୍ସ୍ୟ ଷ୍ଟଲ୍ ପୁରସ୍କୃତ

କେରଳର କୋଚିଠାରେ ଆୟୋଜିତ ୩ଦିନିଆ କୃଷି ବିଜ୍ଞାନ କଂଗ୍ରେସ ଏବଂ ଏକ୍ସ-ପୋ'ରେ ଓଡ଼ିଶା ମତ୍ସ୍ୟ ଷ୍ଟଲ୍‌କୁ 'ବେଷ୍ଟ ଏଗ୍ରି ଏକ୍ସପୋ ଷ୍ଟଲ୍ ଭାବରେ ପୁରସ୍କୃତ କରାଯାଇଥିଲା।






## ଦାରିଙ୍ଗିବାଡ଼ିରେ ଷ୍ଟ୍ରବେରି ଚାଷ

ଚଳିତ ବର୍ଷ ଆମ ରାଜ୍ୟର ଦାରିଙ୍ଗିବାଡ଼ିରେ ପ୍ରଥମ ଥର ପାଇଁ ଷ୍ଟ୍ରବେରି ଚାଷ କରାଯାଇଛି। ଗ୍ରୀନ୍‌ବାଡ଼ି ପଞ୍ଚାୟତର ଏଲିଜାବେଥ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଜିଲା ପ୍ରଶାସନ ସହାୟତାରେ ଏଭଳି ଉଦ୍ୟମ ସଫଳ ହୋଇଛି। ଏହି ଚାଷ ଥରେ ହେବା ପରେ ତାହା ଲଗାତର ୫ ବର୍ଷ ପର୍ଯ୍ୟନ୍ତ ଫଳିବ। ରାଜ୍ୟ କୃଷି ବିଭାଗ ପକ୍ଷରୁ ମାଟି ପରୀକ୍ଷା ପରେ ଏହି ଚାଷ ପାଇଁ ଅନୁମତି ଦିଆଯାଇଥିଲା।



ଶେଷାର୍ଦ୍ଧରେ ଉପନୀତ ୨୦୨୩। ଚଳିତ ବର୍ଷ କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ରରେ ଘଟିଥିବା ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା...

# ଦୃଷ୍ଟାନ୍ତ



## ବିଶ୍ୱ ଅଣ୍ଡା ଦିବସ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନ୍‌ଭେନଶନ ହଲ୍‌ରେ ବିଶ୍ୱ ଅଣ୍ଡା ଦିବସ ପାଳିତ। ମନୁଷ୍ୟର ସ୍ୱାସ୍ଥ୍ୟ ପାଇଁ ଅଣ୍ଡାର ଗୁଣବତ୍ତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିସହ ଲାଭଜନକ କୁକୁଡା ପାଳନ ଉପରେ ଉକ୍ତ ଉତ୍ସବରେ ଗୁରୁତ୍ୱାରୋପ କରାଯାଇଥିଲା।

## ଓଡ଼ିଶାକୁ ଗୋପାଳନ ରତ୍ନ ପୁରସ୍କାର

ଚଳିତବର୍ଷ ନଭେମ୍ବର ୨୬ରେ ଆସାମର ଗୁଆହାଟୀଠାରେ ଅନୁଷ୍ଠିତ ହୋଇଥିଲା ଜାତୀୟ ଦୁଗ୍ଧ ଦିବସ। ଏହି ଅବସରରେ ସମଗ୍ର ଦେଶରେ କୃତ୍ରିମ ପ୍ରଜନନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ଓଡ଼ିଶାକୁ ପ୍ରଶଂସା କରାଯାଇଥିଲା। ଉକ୍ତ ଦିବସରେ ରାଜ୍ୟ ସରକାରଙ୍କ ତରଫରୁ ମନୋନୀତ ଅନୁଗୋଳ ଜିଲାର ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ କୃତ୍ରିମ ପ୍ରଜନନକାରୀ ତଥା ବାଏଫ୍‌ରେ କାର୍ଯ୍ୟ କରୁଥିବା ଅନୀଲ କୁମାର ପ୍ରଧାନଙ୍କୁ ସମ୍ମାନଜନକ 'ଗୋପାଳନ ରତ୍ନ' ପୁରସ୍କାର ପ୍ରଦାନ କରାଯାଇଥିଲା। ଆସାମର ମତ୍ସ୍ୟ, ପଶୁପାଳନ ବିଭାଗ ମନ୍ତ୍ରୀ ପାଶୋତ୍ତମ ରୁପେର୍ଲା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପ୍ରତିନିଧି ଭାବରେ ନିକଟରେ ପ୍ରାଣୀ ସମ୍ପଦ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଭାବରେ ଅବସର ଗ୍ରହଣ କରିଥିବା ଡା. ବୀରକିଶୋର ପରିଡ଼ା ଯୋଗଦେଇଥିଲେ।

## ରାଜ୍ୟସ୍ତରୀୟ କୃଷି ଶିକ୍ଷା ମେଳା

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରେ ଚଳିତ ବର୍ଷ ୩ଦିନିଆ ରାଜ୍ୟସ୍ତରୀୟ କୃଷିମେଳା ଅନୁଷ୍ଠିତ ହୋଇଥିଲା। କୃଷି ଓ ଆନୁଷଙ୍ଗିକ ବୈଷୟିକ ଜ୍ଞାନକୌଶଳକୁ ଏଥିରେ ପ୍ରଦର୍ଶନ କରିବା ଏବଂ ଏହାର ବହୁଳ ପ୍ରଚାରପ୍ରସାର ଏହି ମେଳାର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ମେଳାରେ କୃଷିଜାତ ଦ୍ରବ୍ୟ ସହ ଖାଦ୍ୟ, ପୋଷାକ ମେଳା ମଧ୍ୟ ଦେଖିବାକୁ ମିଳିଥିଲା। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ପାଖାପାଖି ୭୧ ଷ୍ଟଲ୍ କରାଯାଇଥିଲା। ତା'ସହ ଓୟୁଏଟି ଦ୍ୱାରା ବିକଶିତ ନୂତନ କିସମ ଯନ୍ତ୍ରପାତି, ବିହନ ଆଦି ପ୍ରଦର୍ଶିତ ହୋଇଥିଲା। ଏଥିରେ ରାଜ୍ୟର ୪୦୦ କୃଷକ ଯୋଗଦେଇଥିଲେ। ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ଗୋଶାଳା ସମ୍ମିଳନୀ

ଭୁବନେଶ୍ୱରସ୍ଥ କୃଷି ଭବନରେ ରାଜ୍ୟସ୍ତରୀୟ ଗୋଶାଳା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଏବଂ ଏହି ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ। ରାଜ୍ୟର ଅନେକ ଗୋଶାଳାର ମାଲିକ ମଧ୍ୟ ଏହି ଅବସରରେ ସେଠାରେ ଉପସ୍ଥିତ ଥିଲେ। ଗୋଶାଳାର ଆର୍ଥିକ ଅନୁଦାନ ବୃଦ୍ଧି ସହ ବିଭିନ୍ନ ସମସ୍ୟା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।




## ଓୟୁଏଟିରେ କୃଷି ସାମ୍ବାଦିକତା କର୍ମଶାଳା

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ଚଳିତ ବର୍ଷ 'କୃଷି ସାମ୍ବାଦିକତା ଓ ଓଡ଼ିଶା କୃଷିର ରୂପାନ୍ତରୀକରଣ' ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଥିଲା। କୁଳପତି ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ଖବର ସରବରାହ ସଂସ୍ଥାର କର୍ମକର୍ତ୍ତା, ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଏହି କର୍ମଶାଳାରେ ଉପସ୍ଥିତ ଥିଲେ।



## ଜାତୀୟ ଦୁଗ୍ଧ ଦିବସ

ଚଳିତ ବର୍ଷ ନଭେମ୍ବର ୨୬ରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜାତୀୟ ଦୁଗ୍ଧ ଦିବସ ପାଳନ କରାଯାଇଛି। ଏଥିରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଭାଗୀୟ ପ୍ରମୁଖ ସଚିବ ସୁରେଶ ବଶିଷ୍ଠ ଏବଂ ନିର୍ଦ୍ଦେଶକ ରାମାଶିଷ୍ ହାଜରା ଯୋଗଦେଇଥିଲେ। ଏଥିରେ ମଧ୍ୟ ରାଜ୍ୟର ଅନେକ ଦୁଗ୍ଧଚାଷୀ ଅଂଶଗ୍ରହଣ କରିଥିଲେ।

## କୃଷି ଉଦ୍ୟାନ ଯୋଜନାରେ ସବ୍‌ସିଡି

ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟାନ ଯୋଜନାରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଏବଂ ପ୍ରାଣୀପାଳନ ନିମନ୍ତେ ରାଜ୍ୟର ଯୁବୋଦ୍ୟୋଗୀମାନଙ୍କୁ ଅଧିକ ଆତ୍ମନିର୍ଭରଶୀଳ କରାଇବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ ଲକ୍ଷରୁ ୧ କୋଟି ପର୍ଯ୍ୟନ୍ତ ସବ୍‌ସିଡି ଘୋଷଣା କରାଯାଇଥିଲା।

## ରାଜ୍ୟ କୃଷି ବିପଣନ ବୋର୍ଡ ପୁରସ୍କୃତ

ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡକୁ 'ସ୍କଚ୍-୨୦୨୩' ପୁରସ୍କାର ମିଳିଛି। କୃଷିରେ ରୌପ୍ୟ ବର୍ଗରେ ଇ-ନାମ୍ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଇ-ନାମ୍ ହେଉଛି ଏକ ପାନ୍-ଇଣ୍ଡିଆ ଅନ୍‌ଲାଇନ ପ୍ଲାଟ୍‌ଫର୍ମ। ଏହା କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ବିକଶିତ ହୋଇଛି।

## ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଯାନ ଲୋକାର୍ପିତ



ପ୍ରାଣୀମାନଙ୍କୁ ଭ୍ରାମ୍ୟମାଣ ସେବା ଯୋଗାଇଦେବା ପାଇଁ ୧୮୧ଟି ସ୍ୱତନ୍ତ୍ର ଡିଜାଇନ୍‌ର ଆମ୍ବୁଲାନ୍ସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ।

## ଏନ୍‌ଆର୍‌ଆର୍‌ଆଇର ନୂତନ କିସମ ଧାନ

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ପକ୍ଷରୁ ଚଳିତ ବର୍ଷ ବିକଶିତ ନୂଆ ଧାନ କିସମଗୁଡ଼ିକ ହେଲା- ସିଆର୍ ଧାନ ୮୦୭,ସିଆର୍ ଧାନ ୮୦୪,ସିଆର୍ ଧାନ ୮୦୮,ସିଆର୍ ଧାନ ୨୧୨,ସିଆର୍ ଧାନ ୨୧୪, ସିଆର୍ ଧାନ ୩୨୨,ସିଆର୍‌ଧାନ ୩୨୯ଏବଂ ସିଆର୍ ଧାନ ୩୩୧ । ଆସାମର ଜୋର୍‌ହାଟରେ ଆୟୋଜିତ ବାର୍ଷିକ ବୈଠକରେ ଅଖିଳ ଭାରତୀୟ ସମନ୍ୱିତ ଚାଉଳ ଅନୁସନ୍ଧାନ ପ୍ରକଳ୍ପର କିସମ ପରିଚୟନ ସମିତି ଦ୍ୱାରା ଏହି କିସମଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ଫସଲ ମାନକ,ଅଧିସୂଚନା ଏବଂ କିସମ ଉନ୍ମୋଚନ ପାଇଁ ଗଠିତ କେନ୍ଦ୍ରୀୟ ଉପ ସମିତି ଏହାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି କିସମଗୁଡ଼ିକ ଏକାଧାରରେ ୧୧ଟି ରାଜ୍ୟ ଯଥା ଉତ୍ତର ପ୍ରଦେଶ ,ଓଡ଼ିଶା, ବିହାର,ଝାଡ଼ଖଣ୍ଡ, ଛତିଶଗଡ଼ ,ମଧ୍ୟପ୍ରଦେଶ,ମହାରାଷ୍ଟ୍ର,ଗୁଜରାଟ, ଆନ୍ଧ୍ରପ୍ରଦେଶ,ତେଲଙ୍ଗାନା ଏବଂ ତାମିଲନାଡୁରେ ଚାଷ ପାଇଁ ଉପଯୋଗୀ।

## ଗୋ-ସମ୍ବର୍ଦ୍ଧନା

ଚଳିତ ବର୍ଷ ନଭେମ୍ବର ୧୪ରୁ ୨୦ ପର୍ଯ୍ୟନ୍ତ ରାଜ୍ୟରେ ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ବିଭିନ୍ନ ଜିଲାରେ ଗୋ-ପୂଜନ, ଗୋ-ପ୍ରଦର୍ଶନୀ, ସାଧାରଣ ସଭା ଏବଂ ଗୋ-ପାଳକମାନଙ୍କୁ ସମ୍ବର୍ଦ୍ଧନା ଆଦି ଆୟୋଜନ କରାଯାଇଥିଲା।





ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୭/୨୦୨୩ Bhubaneswar, Wednesday, December 27/ 2023

# ଭାରତର ବ୍ୟାଟିଂ ବିପର୍ଯ୍ୟୟ

**ସେଞ୍ଚୁରିଅନ୍, ୨୬।୧୨**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଘରୋଇ ବୋଲରମାନେ ପିଚ୍ ଓ ପରିବେଶରୁ ଫାଇଦା ଉଠାଇବାରେ ସକ୍ଷମ ହୋଇଥିବାବେଳେ ପ୍ରଥମ ଦିବସରେ ବର୍ଷା ଯୋଗୁ ଖେଳ ବନ୍ଦ ହେବା ବେଳକୁ ଭାରତ ୫୯ ଓଭରରେ ୮ ଉଇକେଟ ହରାଇ ୨୦୮ ରନ୍ ସଂଗ୍ରହ କରିଛି। ଲୋକେଶ ରାହୁଲ ୭୦ ରନରେ ଅପରାଜିତ ରହି ଭାରତ ସ୍କୋରକୁ ୨୦୦ ଅତିକ୍ରମ କରାଇଛନ୍ତି। ବର୍ଷା କାରଣରୁ ମ୍ୟାଚ୍ ୧୫ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା।

ଟସ୍‌ହାରି ଭାରତ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ସେଞ୍ଚୁରିଅନ୍‌ର ପେସ୍ ଓ ବାଉନ୍ସି ପିଚ୍‌ରେ ଭାରତୀୟ ଟପ୍ ଅର୍ଡର ଫେଲ୍ ମାରିଥିଲା। ମାତ୍ର ୨୪ ରନ୍‌ରେ ଦଳର ୩ ବ୍ୟାଟର ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ରୋହିତ ଶର୍ମା ୫, ଯଶସ୍ୱୀ ଜୟସ୍ୱାଲ ୧୭ ଓ ଶୁବମନ ଗିଲ ୨ ରନ୍ କରିବାକୁ ସକ୍ଷମ ହୋଇଥିଲେ। ମ୍ୟାଚ୍‌ର ପଞ୍ଚମ ଓଭରରେ ରୋହିତଙ୍କୁ ଆଉଟ କରି ଭାରତକୁ ପ୍ରଥମ ଝଟ୍‌କା ଦେଇଥିଲେ କାଗିସୋ ରାବାଡା। ଯଶସ୍ୱୀ ଜୟସ୍ୱାଲ ୪ ଚୌକା ସହିତ ୧୭ ରନ୍ କରିଥିବା ବେଳେ କ୍ୟାରିୟରର ପ୍ରଥମ ଟେଷ୍ଟ ଖେଳୁଥିବା ନାନ୍ଦ୍ରେ ବର୍ଗରଙ୍କ ଶିକାର ହୋଇଥିଲେ। ଏହାର ୨ ଓଭର ମଧ୍ୟରେ ଗିଲ୍ ୨ ରନ୍ କରି ବର୍ଗରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବିଶ୍ୱକପ ଫାଇନାଲ ପରେ ଆକ୍ସନକୁ ଫେରିଥିବା ବିରାଟ କୋହଲି (୩୮) ଓ ଶ୍ରେୟସ ଆୟର (୩୧) ଥରେ ଲେଖାଏ ଜୀବନଦାନ ପାଇ ଚତୁର୍ଥ ଉଇକେଟରେ ୬୮ ରନ୍ ଯୋଡିଥିଲେ। ପ୍ରଥମ ସେସନରେ ଭାରତ ୨୬ ଓଭରରେ ୩ ଉଇକେଟ ହରାଇ ୯୧ ରନ୍ ସଂଗ୍ରହ କରିଥିଲା। ତେବେ ଲଞ୍ଚ ପରବର୍ତ୍ତୀ ପ୍ରଥମ ଓଭରରେ ଆୟରଙ୍କୁ ଆଉଟ କରି ଭାରତକୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲେ ରାବାଡା। ଏହାର ୩ ଓଭର ପରେ ଷ୍ଟାର ବ୍ୟାଟର କୋହଲିଙ୍କୁ ସେ ତୃତୀୟ ଶିକାର ବନାଇଥିଲେ। କୋହଲି ୬୪ ବଲ୍ ଖେଳି ୫ ଚୌକା ସହିତ ୩୮ ରନ୍ କରିଥିବା ବେଳେ ଆୟର ୫୦ ବଲ୍ ଖେଳି ୩ ଚୌକା ସହ ୩୧ ରନ କରିଥିଲେ।


ଉଇକେଟ ନେବାପରେ ଉଲ୍ଲସିତ କାଗିସୋ ରାବାଡ଼ା।

**ପ୍ରଥମ ଟେଷ୍ଟ**
- ଲୋକେଶ ରାହୁଲଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ
- କାଗିସୋ ରାବାଡ଼ାଙ୍କୁ ୫ ଉଇକେଟ

ଲୋକେଶ ରାହୁଲ ଓ ଶାର୍ଦ୍ଦୂଳ ଠାକୁର ସତର୍କତାର ସହ ବ୍ୟାଟିଂ କରି ଇନିଂସ ଗଢ଼ିଥିଲେ। ତେବେ ୭ମ ଉଇକେଟରେ ୪୩ ରନର ଭାଗୀଦାରି ପରେ ଶାର୍ଦ୍ଦୂଳ ୨୪ ରନକରି ରାବାଡ଼ାଙ୍କ ୫ମ ଶିକାର ହୋଇଥିଲେ। ରବିଚନ୍ଦ୍ରନ ଅଶ୍ୱିନ ୮ ଓ ଯଶପ୍ରୀତ୍ ବୁମ୍‌ରା ମାତ୍ର ୧ ରନ କରି ପାରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ରାବାଡା ୫ ଉଇକେଟ ସଫଳତା ପାଇଥିବାବେଳେ ବର୍ଗର ୨ଟି ଓ ମାର୍କୋ ଜାନସେନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୦୮/୮ (ଲୋକେଶ ରାହୁଲ-୭୦*, ବିରାଟ କୋହଲି-୩୮, ଶ୍ରେୟସ ଆୟର-୩୧, କାଗିସୋ ରାବାଡ଼ା-୫/୪୪, ନନ୍ଦ୍ରେ ବର୍ଗର-୨/୫୦, ମାର୍କୋ ଜାନସେନ-୧/୫୨)।

# ପ୍ରଥମ ଦିବସରେ ଅଷ୍ଟ୍ରେଲିଆ ୧୮୭/୩

**ମେଲବୋର୍ନ, ୨୬।୧୨ (ଏପି)**

ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ପାକିସ୍ତାନ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ ଆରମ୍ଭ ହୋଇଛି। ବର୍ଷାରେ ପ୍ରଭାବିତ ଏହି ମ୍ୟାଚରେ ମାର୍ନସ ଲାବୁସେନଙ୍କ ଅପରାଜିତ ୪୪ ରନ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୧୮୭ ରନ କରିଛି। ପାକିସ୍ତାନ ଅଧିନାୟକ ଶନ ମାସୁଦ ମେଘୁଆ ପାଗରେ ଟସ୍ ଜିତି ଅଷ୍ଟ୍ରେଲିଆକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ହେଲେ ସିମ୍ ବୋଲରଙ୍କୁ ସୁହାଉଥିବା ଏହି ପିଚ୍‌ରୁ ସେ ଫାଇଦା ଉଠାଇ ପାରିଲେନି। ଓପନର ଡେଭିଡ ୱାର୍ନର (୮୩ ବଲ୍‌ରୁ ୩୮ରନ) ଏବଂ ଉସ୍‌ମାନ ଖ୍ୱାଜା (୧୦୧ ଲ୍‌ରୁ ୪୨ ରନ) ପାର୍ଟନରଶିପ୍ ଭାଙ୍ଗିବା ପୂର୍ବରୁ ପ୍ରଥମ ଉଇକେଟରେ ୯୦ ରନ ଯୋଗ କରିବାରେ ସମର୍ଥ ହୋଇଥିଲେ। ଆସନ୍ତା ତୃତୀୟ ଟେଷ୍ଟ ପରେ ଅବସର ନେବାକୁଥିବା ୱାର୍ନର ମଧ୍ୟାହ୍ନ ଭୋଜନ ପୂର୍ବରୁ ଶେଷ ଓଭରରେ ସ୍ପିନର ଆଘା ସଲମନଙ୍କ ବୋଲିଂରେ ଅଫ୍ ଷ୍ଟମ୍ପ ବାହାରେ ଏକ ଲୁଜ୍ ଶଟ ଖେଳିବାକୁ ଯାଇ ସ୍ଲିପ୍‌ରେ କ୍ୟାଚ ଆଉଟ ହୋଇଯାଇଥିଲେ। ପର୍ଥଠାରେ ପ୍ରଥମ ଟେଷ୍ଟରେ ୧୬୪ ରନ ସଂଗ୍ରହ କରିଥିବା ୩୭ ବର୍ଷୀୟ ୱାର୍ନରଙ୍କ ପକ୍ଷେ ସୌଭାଗ୍ୟର ବିଷୟ ଯେ, ସେ ଦୁଇ ଅଙ୍କ ସ୍କୋର କରିପାରିଛନ୍ତି। ୱାର୍ନର ବ୍ୟକ୍ତିଗତ ମାତ୍ର ୨ ରନ କରି ଖେଳୁଥିବା ବେଳେ ତୃତୀୟ ଓଭରରେ ଶାହିନ ଶାହା ଆଫ୍ରିଦି ବୋଲିଂରେ ପ୍ରଥମ ସ୍ଲିପ୍‌ରେ କ୍ୟାଚ ସୁଯୋଗ ଦେଇଥିଲେ। ଅବଦୁଲ ଶାଫିକ୍ କିନ୍ତୁ ଏହାକୁ ହାତଛଡ଼ା କରିଦେଇଥିଲେ। ମଧ୍ୟାହ୍ନ ଭୋଜନ ବେଳେ ୩୬ ରନ କରି ଅପରାଜିତ ରହିଥିବା ଖ୍ୱାଜା ପରେ ଆଉ ୬ ରନ ଯୋଗ କରି ହସନ ଅଲିଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ କ୍ୟାଚ ଆଉଟ ହୋଇଥିଲେ। ସେତେବେଳେ ସ୍କୋର ୧୦୮/୨ରେ ହୋଇ ଯାଇଥିଲା। ୨୦୨୩ରେ ଅଗ୍ରଣୀ ଟେଷ୍ଟ ସ୍କୋରର ଖ୍ୱାଜା ଇତିମଧ୍ୟରେ ୧,୨୧୦ ରନ କରିସାରିଛନ୍ତି। ବର୍ଷା ବାଧା ଦେବାରୁ ୩୭ ମିନିଟ ଆଗୁଆ ଚା’ ବିରତି ହୋଇଥିଲା।


ଉସମାନ ଖ୍ୱାଜାଙ୍କୁ ଆଉଟ କରିବାପରେ ହସନ ଅଲୀ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୬୬ ଓଭରରେ ୧୮୭/୩ (ମାର୍ନସ ଲବୁସେନ-୪୪*, ଉସ୍‌ମାନ ଖ୍ୱାଜା-୪୨, ଡେଭିଡ୍ ୱାର୍ନର-୩୮ ; ଆଘା ସଲମନ-୧/୫, ହସନ ଅଲି-୧/୨୮)।

# ଜାତୀୟ ହକି କ୍ୟାମ୍ପ ପାଇଁ ୩୪ ଜଣିଆ ମହିଳା ଦଳ


ମୁଖ୍ୟ କୋଚ୍ ଜାନେକ ସ୍କୁପମାନ।

**ବେଙ୍ଗାଲୁରୁ, ୨୬।୧୨ (ପି.ଟି.)**

ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଓ ଫାଇଭ୍ ଏ ସାଇଡ୍ ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ପକ୍ଷରୁ ଜାତୀୟ କ୍ୟାମ୍ପ ପାଇଁ ୩୪ ଜଣିଆ ମହିଳା ଦଳ ଘୋଷଣା କରାଯାଇଛି। ଭାରତୀୟ ମହିଳା ଦଳ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ହାସଲ କରି ନ ଥିବା ବେଳେ ରାଞ୍ଚିରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଖେଳାଯିବ। ଭାରତୀୟ ମହିଳା ହକି ଦଳ ବର୍ତ୍ତମାନ ପଞ୍ଚରାଷ୍ଟ୍ରୀୟ ଟୁର୍ନାମେଣ୍ଟ ପାଇଁ ସ୍ପେନର ଭାଲେନ୍ସିଆରେ ରହିଛି। ଟୁର୍ନାମେଣ୍ଟ ଶେଷ ହେବା ପରେ ଦଳ ଜାତୀୟ କ୍ୟାମ୍ପରେ ଯୋଗ ଦେବ। ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଜାନୁୟାରୀ ୧୩-୧୯ ପର୍ଯ୍ୟନ୍ତ ରାଞ୍ଚିରେ ଖେଳାଯିବ। ଭାରତ ଗ୍ରୁପ୍ ବି’ରେ ସ୍ଥାନ ପାଇଥିବା ବେଳେ ନ୍ୟୁଜିଲାଣ୍ଡ, ଇଟାଲୀ ଓ ଯୁକ୍ତରାଷ୍ଟ୍ର ଆମେରିକା ସମାନ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍ ଏ’ରେ ଜର୍ମାନୀ, ଜାପାନ, ଚିଲି ଓ ଚେକ୍ ରିପବ୍ଲିକ ରହିଛନ୍ତି। ପୂର୍ବରୁ ରାଞ୍ଚିରେ ଭାରତୀୟ ମହିଳା ଦଳ ଚମତ୍କାର ପ୍ରଦର୍ଶନ କରି ଓମେନ୍ସ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ବିଜୟୀ ହୋଇଥିଲା। ପଞ୍ଚରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଆମ ପାଇଁ ଅଲିମ୍ପିକ୍ସ ପ୍ରସ୍ତୁତିର ଲିଟମସ୍ ଟେଷ୍ଟ ବୋଲି କହିଛନ୍ତି ମୁଖ୍ୟ କୋଚ୍ ଜାନେକ୍ ସ୍କୋପମାନ୍। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଚମତ୍କାର ପ୍ରଦର୍ଶନ ପରେ ଆମେ ଆଉ ଭଲ ପ୍ରଦର୍ଶନ ପାଇଁ ପ୍ରୟାସ କରିବୁ। ଦଳ ବର୍ତ୍ତମାନ ଉଭୟ ଶାରୀରିକ ଓ ମାନସିକ ଭାବରେ ଦୃଢ ହେବାକୁ ପ୍ରୟାସ ଜାରି ରଖିଛି। ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ହାସଲ କରିବାକୁ ଏହା ଅନ୍ତିମ ସୁଯୋଗ ରହିଥିବା ବେଳେ ଏହାର ପୂର୍ଣ୍ଣ ବ୍ୟବହାର ପାଇଁ ପ୍ରୟାସ କରିବୁ ବୋଲି ସ୍କୁପମାନ ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଶେଷ ହେବା ପରେ ଭାରତୀୟ ଦଳ ଓମାନର ମସ୍କାଟ ଗସ୍ତ କରି ଜାନୁୟାରୀ ୨୪-୨୭ ମଧ୍ୟରେ ଫାଇଭ୍ ଏ ସାଇଡ୍ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବ।


କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ସମ୍ବର୍ଦ୍ଧିତ ସ୍କେଟରମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ୯୭ ସ୍କେଟର୍ସ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୬।୧୨**
**(ତପନ ସ୍ୱାଇଁ)**

ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ଓ ଓଡ଼ିଶା ସ୍କେଟିଂ ଏକାଡେମୀ ପକ୍ଷରୁ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ୯୭ ସ୍କେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସ୍କେଟରମାନେ ଗତ ଅଗଷ୍ଟ ୧୫ରେ କଳିଙ୍ଗ ଷ୍ଟାଡିୟମରେ ନନ୍‌ଷ୍ଟପ୍ ୫ ଘଣ୍ଟା ରୋଲର ସ୍କେଟିଂ ରିଲେ ମାରାଥନ କରି ଏସିଆ ପାସିଫିକ୍ ରେକର୍ଡ୍ସ, ଏକ୍ସଟ୍ରିମ ରେକର୍ଡ୍ସ ଓ ନ୍ୟାଶନାଲ ରେକର୍ଡ୍ସର ଅଧିକାରୀ ହୋଇଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ପର୍ବତାରୋହି ସିଦ୍ଧାର୍ଥ ରାଉତରାୟ, ସାମାଜିକ କର୍ମୀ ଧରିତ୍ରୀ ଗୌଡ଼, ଓଡ଼ିଶା ରୋଲର୍ସ ସ୍କେଟିଂ ଆସୋସିଏଶନ ଉପସଭାପତି ସତ୍ୟ ଜୟସିଂ, ସମ୍ପାଦକ ପାର୍ଥ ସାରଥି ଜେନା ଏବଂ ସଦସ୍ୟ ଜଗନ୍ନାଥ ରାଉତ, ସୌଦାମିନୀ ପାତ୍ର, ଇତିଶ୍ରୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଭାରତକୁ ଭାଗ୍ୟର ଆବଶ୍ୟକତା ରହିଛି’

**ନୂଆଦିଲ୍ଲୀ, ୨୬।୧୨ (ପି.ଟି.)**

ଦକ୍ଷିଣ ଆଫ୍ରିକାରେ ୩୧ ବର୍ଷ ପରେ ଏକ ଟେଷ୍ଟ ସିରିଜ ଜିତିବା ଲକ୍ଷ୍ୟରେ ରହିଛି ଭାରତ। କିନ୍ତୁ ଏଥିପାଇଁ ଟିକେ ଭାଗ୍ୟର ଆବଶ୍ୟକତା ରହିଛି ବୋଲି ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ପ୍ରକାଶ କରିଛନ୍ତି। ଭାରତ ପ୍ରଥମେ ୧୯୯୨ରେ ଦକ୍ଷିଣ ଆଫ୍ରିକା ଟୁର୍‌ରେ ଯାଇଥିଲା। ଏହାପରେ ଆହୁରି ୭ଟି ଟୁର୍‌ରେ ଯାଇ ଭାରତ କେବଳ ୪ଟି ଟେଷ୍ଟ ମ୍ୟାଚରେ ବିଜୟ ହାସଲ କରିପାରିଛି। ଯଦିଓ ଆମେ ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଟେଷ୍ଟ ସିରିଜ ଜିତିପାରିଛୁ କିନ୍ତୁ ଏହି ଦେଶରେ ଏପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ। ଦୁଇଥର ଆମେ ଭଲ ଖେଳି ଜିତିବା ପାଖାପାଖି ହୋଇପାରିଛୁ କିନ୍ତୁ ଜଟିଳ ପରିସ୍ଥିତିରୁ ଉଦ୍ଧାର ହୋଇ ନ ପାରି ପରାଜିତ ହୋଇଛୁ। ମହାନ ବ୍ୟାଟର ରାହୁଲ କହିଛନ୍ତି, ଦୁଇ ବର୍ଷ ପୂର୍ବେ ଗତ ଟୁର୍‌ରେ ଆମେ ଭଲ ବୋଲିଂ କରିଥିଲୁ। ଭାରତ ୧-୦ରେ ଅଗ୍ରଣୀ ଲାଭ କରି ମଧ୍ୟ ୩ ମ୍ୟାଚ ବିଶିଷ୍ଟ ସିରିଜରେ ପରାଜିତ ହୋଇଥିଲା। ବୋଲିଂରେ ଉନ୍ନତି ଘଟିଥିବାରୁ ଆମ ଦଳର ୨୦ ଉଇକେଟ ନେବାର ସାମର୍ଥ୍ୟ ରହିଛି। ଏଥିଯୋଗୁ ଆମର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ସୁପର ସ୍ପୋର୍ଟ ପାର୍କରେ ପ୍ରଥମ ଟେଷ୍ଟ ମ୍ୟାଚ ଆରମ୍ଭ ହେବା ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ଦ୍ରାଭିଡ ଏକଥା ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକୀୟ କଣ୍ଡିଶନରେ ଭଲ କରିବାକୁ ହେଲେ ଟିକେ ଭାଗ୍ୟର ଆବଶ୍ୟକତା ରହିଛି।

# ଏମ୍‌ବିଏସ୍ ଏକାଦଶ ୭୯ ରନରେ ବିଜୟୀ

**ଭୁବନେଶ୍ୱର, ୨୬।୧୨**
**(ତପନ ସ୍ୱାଇଁ)**

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଗଡ଼ ଗୋପୀନାଥ ପ୍ରସାଦ (ଜିଜିପି) ସ୍କୁଲ ପଡ଼ିଆରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱରର ଏମ୍‌ବିଏସ୍ ଏକାଦଶ ବିଜୟୀ ହୋଇଛି। ଏହି ଦଳ ୭୯ ରନରେ କଟକର ମାଭେରିକ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଏମ୍‌ବିଏସ

**ସନ୍ତୋଷ ମେମୋରିଆଲ କ୍ରିକେଟ**

ଏକାଦଶ ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୭୬ ରନ କରିଥିଲା। ଦଳ ପକ୍ଷରୁ ପଙ୍କଜ କୁମାର ଦାସ ୩୧ ବଲ୍‌ରୁ ସର୍ବାଧିକ ୯୩ ରନ କରିଥିଲେ। ବିପକ୍ଷ ଦଳର ପ୍ରିତମ ମହାନ୍ତି ୨ ଉଇକେଟ ନେଇଥିଲେ। ୧୭୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ମାଭେରିକ୍ସ ପୂରା ୧୨ ଓଭର ଖେଳିଥିଲେ ହେଁ ୯୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଅଭିଜିତ ଜେନା ସର୍ବାଧିକ ୨୮ ରନ କରିଥିବାବେଳେ ବିଜୟୀ ଦଳର ସସ୍ମିତ ପାଇକରାୟ ୩୧ ରନ ବିନିମୟରେ ୩ଟି ଉଇକେଟ ନେଇଥିଲେ। ଏମ୍‌ବିଏସ୍ ଏକାଦଶର ପଙ୍କଜ କୁମାର ଦାସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟର ସ୍ମୃତି ରଞ୍ଜନ ଦାସ ଓ ଶିବୁନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ ରେଫରିଥିଲେ ମନୀଷ କୁମାର ଦାସ। ଜଲେଶ୍ୱର ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ସନାତନ ମହାନ୍ତି ଓ ଟୋରେଣ୍ଟର ପରିଚାଳନା ନିର୍ଦ୍ଦେଶକ ଜଙ୍ଘାଶିଷ ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ।


ପଙ୍କଜ କୁମାର ଦାସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ମୁଜିବ୍, ନବୀନ, ଫାରୁକିଙ୍କୁ ମିଳୁନି ଏନ୍‌ଓସି

**କାବୁଲ, ୨୬।୧୨ (ପି.ଟି.)**

ଆଫଗାନିସ୍ତାନର ୩ ଖେଳାଳି ମୁଜିବ୍ ଉର ରେହମାନ, ନବୀନ ଉଲ୍ ହକ୍ ଓ ଫଜଲ୍ଲହକ୍ ଫାରୁକିଙ୍କୁ ଆଫଗାନିସ୍ତାନ କ୍ରିକେଟ ବୋର୍ଡ(ଏସିବି) ପକ୍ଷରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ପ୍ରଦାନ କରାଯିବାକୁ ମନା କରାଯାଇଛି। ଏହି ୩ ଖେଳାଳି ଜାତୀୟ ଦଳ ପାଇଁ ନ ଖେଳି ବିଭିନ୍ନ ଫ୍ରାଞ୍ଚାଇଜ କ୍ରିକେଟ ଖେଳିବାକୁ ପ୍ରାଧାନ୍ୟ ଦେଇଥିବା ବେଳେ ଏସିବି ଏଭଳି ନିଷ୍ପତ୍ତି ନେଇଛି। ୩ ଖେଳାଳି ଏସିବିର ସେଣ୍ଟ୍ରାଲ କଣ୍ଟ୍ରାକ୍ଟକୁ ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ଜାତୀୟ କ୍ରିକେଟର ହିତକୁ ଆଖି ଆଗରେ ରଖି ଏହି ୩ ଖେଳାଳିଙ୍କୁ ଆଗାମୀ ଦୁଇ ବର୍ଷ ଯାଏ ବିଦେଶୀ ଲିଗ୍‌ରେ ଖେଳିବାକୁ ଅନୁମତି ନ ଦେବା ଲାଗି ଏସିବି ନିଷ୍ପତ୍ତି ନେଇଛି। ଫଳରେ ଆସନ୍ତା ଆଇପିଏଲ୍‌ରେ ଏହି ୩ ଖେଳାଳିଙ୍କ ଅଂଶଗ୍ରହଣ କରିବାକୁ ନେଇ ଆଶଙ୍କା ଲାଗି ରହିଛି। ଏସିବିର ଅଫିସିଆଲ ୱେବ୍‌ସାଇଟ୍‌ରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। କିଛି ଖେଳାଳି ବ୍ୟକ୍ତିଗତ ସ୍ୱାର୍ଥକୁ ଜାତୀୟ ସ୍ୱାର୍ଥ ଅପେକ୍ଷା ପ୍ରାଧାନ୍ୟ ଦେଉଛନ୍ତି। ଆମେ ଏହାକୁ ବିରୋଧ କରୁଥିବା ବେଳେ ଏହାର ତଦନ୍ତ କରିବା ପାଇଁ ଏକ କମିଟି ଗଠନ କରାଯାଇଛି।

# କ୍ଲବ-୭୩ ସୁବର୍ଣ୍ଣ ଜୟନ୍ତୀ ଫୁଟବଲ ଆରମ୍ଭ

**ପ୍ରଥମ ଦିବସରେ କିଶୋର କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ**

**ଭୁବନେଶ୍ୱର, ୨୬।୧୨**
**(ତପନ ସ୍ୱାଇଁ)**

ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ କ୍ଲବ-୭୩ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସତ୍ୟବ୍ରତ ମହାପାତ୍ର ସ୍ମାରକୀ ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ବିଧାୟକ ଜୟନାରାୟଣ ମିଶ୍ର ଓ ସୁରେଶ କୁମାର ରାଉତରାୟ, ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ, ସତ୍ୟବ୍ରତଙ୍କ ବଡ଼ଭାଇ ବିଭୂଦତ୍ତ ମହାପାତ୍ର, ସ୍ପୋର୍ଟ୍ସ ଏମ୍ପୋରିୟମ ମାଲିକ ରୌନକ ଧୁପର ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ଲବ-୭୩ ସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସମ୍ପାଦକ ସୁବ୍ରତ କୁମାର ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ କିଶୋର କ୍ଲବ ୬-୦ ଗୋଲରେ କିଟ୍ ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପପୁ ମାଝି ହ୍ୟାଟ୍ରିକ ସହ ୭, ୩୪, ୫୪ ଓ ୬୦ତମ ମିନିଟରେ ଏକାକୀ ୪ଟି ଗୋଲ ଦେଇଥିବାବେଳେ ନିକେଶ ମୁଣ୍ଡା ୧୧ ଓ ଭବାନୀ ଶଙ୍କର ୩୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପପୁ ମାଝି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ କଟକର ରାଇଜିଂ ଷ୍ଟୁଡେଣ୍ଟ ୧-୦ ଗୋଲରେ ୟୁନିଟ-୬କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଭାବଗ୍ରାହୀ ପରିହା ୩୨ତମ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ସେକ୍ ସାକିବ ଶାହାଜାଦ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଥମ ମ୍ୟାଚରେ କ୍ଲବ-୭୩ ଉପସଭାପତି ସିଦ୍ଧାର୍ଥ ପାଢ଼ୀ ଏବଂ ଦ୍ୱିତୀୟ ମ୍ୟାଚରେ ପ୍ରଦ୍ୟୁମ୍ନ ବଳିୟାରସିଂ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ୫୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ୮ ଦଳକୁ ନେଇ ହେଉଥିବା ଏହି ପ୍ରତିଯୋଗିତା ୨୯ ତାରିଖରେ ଶେଷ ହେବ।


ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ